RNI No.ODIODI/2010/33031
୧୭ ବର୍ଷ Volume-17
ISSUE -88 ସଂଖ୍ୟା-୮୮
ଭୁବନେଶ୍ୱର, ଶନିବାର ୧୩ ଜୁନ୍ ୨୦୨୬
Bhubaneswar,Saturday 13 June, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ମୌଳିକ ସୁବିଧା ପୂରଣ କରୁଛନ୍ତି ସରକାର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୬(ନି.ପ୍ର.): ଭାରତୀୟ ଜନତା ପାର୍ଟି ନେତୃତ୍ୱରେ ବିଜେପି ସରକାର ଓଡିଶାରେ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଆମ ସରକାରରେ ୧୨୧ଟି ନୂଆ ଯୋଜନା ଲାଗୁ ହୋଇଛି। ଏବେ ଆପଣ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରି ପାରୁଛନ୍ତି। କିନ୍ତୁ ଗଲା ୨୪ ବର୍ଷରେ କଥାକଥିତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବାର ସୁଯୋଗ ନଥିଲା। ପ୍ରତ୍ୟେକ ଗାଁରେ ପାଣି, ରାସ୍ତା, ବିଦ୍ୟୁତ୍ ସ୍ୱାଧୀନତା ପରେ ବି ମୌଳିକ ସୁବିଧା ନଥିଲା। ମିସନ ପାୱାରରେ ମିସନ ମୋଡରେ ଆମ ସରକାର ଏଗୁଡ଼ିକୁ ପୂରଣ କରୁଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୪ ବର୍ଷ ଧରି ଗଲା ସରକାର କରିନଥିଲେ। କିଏ ତାଙ୍କ ହାତ ବାନ୍ଧି ଥିଲା ଆମ ସରକାରଙ୍କ ପ୍ରଥମ କ୍ୟାବିନେଟରେ ମହିଳାଙ୍କ ପାଇଁ ପ୍ରଥମ ଯୋଜନା ସୁଭଦ୍ରା ଥିଲା। ଏହି ଦୁଇ ବର୍ଷରେ ୨୦ହଜାର ୬୦୦ଶହ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୧୩ଶହ କନ୍ୟାଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବିବାହ କରାଯାଇଛି। ୨୩ଲକ୍ଷ ୫୦ହଜାର ଲକ୍ଷପତି ଦିଦି ସୃଷ୍ଟି କରି ଦେଶରେ ରେକଡ କରିଛୁ। ଗତ ୭ତାରିଖ ସୁଦ୍ଧା ୧୮ଲକ୍ଷ ୮୩ହଜାର ଚାଷୀଙ୍କ ଠାରୁ ୭୭ଲକ୍ଷ ମେଟ୍ରିକ ଟନ୍ ଧାନ କିଣା ଯାଇଛି। କୃଷକ ସମୃଦ୍ଧି ଯୋଜନା ଆସିଛି।ଆଜିଠାରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରାଜ୍ୟ ସରକାର ଆରମ୍ଭ କରିବାକୁ ଯାଉଛନ୍ତି। ଏବେ ଲୋକମାନେ ରାସନ୍ କାର୍ଡ ଦ୍ୱାରା ମୁଣ୍ଡ ପିଛା ୧୦କିଲୋ ଚାଉଳ ପାଇବେ। ୮ହଜାର ୮୧୩କୋଟି ସରକାର ଖର୍ଚ୍ଚ ହେବ। କେବଳ ସ୍କୁଲରେ ପୂର୍ବ ସରକାର ରଙ୍ଗ ମାରିଥିଲେ। କିନ୍ତୁ ୨୪ବର୍ଷ ଭିତରେ ତାଙ୍କର ମନ ପଡୁନଥିଲା। ରାଜନୈତିକ ଉଦ୍ଦେଶ୍ୟ ରଖି ଜାତୀୟ ଶିକ୍ଷା ନୀତି ଲାଗୁ କରିନଥିଲେ। ଆମ ସରକାର ଆସିବା ପରେ ଏହାକୁ ଲାଗୁ କରିଛନ୍ତି। ଆମ ସରକାର ୩୨୨ ଗୋଦାବରୀଶ ମିଶ୍ର ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୁଇ ବର୍ଷରେ ୨୬ହଜାରରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ସରକାର ସରକାରୀ ନିଯୁକ୍ତିରେ ପ୍ରତିବନ୍ଧକ ସାଜିଥିଲା। ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଖୋଲିଛନ୍ତି। କେଜିରୁ ପିଜି ଯାଏଁ ସମ୍ପୂର୍ଣ୍ଣ ଦେୟମୁକ୍ତ ପାଠ ପଢ଼ିବେ ପିଲା ମୁଁ ଘୋଷଣା କରୁଛି। ପରିବାର ଲୋକ ଅର୍ଥିକରେ ଆଉ ସମସ୍ୟାରେ ପଡ଼ିବେ ନାହିଁ।

ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରପୂର ରହିଛି। ଏହାକୁ ଠିକ୍ ଭାବରେ ପରିଚାଳନା କରାଯିବ। ୨୦ଲକ୍ଷ କୋଟି ନିବେଶ ପାଇଛୁ। ୧୭କୋଟି ଲକ୍ଷ କାର୍ଯ୍ୟକାରୀ ହୋଇଛି। ବିଭିନ୍ନ ଦେଶ ଓ ରାଜ୍ୟରେ ରୋଡ ସୋ' ସରକାର କରି ଏ ସଫଳତା ହାସଲ କରିଛନ୍ତି। ରାଜ୍ୟର ସବୁ ଜିଲ୍ଲାରେ ହେବ ଶିଳ୍ପ। ଏହା ଆମର ସଂକଳ୍ପ ରହିଛି।

ରାଜ୍ୟର ଆଇନ ଶୃଙ୍ଖଳାକୁ ନେଇ ଅନେକ ପ୍ରଶ୍ନ। ରାଜନୈତିକ ରୂପ ଆଇନ ଶୃଙ୍ଖଳା ଧାରଣ କରିଛି। କେଉଁ କେଶରେ ଅଭିଯୁକ୍ତ ଗିରଫ କରାଯାଇ ନାହିଁ କୁହନ୍ତୁ। ସମସ୍ତେ ଗିରଫ ହୋଇଛନ୍ତି ଦଣ୍ଡ ପାଉଛନ୍ତି। ଯଦି ବିରୋଧୀ କିଛି ଘଟଣାରେ ମତ ଦେବାକୁ ଚାହୁଁଛନ୍ତି ମୋତେ କୁହନ୍ତୁ। ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଆମ ସରକାର ସଂକଳ୍ପ ବଧ ଦଣ୍ଡ ଦେବା କ୍ଷେତ୍ରରେ। ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା ଆମର ଦାୟିତ୍ୱ। ବିରୋଧୀ ଦଳ ନେତା କୁହନ୍ତୁ ଅପରାଧୀଙ୍କୁ କରିବୁନି ଦଣ୍ଡିତ ତ କାହାକୁ କରିବୁ। ୭୭ ଏକରରେ ସାଇନ୍ସ ସିଟି ଭୁବନେଶ୍ୱରରେ କରିବାକୁ ଯାଉଛନ୍ତି ସରକାର। ତିନୋଟି ସେମିକଣ୍ଡକଟରେ କରାଯାଇଛି। ୧ହଜାର ୭୫ଟି ରାଜସ୍ୱ ଗ୍ରାମ କରାଯାଇଛି।

୨୮ହଜାର ୫୭୧ ଜଣଙ୍କୁ ବସୁନ୍ଧରାରେ ଜମି ଦିଆଯାଇଛି। ବ୍ରିକ୍ସ ରାଷ୍ଟ୍ର ସମୂହ ଆମ ସରକାରଙ୍କୁ ପ୍ରଶଂସା ମିଳିଛି। ଗତ ସରକାର ସମୟରେ ରାଜୀବ ଭବନକୁ ଠିକାଦାରଙ୍କ ଆଡା ସ୍ଥଳୀରେ ପରିଣତ କରାଯାଇଥିଲା। ସେଥିରୁ ଆମ ସରକାର ମୁକ୍ତ କରିଛନ୍ତି। ୧୫ହଜାର ହେକ୍ଟର ଜମିକୁ ୪ବର୍ଷରେ ଜଳସେଚନ ହେବ। ଅନୁସୂଚିତ ଜନଜାତି ଉନ୍ନତି ହେବା ଆବଶ୍ୟକ। କାହିଁକିନା ଜନସଂଖ୍ୟାର ୪୦ ପ୍ରତିଶତ ସେହି ସମ୍ପ୍ରଦାୟରୁ ଆସୁଛନ୍ତି। ଗତ ୧୩ବର୍ଷରେ ଦୁଇରୁ ତିନିଟି ଟିଏସି ବୈଠକ ହୋଇଥିଲା କିନ୍ତୁ ଆମ ସରକାର ଆସିବା ଦିନଠାରୁ ବୈଠକ କରି ବିସ୍ତାର ରୂପରେଖ ପ୍ରସ୍ତୁତ କରୁଛୁ। ୮୦ବର୍ଷରୁ ଅଧିକ କିମ୍ବା ୮୦ ପ୍ରତିଶତ ଭିନ୍ନ କ୍ଷମ ବ୍ୟକ୍ତିଙ୍କୁ ୩୧ଶହ ଟଙ୍କା ଦେଉଛୁ। ୬ଲକ୍ଷ ହିତାଧିକାରୀଙ୍କୁ ସେଚୁରନ ମୋଡରେ ଭତାରେ ଦେଉଛୁ। ଗଲା ଦୁଇ ମାସରୁ ଅଧିକ ସମୟ ହେବ ଭତ୍ତା ଦିଆଯାଇ ନଥିବା ସମସ୍ୟା ଆସିଛି କିନ୍ତୁ ଏହା କେନ୍ଦ୍ର ସରକାରଙ୍କର ସମସ୍ୟା। ଟେକ୍ନିକାଲ ସମସ୍ୟା ପାଇଁ ଅର୍ଥ ପ୍ରଦାନ କରାଯାଇ ପାରୁ ନାହିଁ। ଗୋଟେ ମାସର ନୁହେଁ ଏକକାଳୀନ ତାଙ୍କୁ ତିନି ମାସର ଭତ୍ତା ଦେବେ ସରକାର। ୩୫ଲକ୍ଷ ଯୋଗ୍ୟ ଲୋକଙ୍କୁ ପକ୍କା ଘର ଦିଆଯିବ। ପ୍ରତ୍ୟେକ ବର୍ଷ ୧୦ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ରାଜ୍ୟକୁ ଯୋଗାଇବେ କେନ୍ଦ୍ର।



୪୫୫୧ଜଣ ଶ୍ରୀ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କୁ ଆସି ଦର୍ଶନ କରିଛନ୍ତି। ଫାଷ୍ଟ ଡେଷ୍ଟିନେସନ କରିବେ ସରକାର। ୨ବର୍ଷରେ କୌଣସି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହୋଇନାହିଁ। ୨୦୨୭ ସୁଦ୍ଧା ସବୁ ଗାଁକୁ ବିଜୁଳି ଯୋଗାଇବେ ସରକାର। ୨୪ବର୍ଷ ଶାସନରେ ଗଲା ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ତାଙ୍କ ଗୁହାରି ଶୁଣାଇ ପାରୁ ନଥିଲେ। ଆମ ସରକାର ଆସିବା ମାତ୍ରେ ଶୁଣାଣି କରୁଛନ୍ତି ଲୋକଙ୍କ ସମସ୍ୟା। ୧୪ହଜାରରୁ ଅଧିକ ଅଭିଯୋଗ ଆସିଛି ତନ୍ ମଧ୍ୟରୁ ୯୫ ପ୍ରତିଶତ ସମାଧାନ କରାଯାଇଛି। ସବୁ ବିଭାଗରେ ପଦ ପଦବୀ ପୂର୍ବ ସରକାର କରିନଥିଲେ ଠିକରେ ନିଯୁକ୍ତି ଦେଇ ଚଳାଉଥିଲେ। ଲୋକସେବା ଭବନ ହେଉ କି ବିଧାନସଭା ଭବନରେ କଟକଣା ଗଣମାଧ୍ୟମ ପାଇଁ ଲଗାଇଥିଲେ ପୂର୍ବ ସରକାର। ୩୧୪ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯିବ। ୪ହଜାର ୧୨୪କୋଟି ଟଙ୍କା ସରକାର ସେଥିପାଇଁ ରଖିଛନ୍ତି। ଆର୍ଥିକ ସୁପରିଚାଳନାରେ ଆମେ ଶୃଙ୍ଖଳା ରକ୍ଷା କରିଛୁ। ଜାତୀୟ ହାରଠାରୁ ଆମର ଅଭିବୃଦ୍ଧି ଅଧିକ ରହିଛି।

## ଡଙ୍ଗା ଓଲଟି ୨ ଯୁବକ ନିଖୋଜ

ଅନୁଗୋଳ,୧୨।୬(ନି.ପ୍ର.): ବ୍ରାହ୍ମଣୀ ନଦୀରେ ମାଛ ଧରିବାକୁ ଯାଇ ଅଘଟଣର ଶିକାର ହେଲେ ଯୁବକ। ହଠାତ୍ ଆସିଥିବା ଝଡ଼ ଯୋଗୁଁ ଡଙ୍ଗା ଓଲଟି ଯିବାରୁ ଦୁଇ ଜଣ ଯୁବକ ନିଖୋଜ ହୋଇଯାଇଛନ୍ତି। ଘଟଣାଟି ଘଟିଛି ଅନୁଗୋଳ ଜିଲ୍ଲାରେ।ସୂଚନା ଅନୁଯାୟୀ, ଅନୁଗୋଳ ଜିଲ୍ଲା ଖମାର ଥାନା ଅନ୍ତର୍ଗତ ନନ୍ଦିଝରି ଗାଁର କିଛି ଯୁବକ ଗତକାଲି (ଗୁରୁବାର) ସନ୍ଧ୍ୟାରେ ବ୍ରାହ୍ମଣୀ ନଦୀକୁ ମାଛ ଧରିବା ପାଇଁ ଯାଇଥିଲେ। ସେମାନେ ନଦୀ ମଝିରେ ଥିବାବେଳେ ହଠାତ୍ ପାଗ ବଦଳି ଯାଇଥିଲା। ପ୍ରବଳ ପବନ ଓ ଝଡ଼ ଯୋଗୁଁ ଡଙ୍ଗାଟି ଭାରସାମ୍ୟ ହରାଇ ନଦୀ ମଝିରେ ଓଲଟି ପଡ଼ିଥିଲା।ଡଙ୍ଗାରେ ଥିବା କିଛି ଯୁବକ ପହଁରି ପହଁରି କୂଳକୁ ଫେରି ଆସିଥିଲେ। ତେବେ ଦୁଇ ଜଣ ଯୁବକ ନଦୀରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ନିଖୋଜ ଯୁବକଙ୍କ ମଧ୍ୟରୁ ଜଣଙ୍କ ପରିଚୟ ଅନିଲ ଜାମୁଣ୍ଡା ବୋଲି ଜଣାପଡ଼ିଥିବା ବେଳେ ଅନ୍ୟ ଜଣଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ଓଡିଶା ଛୁଇଁଲା ମୌସୁମୀ ବାୟୁ

ଭୁବନେଶ୍ୱର,୧୨।୬(ନି.ପ୍ର.): ଓଡିଶା ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ରଜର ଦୁଇ ଦିନ ପୂର୍ବରୁ ଓଡିଶାରେ ପ୍ରବେଶ କରିଛି ମୌସୁମୀ ବାୟୁ। କେରଳମ୍ ଛୁଇଁବାର ୮ ଦିନ ପରେ ଓଡିଶାରେ ପହଞ୍ଚିଛି ମୌସୁମୀ ବାୟୁ।ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ରାଜ୍ୟର ଉତ୍ତର ଭାଗକୁ ଅଗ୍ରସର ହେଉଛି ମୌସୁମୀ ବାୟୁ। ପାରାଦୀପ ଓ ବାରିପଦା ମଧ୍ୟ ଦେଇ ଗତି କରୁଛି ମୌସୁମୀ ବାୟୁ।



ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଆଜି ଓଡିଶାରେ ମୌସୁମୀ ପ୍ରବେଶ କରିଛି। ରାଜ୍ୟର ବହୁତ କମ୍ ଅଞ୍ଚଳକୁ ମୌସୁମୀ ପ୍ରବେଶ କରିଛି। ପାରାଦୀପ, ବାଲେଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନ, ଭଦ୍ରକ ଓ ମୟୂରଭଞ୍ଜର କିଛି ସ୍ଥାନ ଦେଇ ମୌସୁମୀ ଅଗ୍ରସର ହୋଇଛି। ଓଡିଶା ମଧ୍ୟକୁ ମୌସୁମୀ ବାୟୁ ଆହୁରି ଅଗ୍ରସର ହେବା ପାଇଁ ସ୍ଥିତି ଏବେ ବେଶ୍ ଅନୁକୂଳ ରହିଛି।

ଜୁନ୍ ୪ ତାରିଖରେ କେରଳମ୍ ଛୁଇଁ ଥିଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ସାଧାରଣତଃ ଜୁନ୍ ୧ ତାରିଖରେ ମୌସୁମୀ ବାୟୁ କେରଳମ୍ ପହଞ୍ଚିଥାଏ। ଚଳିତ ବର୍ଷ ମେ' ୨୬ ତାରିଖରେ ମୌସୁମୀ ବାୟୁ କେରଳମ୍ ଛୁଇଁବ ବୋଲି ଆଇଏମ୍‌ଡି ପକ୍ଷରୁ ପ୍ରଥମେ ଆକଳନ କରାଯାଇଥିଲା। କିନ୍ତୁ ପରେ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ ଏଥର ଦକ୍ଷିଣ-ପଶ୍ଚିମ ମୌସୁମୀ ଜୁନ୍ ୪ ତାରିଖରେ କେରଳମ୍ ଛୁଇଁବ। ଆଉ ଆଇଏମ୍‌ଡିର ସେହି ଆକଳନ ଅନୁସାରେ ମୌସୁମୀ ବାୟୁ ଜୁନ୍ ୪ (ଆଜି) କେରଳମ୍ ଛୁଇଁଥିଲା।

# ମସ୍କ ବନିଲେ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର

ନୂଆଦିଲ୍ଲୀ,୧୨।୬: ପୂର୍ବରୁ ବିଶ୍ୱ ଧନୀ ତାଲିକାରେ ଯାହା ଘଟି ନଥିଲା, ଏବେ ସେମିତି କିଛି ଘଟିଛି। ବିଶ୍ୱର କୌଣସି ଧନୀ ଯେଉଁ ସଫଳତା ପାଇ ନଥିଲେ, ଏବେ ଟେସଲା ଓ ସ୍ପେସଏକ୍ସ ମୁଖ୍ୟ ଏଲନ ମସ୍କ ତାହା ହାସଲ କରିଛନ୍ତି।ମସ୍କ ବନି ଯାଇଛନ୍ତି ବିଶ୍ୱର ପ୍ରଥମ ଟ୍ରିଲିୟନେୟାର। ସ୍ପସଏକ୍ସର ଆଇପିଓ ପରେ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟର ମୂଲ୍ୟ ବୃଦ୍ଧି ପାଇଛି। ଏବେ ତାଙ୍କ ମୋଟ ସମ୍ପତ୍ତିର ପରିମାଣ ୧.୧ ଟ୍ରିଲିୟନ ଡଲାର ଅତିକ୍ରମ କରି କରି ଯାଇଛି।



କମ୍ପାନୀ ଦାଖଲ କରିଥିବା ତଥ୍ୟ ଓ ଫୋର୍ବସର ଆକଳନ କହିଛି ଯେ ସ୍ପେସଏକ୍ସ ଶେୟାର ବଜାରରେ ଟ୍ରେଣ୍ଡିଂ କରିବା କ୍ଷଣି ମସ୍କଙ୍କ ମୋଟ ସମ୍ପତ୍ତି ପ୍ରାୟ ୧.୧ ଟ୍ରିଲିୟନ ଡଲାରେ ପହଞ୍ଚି ଯାଇଛି। ରକେଟ୍, ସ୍ୟାଟେଲାଇଟ୍ ଓ କୃତ୍ରିମ ବୁଦ୍ଧିମତା ବା ଏଆଇ କ୍ଷେତ୍ରରେ କାର୍ଯ୍ୟରତ ସ୍ପେସଏକ୍ସ ମସ୍କଙ୍କ ସମ୍ପତ୍ତିକୁ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସ୍ପେସଏକ୍ସ ଆଇପିଓ ପୂର୍ବରୁ ମସ୍କଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ୯୭୧ ବିଲିୟନ ଡଲାର ଥିଲା। ଏହି ସମୟରେ ଧନୀ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ଆଲଫାବେଟର ସହ ପ୍ରତିଷ୍ଠାତା ଲାରୀ ପେଜଙ୍କ ପାଖରେ ପ୍ରାୟ ୩୦୪ ବିଲିୟନ ଡଲାର ରହିଥିଲା। ଅର୍ଥାତ୍ ମସ୍କ ପୂର୍ବରୁ ହିଁ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତିଠାରୁ ତିନିଗୁଣରୁ ଅଧିକ ସମ୍ପତ୍ତିର ମାଲିକ ହୋଇ ରହିଥିଲେ।

ଏବେ ଏହା ଆହୁରି ବଢ଼ି ଯାଇଛି। ମସ୍କଙ୍କ ସମ୍ପତ୍ତି ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ଅନେକ ଦେଶର ବାର୍ଷିକ ଅର୍ଥନୀତି ଠାରୁ ମଧ ଏହା ଅଧିକ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବା ଆଇଏମଏଫର ଆକଳନ ଅନୁଯାୟୀ,ବର୍ତ୍ତମାନ ତାଇୱାନ ପ୍ରାୟ ୯୭୬.୭ ବିଲିୟନ ଡଲାରର ଅର୍ଥନୀତି। ହେଲେ ମସ୍କ ତାଇୱାନ ଭଳି ଦେଶର ମୋଟ ଅର୍ଥନୀତି ଠାରୁ ଅଧିକ ଧନୀ।ତାଇୱାନ ବିଶ୍ୱ ଏଆଇ ଚିପ୍ସ ଓ ସେମି କଣ୍ଡକ୍ଟର ଉତ୍ପାଦନର ପ୍ରମୁଖ କେନ୍ଦ୍ର। ତଥାପି ସ୍ପସଏକ୍ସର ମାଲିକ ତାଇୱାନକୁ ପଛରେ ପକାଇ ଦେଇଛନ୍ତି। ଖାଲି ସେତିକି ନୁହେଁ, ମସ୍କଙ୍କ ଭାରତର ମୋଟ ଜିଡିପିର ଏକ ଚତୁର୍ଥାଂଶ ସହ ସମାନ। ଭାରତର ଜିଡିପି ଏବେ ୪.୧୫ ଟ୍ରିଲିୟନ ଡଲାର।

ସ୍ପେସଏକ୍ସର ୭୫ ବିଲିୟନ ଡଲାରର ଐତିହାସିକ ଆଇପିଓ ମସ୍କଙ୍କ ସମ୍ପତ୍ତିରେ ସବୁଠାରୁ ବଡ଼ ବୃଦ୍ଧି ଘଟାଇଛି। ବର୍ତ୍ତମାନ ସ୍ପସଏକ୍ସରେ ତାଙ୍କ ଶେୟାରର ମୂଲ୍ୟ ପ୍ରାୟ ୮୬୬ ବିଲିୟନ ଡଲାର ରହିଛି। ଏହା ତାଙ୍କ ମୋଟ ସମ୍ପତ୍ତିର ସବୁଠାରୁ ବଡ ଅଂଶ। ଏହାବାଦ ଟେସଲା ଓ ଅନ୍ୟାନ୍ୟ କମ୍ପାନୀରେ ମଧ ମସ୍କଙ୍କ ଭାଗ ରହିଛି। ଏସବୁକୁ ମିଶାଇଲେ, ତାଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୧.୧ ଟ୍ରିଲିୟନ ଡଲାର ହୋଇଯାଇଛି।

୧୯୭୧ ମସିହାରେ ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ଜନ୍ମଗ୍ରହଣ କରିଥିବା ମସ୍କ ଆମେରିକାର ପେନସିଲଭାନିଆ ବିଶ୍ୱବିଦ୍ୟାଳୟରୁ ୧୯୯୭ରେ ଡିଗ୍ରୀ ହାସଲ କରିଥିଲେ। ଏବେ ସେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇ ରହିଛନ୍ତି।

# ନିଟ ୟୁଜି ପୁନଃ ପରୀକ୍ଷା ବେଳେ ମିଳିବ ଅତିରିକ୍ତ ୧୫ ମିନିଟ

ନୂଆଦିଲ୍ଲୀ,୧୨।୬: ପ୍ରଶ୍ନପତ୍ର ଲିକ ଯୋଗୁ ଆସନ୍ତା ଜୁନ ୨୧ରେ ପୂରା ଦେଶରେ ନିଟ ୟୁଜି ୨୦୨୬ର ପୁନଃ ପରୀକ୍ଷା ହେବ। ଏଥର ଯେମିତି ପ୍ରଶ୍ନପତ୍ର ଲିକ ନ ହେବ, ସେଥିପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଓ ଭାରତ ସରକାର ସବୁ ପ୍ରକାରର ପଦକ୍ଷେପ ନେଇଛନ୍ତି। ସେହିପରି ପରୀକ୍ଷା ଆୟୋଜନ କରୁଥିବା ଏନଟିଏ ଶିକ୍ଷାର୍ଥୀଙ୍କୁ ସୁହାଇଲା ଭଳି ଏକାଧିକ ପରିବର୍ତ୍ତନ କରିଛି। ଏନଟିଏ ପକ୍ଷରୁ ଆଜି ଜାରି ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ ପରୀକ୍ଷାକୁ ଅଧିକ ସ୍ୱଚ୍ଛ, ସୁରକ୍ଷିତ ଓ ଆଶାୟୀମାନଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ଅନେକ ପଦକ୍ଷେପ ନିଆଯାଇଛି।



ପୂର୍ବ ବର୍ଷଗୁଡିକରୁ ମିଳିଥିବା ମତାମତକୁ ଆଧାର କରି ଏନଟିଏ ପରୀକ୍ଷା ସମୟସୀମାକୁ ୧୯୫ ମିନିଟକୁ ବୃଦ୍ଧି କରିଛି। ପରୀକ୍ଷା ଦିନ ୨ଟାରୁ ୫.୧୫ ମିନିଟ ଯାଏ ହେବ। ଅର୍ଥାତ ପିଲାମାନେ ଅତିରିକ୍ତି ୧୫ ମିନିଟ ପାଇବେ। ଏନଟିଏ ସ୍ପଷ୍ଟ କରିଛି ଯେ ଏହି ସମୟସୀମା ମଧ୍ୟରେ ପରୀକ୍ଷାପୂର୍ବରୁ ଯାଞ୍ଚ କରାଯାଉଥିବା ସମସ୍ତ ନିୟମ ଯଥା ଉପସ୍ଥାପନ ଗ୍ରହଣର ଦସ୍ତଖତ ଓ ପରୀକ୍ଷା ନିୟନ୍ତ୍ରକଙ୍କ ଦସ୍ତଖତ ରହିଛି। ପିଲାମାନେ ପ୍ରଶାସନିକ କାର୍ଯ୍ୟ ଯୋଗୁ ଯେମିତି ଅଯଥାରେ ସମୟ ନ ହରାବେ, ସେଥିପାଇଁ ଏହି ନୟମ ଲାଗୁ କରାଯାଇଛି। ଏହାବାଦ ପ୍ରଶ୍ନପତ୍ର ବୁକଲେଟରେ ହିସାବ ବା ରଫ ୱାର୍କ ପାଇଁ ଉପଲବ୍ଧ ଥିବା ଖାଲି ସ୍ଥାନର ପରିସୀମାକୁ ମଧ ଏନଟିଏ ଏଥର ବାଢ଼ ଦେଇଛି। ପୂର୍ବରୁ ପିଲାମାନଙ୍କୁ ରଫ ୱାର୍କ ପାଇଁ ୨ ପୃଷ୍ଠାର ଖାଲି ସ୍ଥାନ ମିଳୁଥିଲା। କିନ୍ତୁ ଜୁନ ୨୧ ପରୀକ୍ଷାରେ ଏହା ୪ ପୃଷ୍ଠା ବିଶିଷ୍ଟ ରହିବ। ପିଲାମାନେ ଏହି ଖାଲି ପୃଷ୍ଠାରେ ହିସାବ, ଡାଇଗ୍ରାମ ଓ ଯେକୌଣସି କାମ ପରୀକ୍ଷା ବେଳେ କରିପାରିବେ। ପ୍ରଶ୍ନପତ୍ରର ବୁକଲେଟର ଗଠନରେ ମଧ ସଂଶୋଧନ ହୋଇଛି। ପୂର୍ବରୁ ରଫ ୱାର୍କ ପୃଷ୍ଠା ବୁକଲେଟର ଶେଷ ଭାଗରେ ରହୁଥିଲା। କିନ୍ତୁ ପିଲାମାନଙ୍କ ମତାମତ ଅନୁସାରେ, ଏବେ ୨ଟି ରଫ ୱାର୍କ ପୃଷ୍ଠା ଆରମ୍ଭରୁ ଓ ୨ଟି ଶେଷ ଭାଗରେ ରହିବ। ଉଭୟ ଇଂରାଜୀ ଓ ଆଞ୍ଚଳିକ ଭାଷା ପ୍ରଶ୍ନପତ୍ରରେ ଏହି ସୁବିଧା କରାଯିବ। ଶିକ୍ଷାର୍ଥୀମାନଙ୍କୁ ବେଶ ଯତ୍ନ ଓ ଧ୍ୟାନର ସହ ସେମାନଙ୍କ ଆଡମିଟ କାର୍ଡ ଓ ସୂଚନା ବୁଲେଟିନରେ ଦିଆଯାଇଥିବା ପରାମର୍ଶକୁ ପିବାକୁ କୁହାଯାଇଛି। ସେହିପରି ପରୀକ୍ଷା ପରିଚାଳନା କରୁଥିବା କର୍ତ୍ତୃପକ୍ଷଙ୍କୁ ସମସ୍ତ ସହାୟତା କରିବାକୁ ମଧ ଏନଟିଏ କହିଛି।

## ଗଭୀର ଖାଇକୁ ଖସିଲା ବୋଲେରୋ, ୪ ଯାତ୍ରୀ ମୃତ

ଚମୋଲି: ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଗୁରୁବାର ଏକ ସାଂଘାତିକ ସଡ଼କ ଦୁର୍ଘଟଣା ଘଟିଛି। ଦେୱାଲ-ଘେସ୍ ମୋଟର ରାସ୍ତାର କୁନାର ବେଣ୍ଡ୍ ନିକଟରେ ଏକ ବୋଲେରୋ ଟ୍ୟାକ୍ସି ନିୟନ୍ତ୍ରଣ ହରାଇ ପ୍ରାୟ ଶହେ ମିଟର ଗଭୀର ଖାଇକୁ ଖସିପଡ଼ିବା ଫଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନଙ୍କ ମଧ୍ୟରେ ଦୁଇଜଣ ମହିଳା ଥିବା ଜଣାପଡ଼ିଛି ଏବଂ ସମସ୍ତ ମୃତ ଓ ଆହତ ବ୍ୟକ୍ତି ଖେତା ଗ୍ରାମର ବାସିନ୍ଦା ବୋଲି ଚିହ୍ନଟ କରାଯାଇଛି।ମିଳିଥିବା ସୂଚନା ଅନୁଯାୟୀ, ବୋଲେରୋଟି ଦେୱାଲରୁ ଯାତ୍ରୀମାନଙ୍କୁ ନେଇ ଘେସ୍ ଅଭିମୁଖେ ଯାଉଥିଲା। ପାହାଡ଼ିଆ ଓ ବଙ୍କା ରାସ୍ତାରେ ଚାଳକ ଜଣକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା। ବିପଦସଙ୍କୁଳ ପାହାଡ଼ିଆ ଅଞ୍ଚଳ ହୋଇଥିଲେ ମଧ୍ୟ ସ୍ଥାନୀୟ ପୋଲିସ ଓ ରେସ୍କ୍ୟୁ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଗାଡ଼ି ଭିତରେ ଚାପି ହୋଇ ରହିଥିବା ସମସ୍ତ ୮ ଜଣଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଦେୱାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

## ଆମେରିକୀୟ କୂଟନୀତିଜ୍ଞଙ୍କୁ ତଲବ କଲା ଭାରତ

ନୂଆଦିଲ୍ଲୀ: ଓମାନ ଉପକୂଳରେ ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ହୋଇଥିବା ଆକ୍ରମଣକୁ ନେଇ ଭାରତ ସରକାର ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାରେ ଭାରତ ପକ୍ଷରୁ ଆମେରିକୀୟ କୂଟନୀତିଜ୍ଞଙ୍କୁ ତଲବ କରାଯାଇ ଦୃଢ଼ ପ୍ରତିବାଦ ଜଣାଯାଇଛି। ବିଦେଶ ମନ୍ତ୍ରାଳୟର ଅତିରିକ୍ତ ସଚିବ ନାଗରାଜ ନାଇଡୁ ଆମେରିକା ସାମ୍ନାରେ ଏହି ଆପତ୍ତି ଉଠାଇବା ସହ ବାଣିଜ୍ୟିକ ଜାହାଜ ଏବଂ ଭାରତୀୟ ନାବିକମାନଙ୍କୁ ଟାର୍ଗେଟ୍ କରାଯିବା ଘଟଣାକୁ ସୂଚେଇ ଦେଇଛନ୍ତି।

# କଂଗ୍ରେସ ସହିତ ଟିଏମ୍‌ସି-ଏନ୍‌ସିପିର ମିଶ୍ରଣ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୧୧।୬(ନି.ପ୍ର.): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ପରାଜୟ ଓ ଟିଏମ୍‌ସିରେ ବିଦ୍ରୋହ ପରେ କଂଗ୍ରେସ ସହିତ ଟିଏମ୍‌ସି ଓ ଏନ୍‌ସିପି (ଏସ୍‌ପି) ପରି ଦଳର ମିଶ୍ରଣକୁ ନେଇ ଚର୍ଚ୍ଚା ଚାଲିଛି। ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଓ ଶରଦ ପାୱାରଙ୍କ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନସିପି-ଏସପି) କ'ଣ କଂଗ୍ରେସକୁ ଫେରିବେ ତୃଣମୂଳ କଂଗ୍ରେସର ସଙ୍କଟ ମଧ୍ୟରେ କଂଗ୍ରେସରୁ ଅଲଗା ହୋଇଥିବା ଦଳଗୁଡ଼ିକ କଂଗ୍ରେସକୁ ଫେରିବାକୁ ଯୋଜନା କରୁଥିବା ନେଇ ରାଜନୈତିକ ମହଲରେ ଜୋରଦାର କଳ୍ପନାଜଳ୍ପନା ଚାଲିଛି।



କଂଗ୍ରେସ ସଂଗଠନ ମହାସଚିବ କେସି ବେଣୁଗୋପାଳ ଗୁରୁବାର ତୃଣମୂଳ କଂଗ୍ରେସର ମିଶ୍ରଣ ଆଲୋଚନାକୁ ଗୁଜବ ବୋଲି କହି ପ୍ରତ୍ୟାଖ୍ୟାନ କରିଦେଇଥିଲେ। ତେବେ ମହାରାଷ୍ଟ୍ରରେ କଂଗ୍ରେସର ବରିଷ୍ଠ ନେତା ନାନା ପାଟୋଲେ ସ୍ପଷ୍ଟ ସଙ୍କେତ ଦେଇଛନ୍ତି ଯେ, ଆଗକୁ ଏହି ପଦକ୍ଷେପ ନିଆଯାଇପାରେ। ପାଟୋଲେ କହିଛନ୍ତି ଯେ, ସମାନ ମନୋଭାବ ଥିବା ଦଳଗୁଡ଼ିକ କଂଗ୍ରେସରେ ମିଶ୍ରଣ ପାଇଁ ପ୍ରସ୍ତୁତ ହେଉଛନ୍ତି। 'ଶରଦ ପାୱାର ଓ ମମତା ବାନାର୍ଜୀ କଂଗ୍ରେସରେ ମିଶ୍ରଣ ପାଇଁ ମାନସିକ ଭାବେ ପ୍ରସ୍ତୁତ ହେଉଥିବା ପାଟୋଲେ ସାମ୍ବାଦିକମାନଙ୍କୁ କହିଛନ୍ତି। ଏହା ଏକ ମେଣ୍ଟ ନୁହେଁ, ବରଂ ଏକ ମିଶ୍ରଣ ହେବ ବୋଲି ସେ କହିଛନ୍ତି। ପଟୋଲେ ଦାବି କରିଛନ୍ତି ଯେ, ଏନସିପି-ଏସପିର ମିଶ୍ରଣ ପାଇଁ ଶରଦ ପାୱାର ପୂର୍ବରୁ ଏକ ପ୍ରସ୍ତାବ ଦେଇସାରିଛନ୍ତି ଓ ଏଥିପାଇଁ ପ୍ରସ୍ତୁତି ଚାଲିଛି।

କିଛି ଦିନ ପୂର୍ବ ଶିବସେନା ୟୁବିଟି ନେତା ସଞ୍ଜୟ ରାଉତ ମଧ ସମାନ ମନୋଭାବ ପ୍ରତିଫଳିତ କରିଥିଲେ। ସେ ଶରଦ ପାୱାରଙ୍କୁ କଂଗ୍ରେସରୁ ଅଲଗା ହୋଇ ଅସ୍ତିତ୍ୱରେ ଆସିଥିବା ଛୋଟ ଦଳଗୁଡ଼ିକୁ ପୁଣି ପୁରୁଣା ଦଳ ସହିତ ମିଶ୍ରଣ କରିବାରେ ନେତୃତ୍ୱ ନେବାକୁ ଅନୁରୋଧ କରିଥିଲେ। ଏହାକୁ ଏକ ଭଲ ପ୍ରସ୍ତାବ ବୋଲି ଏନସିପି-ଏସପି ନେତା ତଥା ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ କହିଥିଲେ। ଏପରି ରାଜନୈତିକ ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛନ୍ତି, ବରିଷ୍ଠ କଂଗ୍ରେସ ନେତା ତଥାରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍। ଗେହଲଟ୍ ମଧ ଛୋଟ ଦଳଗୁଡ଼ିକୁ କଂଗ୍ରେସରେ ମିଶିବା ଓ ରାହୁଲ ଗାନ୍ଧୀଙ୍କୁ ସେମାନଙ୍କର ନେତା ଭାବରେ ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି। ସଞ୍ଜୟ ରାଉତଙ୍କ କଥାକୁ ମଧ ସେ ସମର୍ଥନ କରିଛନ୍ତି। ସୂଚନାଯୋଗ୍ୟ, ଶରଦ ପାୱାର ଓ ମମତା ବାନାର୍ଜୀ ଉଭୟ କଂଗ୍ରେସରୁ ଅଲଗା ହୋଇ ସେମାନଙ୍କ ଦଳ ଗଠନ କରିଥିଲେ। ମମତା ବାନାର୍ଜୀ କଂଗ୍ରେସରୁ ଅଲଗା ହେବା ପରେ ୧୯୯୮ ମସିହାରେ ତୃଣମୂଳ କଂଗ୍ରେସ ଆରମ୍ଭ କରିଥିଲେ। ଶରଦ ପାୱାର ୧୯୯୯ ମସିହାରେ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନସିପି) ପ୍ରତିଷ୍ଠା କରିଥିଲେ।

## ଡାହୁକ



ନେତା ରାଜନେତା ଛତ୍ର ଛାୟାତଳେ
ଦୁର୍ବୃତ୍ତ ମାରନ୍ତି ହାଇ
ପୁଲିସି ନାଚନ୍ତି ଥେଇ ଥେଇ ହୋଇ
ଇସାରା ତାଙ୍କର ପାଇ
ଜନତା ରହନ୍ତି ଚାହିଁ
ରାଜ୍ୟରୁ ଦୃଦଶା ଜନତାଙ୍କ ଦଶା
କଟିବ କେମିତି ଭାଇ।
-ବିଧୁ

# ପୁଣି ଟ୍ରମ୍ପଙ୍କୁ ମିଛୁଆ କହିଲା ଇରାନ

ନୂଆଦିଲ୍ଲୀ,୧୨।୬(ନି.ପ୍ର.): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଡିଲ୍ ବୟାନକୁ ମିଛ ବୋଲି ପୁଣି କହିଛି ଇରାନ। ଦିନକ ତଳେ ଇରାନକୁ ନାଲି ଆଖି ଦେଖାଇ ଗୁରୁବାର ରାତିରେ ସବୁଠାରୁ ବଡ ହମଲାର ଧମକ ଦେଇଥିଲେ ଟ୍ରମ୍ପ। କିନ୍ତୁ ରାତି ସମୟରେ ସେ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିଥିଲେ ଓ ଇରାନ ସହ ଗୋଟିଏ 'ମହାନ ବୁଝାମଣା' ଚୂଡରନ୍ତ ହୋଇଥିବା କହିଥିଲେ।

ତେବେ ଟ୍ରମ୍ପଙ୍କ ଏହି ଡିଲ୍ ବୟାନରେ ଆଦୌ ସତ୍ୟତା ନଥିବା କହିଛି ଇରାନ। ଏଯାଏ କୌଣସି ବୁଝାମଣା ଚୂଡାନ୍ତ ହୋଇ ନାହିଁ ବୋଲି ଇରାନ ସ୍ପଷ୍ଟ କରିବା ସହ ଆମେରିକାକୁ ଚେତାବନୀ ଦେଇଛି।

ଇରାନ କହିଛି ଯେ ଏବେ ବି ଶାନ୍ତି ପ୍ରସ୍ତାବ ଦେଶର ନିଷ୍ପତ୍ତି ନେଉଥିବା ନେତୃବୃନ୍ଦଙ୍କ ସମୀକ୍ଷା ପାଇଁ ପଡି ରହିଛି। ଏଯାଏ କୌଣସି ନିଷ୍ପତ୍ତି ହୋଇ ନାହିଁ।



ଇରାନର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଇସ୍ମାଇଲ ବାଘାଇଙ୍କ କହିବା କଥା ଯେ ବୁଝାମଣା ଚୂଡାନ୍ତ ହୋଇଥିବା ବେଳେ ଏହା ଦସ୍ତଖତ ଅପେକ୍ଷାରେ ରହିଥିବା ରିପୋର୍ଟ କେବଳ ଗୋଟିଏ ଆକଳନ। କୌଣସି ଚୂଡାନ୍ତ ବୁଝାମଣା ହୋଇନାହିଁ। ସେ ଆହୁରି କହିଛି ଯେ ବୁଝାମଣା ବିଷୟବସ୍ତୁର ଅଧିକାଂଶ ସର୍ତ୍ତରେ ଏକମତ ପ୍ରକାଶ ପାଇଛି। କିନ୍ତୁ ଆଲୋଚନା ବେଳେ ଆମେରିକା ନିୟମିତ ନିଜର ଆଭିମୁଖ୍ୟ ବଦଳାଇବାରେ ଲାଗିଛି। ଇରାନ କେବେ ହେଲେ ବି ଆମେରିକା ସହ ବୁଝାମଣା ଚୂଡାନ୍ତ କରିବା ବେଳେ ନିଜର ମୂଳ ଆଭିମୁଖ୍ୟକୁ ବଦଳାଇବ ନାହିଁ ବୋଲି ବାଘାଇ ସ୍ପଷ୍ଟ କରିଛନ୍ତି।

ଏହି ବୟାନର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଇରାନ ସହ ବୁଝାମଣା ଚୂଡାନ୍ତ ପର୍ଯ୍ୟାୟରେ ରହିଥିବାରୁ ସେ ସାମରିକ କାର୍ଯ୍ୟାନୁଷ୍ଠାନକୁ ବାତିଲ କରିବା ନିଷ୍ପତ୍ତି ନେଇଛନ୍ତି। ହ୍ୱାଇଟ ହାଉସରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରିବା ବେଳେ ଟ୍ରମ୍ପ କହିଥିଲେ ଯେ ଇରାନର ସୁପ୍ରିମ ଲିଡର ମୋଜତବା ଖାମେନେଇ ବୁଝାମଣାର ସର୍ତ୍ତରେ ଏକମତ ହୋଇ ଷ୍ଟ୍ରେଟ ଅଫ ହର୍ମୁଜକୁ ଖୋଲିବା ପାଇଁ ରାଜି ହୋଇଛନ୍ତି। ସେ ବୁଝାମଣାରେ ରାଜି ହେବ ବୋଲି ଟ୍ରମ୍ପ ବିଶ୍ୱାସ ରଖିଥିବା କହିଥିଲେ।



# ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଯାଜପୁର,୧୨।୬:(ମନ୍ଥନ)ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡର ତଦନ୍ତ ରିପୋର୍ଟ ସମ୍ବନ୍ଧୀୟ ଫାଇଲ ନିଖୋଜ ଘଟଣାକୁ ନେଇ ଯାଜପୁରରେ ତେଜିଛି ପ୍ରତିକ୍ରିୟା। ଏହି ପ୍ରସଙ୍ଗରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ସରକାର ତୁରନ୍ତ ନିଖୋଜ ଫାଇଲର ସନ୍ଧାନ କରି ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରନ୍ତୁ ବୋଲି ଦାବି କରିଛନ୍ତି ସଂଗଠନର ନେତୃବୃନ୍ଦ। ଦାବି ପୂରଣ ନହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ବଜରଙ୍ଗ ଦଳର ଜିଲ୍ଲା ଗୋରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ପ୍ରଭାତ କୁମାର ମଲ୍ଲିକ, ବାଦଲ କୁମାର ନାୟକ ଓ ଗୌତମ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ କହିଥିଲେ ଯେ, ୨୦୦୮ ମସିହା ଅଗଷ୍ଟ ୨୩ ତାରିଖ ପବିତ୍ର ଜନ୍ମାଷ୍ଟମୀରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଷଡଯନ୍ତ୍ର କରି ହତ୍ୟା କରାଯାଇଥିଲା। ଘଟଣାର ତଦନ୍ତ ହୋଇଥିଲେ ମଧ୍ୟ ରିପୋର୍ଟକୁ ସାର୍ବଜନୀନ କରାଯାଇନଥିବା ଅଭିଯୋଗ କରିଛନ୍ତି ସଂଗଠନର କର୍ମକର୍ତ୍ତା। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ୨୦୨୪ ମସିହାରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ହିନ୍ଦୁ ସମାଜ ଆଶା କରିଥିଲା ଯେ ଏହି ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ। କିନ୍ତୁ ତାହା ଅଦ୍ୟାବଧି ହୋଇନଥିବା ବେଳେ ଗୃହ ବିଭାଗ ପକ୍ଷରୁ ଫାଇଲ ନିଖୋଜ କିମ୍ବା ଚୋରି ହୋଇଥିବା କଥା କୁହାଯାଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ମଧ୍ୟ ଦାଖଲ ହୋଇଥିବା ସେମାନେ କହିଛନ୍ତି। ତେବେ ଫାଇଲ କେଉଁଠି ଅଛି ଏବଂ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିବାକୁ ଦାବି କରିଛନ୍ତି ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ। ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଏବଂ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସଂଗଠନ ଚେତାବନୀ ଦେଇଛି।

# ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ଦୁଇ ସ୍ତରୀୟ ବିପତ୍ତି କାଳୀନ ଅଭ୍ୟାସକୌଶଳ

ପାରାଦୀପ,୧୨।୬:(ମନ୍ଥନ)ଆଇଓସିଏଲ ପାରଦୀପ ତୈଳ ବିଶୋଧନାଗାର ପକ୍ଷରୁ ଏକ ୨ ସ୍ତରୀୟ ଅଭ୍ୟାସ କୌଶଳ ଜୁନ ୧୨ ତାରିଖ ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ଏଥିରେ ତୈଳ ବିଶୋଧନାଗାର ର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ପରୀକ୍ଷା କରାଯାଇଥିଲା । ପାରାଦୀପ ରିଫାଇନେରୀ ଅନୁମୋଦିତ ଏମର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ପ୍ଲାନ (ଇଆରଡିଏମପି) ସମୀକ୍ଷକ ଙ୍କ ଉପସ୍ଥିତିରେ ଏହି ଅଭ୍ୟାସ କୌଶଳ ବା ମକ ଡ୍ରିଲ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମ୍ୟୁଚୁଆଲ ଏଡ୍ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ପାରାଦୀପ ରିଫାଇନେରୀର ପଲିପ୍ରପ୍ଲିନ



(ପିପି) ୟୁନିଟ ରୁ ପ୍ରପିଲିନ ଲିକେଜ ହୋଇ ଅଗ୍ନିକାଣ୍ଡ ଘଟିଲେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରିହେବ ତାହା ଉପରେ ଏହି ମକଡ୍ରିଲ୍ ଆଧାରିତ ଥିଲା । ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପରିଚାଳନା ଯୋଜନାର ବ୍ୟବହାରିକ ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡକି ସଠିକ ଭାବରେ ସମନ୍ୱିତ କରାଯାଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ । ଏହି ଅବସରରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ପାରାଦୀପ ରିଫାଇନରୀ ମୁଖ୍ୟ କୌଶିକ ବସୁ ଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା ।

# ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ରାଷ୍ଟ୍ରୀୟ ବଜରଂଗ ଦଳ ପକ୍ଷରୁ ସାମ୍ବାଦିକ ସମିଳନୀ

ଯାଜପୁର,୧୨।୬:(ମନ୍ଥନ)ଏହି ସମାଜରେ ହିନ୍ଦୁ ମାନଙ୍କର ପରମ ସଦୟ ସନ୍ଥ ଶ୍ରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସତୀଙ୍କୁ ୨୦୦୮ ମସିହା ଅଗଷ୍ଟ ୨୩ ତାରିଖ ପବିତ୍ର ଜନ୍ମାଷ୍ଟମୀ ତିଥିରେ ଅତି ନୃସଂଶ ଭାବେ ହତ୍ୟା କରାଯାଇଥିଲା ଓ ତାଙ୍କ ସହିତ ଅନ୍ୟ ୪ ଜଣଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ସେ ଦୀର୍ଘ ୪୦ ବର୍ଷ ଧରି ଫୁଲବାଣୀର ଚକାପାଦ ଆଶ୍ରମଠାରେ ହିନ୍ଦୁ ସମାଜର ରକ୍ଷା ଓ ସୁରକ୍ଷା ପାଇଁ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ହତ୍ୟା ସମଗ୍ର ହିନ୍ଦୁ ସମାଜରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିଲା । ତତ୍କାଳୀନ ସରକାର ତାଙ୍କ ମୃତ୍ୟୁର ତଦନ୍ତ ପାଇଁ ଶରତ ମହାପାତ୍ର କମିସନର୍ ପ୍ରଥମେ ବସାଇଥିଲେ । ତଦନ୍ତ ନସରିବା ପୂର୍ବରୁ ତାଙ୍କର ଦେହାନ୍ତ ପରେ ଏ.ଏସ୍. ନାଇଡୁ କମିଶନର୍ ପୁନର୍ବାର ସରକାର ତଦନ୍ତ କମିଟି ଗଠନ କରିଥିଲେ। ଏତେ ଦିନ ବିତିଯାଇଥିଲେ ମଧ୍ୟ ପୂର୍ବ ସରକାର ଏହି ରିପୋର୍ଟକୁ ସାର୍ବଜନୀନ କରିପାରିନଥିଲେ । ଜୁନ୍ ମାସ ୨୦୨୪ ମସିହାରେ ରାଜ୍ୟରେ ଯେତେବେଳେ ବି.ଜେ.ପି ସରକାର କ୍ଷମତାକୁ ଆସିଲେ ସମଗ୍ର ହିନ୍ଦୁ ସମାଜର ବିଶ୍ୱାସ ଓ ଭରସା ଥିଲା ଯେ ଏ ହିନ୍ଦୁତ୍ୱବାଦୀ ସରକାର ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିବେ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ତଦନ୍ତର ଉକ୍ତ ଫାଇଲ୍ ଚୋରି ହୋଇଯାଇଛି। ଗୃହବିଭାଗର ଯୁଗ୍ମ ସଚୀବ କ୍ୟାପିଟାଲ୍ ଥାନାରେ ଲିଖିତ ଏତଲା କରାଯାଇଛି । ଅନ୍ତରାଷ୍ଟ୍ରିୟ ହିନ୍ଦୁ ପରିଷଦ ରାଷ୍ଟ୍ରିୟ ବଜରଂଗ ଦଳ ସ୍ପଷ୍ଟ ଦାବି କରୁଛନ୍ତି ସରକାର ଏ ଫାଇଲ୍‌କୁ ତୁରନ୍ତ କେଉଁଠି ଅଛି ବାହାର କରନ୍ତୁ ଓ ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଖୋଜି ବାହାର କରନ୍ତୁ ଓ ସମଗ୍ର ହିନ୍ଦୁ ସମାଜ ପାଖରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରାନ୍ତୁ । ନଚେତ୍ ଏହାର ପ୍ରତିବାଦରେ ରାଜରାସ୍ତାକୁ ଓଲ୍ଲେଇବା ପାଇଁ ଚେତାବନୀ ଦେଇଛନ୍ତି।

# ଅନ୍ତରଙ୍ଗ ସମୟର ବାର୍ତ୍ତାଳାପ ଭାଇକୁ ପଠାଇବାରୁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା, ୭ଦିନ ପରେ ଆଖି ବୁଜିଲେ ପିଡୀତା

ବଲଙ୍ଗା, ୧୨।୬:(ମନ୍ଥନ)ବଲଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ଯୁବତୀଙ୍କ ସହିତ ୨ଜଣ ଯୁବକ ଶାରିରୀକ ସମ୍ପର୍କ ରଖିବା ଓ ସେମାନଙ୍କ କଥାରେ ରାଜି ନ ହେବାରୁ ତାଙ୍କ ଭାଇଙ୍କ ପାଖକୁ ଅଶ୍ଳିଳ ବାର୍ତ୍ତାଳାପ ଅଡିଓ ପଠାଇବା ଯୋଗୁଁ ଯୁବତୀ ଜଣଙ୍କ ଲୋକ ଲଜ୍ୟା ସହିନପାରି ଘରେ ରସି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିବା ମାମଲାରେ ମେଡ଼ିକାଲରେ ୭ଦିନ କାଳ ଜୀବନ ମରଣ ସହ ସଙ୍ଘର୍ଷ କରିବା ପରେ ଶୁକ୍ରବାର ଦିନ ଯୁବତୀଙ୍କ ମୃତ୍ୟୁ ଘଟିଛି । ଏନେଇ ବଲଙ୍ଗା ପୋଲିସ ମଞ୍ଚେଶ୍ୱର ଥାନା ପୋଲିସ ସହାୟତାରେ ମେଡିକାଲରେ ଶବକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ମାମଲାରେ ବଲଙ୍ଗା ପୋଲିସ ଏହି ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଓ ସମରୋଇ ଶାସନ ଗ୍ରାମର ୨ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏଭଳି ଘଟଣା ଅଞ୍ଚଳରେ କେବେ ଘଟିନଥିଲା ବେଳେ ସାଧାରଣରେ ଏହାକୁ ନିନ୍ଦା କରାଯିବା ସହ ଅଭିଯୁକ୍ତ ମାନଙ୍କୁ କଠୋର ଦଣ୍ଡ ଦେବାକୁ ଦାବୀ ହେଉଛି । ସୂଚନା ମୁତାବକ ଅଭିଯୁକ୍ତ ମାନେ ଯୁବତୀଙ୍କ ସହିତ ବିଭିନ୍ନ ସମୟରେ ଶାରିରୀକ ସମ୍ପର୍କ ରଖିବା ସହ ଅନ୍ତରଙ୍ଗ ମୂହୁର୍ତ୍ତ ଦୃଶ୍ୟକୁ ନିଜ ମୋବାଇଲରେ ଫଟୋ ଉଠାଇ ରଖୁଥିଲେୟ ପରବର୍ତ୍ତୀ ସମୟରେ ସେମାନଙ୍କ ସହିତ ସମ୍ପର୍କ ନରଖିଲେ ଉକ୍ତ ଫଟୋକୁ ଭାଇରାଲ କରିବା ପାଇଁ ଧମକ ଦେଉଥିଲେ । ଯାହାକୁ ନେଇ ଯୁବତୀ ଜଣଙ୍କ ମାନସିକ ଦୁଶ୍ଚିନ୍ତାରେ ରହୁଥବା ଦେଖି ତାଙ୍କ ଭାଉଜ ପଚାରିବାରେ ଯୁବତୀ ଜଣଙ୍କ ସମସ୍ତ କଥା କହିଥିଲେ ଓ କାହାରିକୁ ନ ଜଣାଇବାକୁ କହିଥିଲେୟ ଗତ ୫ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ମାନେ ଯୁବତୀଙ୍କୁ ଶାରିରୀକ ସମ୍ପର୍କ ରଖିବା ପାଇଁ ଘରୁ ବାହାରକୁ ଡାକିଥିଲେ । ଯୁବତୀ ମନା କରିବାରୁ ଅଭିଯୁକ୍ତ ଓ ଯୁବତୀ ମଧ୍ୟରେ ହୋଇଥିବା ଅନ୍ତରଙ୍ଗ ମୂହୁର୍ତ୍ତର ବାର୍ତ୍ତାଳାପ ଅଡିଓକୁ ଯୁବତୀଙ୍କ ଭାଇର ମୋବାଇଲକୁ ପଠାଇ ଦେଇଥିବା ନେଇ ଯୁବତୀଙ୍କୁ ଫୋନ ଯୋଗେ ଜଣାଇଥିଲା। ଫଳରେ ଯୁବତୀ ଜଣଙ୍କ ନିଜର ମାନସିକ ଭାରସାମ୍ୟ ହରାଇ ଲୋକ ଲଜ୍ୟା ଭୟରେ ନିଜ ଘରଭିତରୁ କବାଟ ଦେଇ ରସି ଲାଗଇ ଆତ୍ମହତ୍ୟା ଉଦ୍ୟମ କରିଥିଲା । ପରିବାର ଲୋକେ କବାଟ ଭାଙ୍ଗି ଘର ଭିତରୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ମଦ ବନ୍ଦ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲେ ଶତାଧିକ ମହିଳା

ନବରଙ୍ଗପୁର ,୧୨।୬:(ମନ୍ଥନ)ଗାଁରେ ମଦ ବନ୍ଦ ପାଇଁ ମହିଳା ଙ୍କ ଅଭିନବ ପ୍ରତିବାଦ ୟ ହାତରେ ଠେଙ୍ଗା ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ । ବେଆଇନ ମଦ କାରବାର ଯୋଗୁଁ ଘରୋଇ ହିଂସା ବଢୁଥିବା, ପରିବାର ଉଜୁଡୁଥିବା ଓ ଯୁବପିଢି ନଷ୍ଟ ହେଉଥିବା ଅଭିଯୋଗ କରି ସତାଧିକ ମହିଳା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅନ୍ତର୍ଗତ ନୂଆକୋଟ ପଞ୍ଚାୟତର ନୂଆକୋଟ, ସିନ୍ଧିଗୁଡା, ମୁଦଲିଆଗୁଡା, ନୂଆଗୁଡା ଓ ପଣ୍ଡିତଗୁଡା ୱାର୍ଡର ସହସ୍ରାଧିକ ମହିଳା ବେଆଇନ ମଦ କାରବାର ବିରୋଧରେ ଏକଜୁଟ ହୋଇଛନ୍ତି । ବିଶେଷକରି ପଣ୍ଡିତଗୁଡା ଭାଟିରେ ବିଷାକ୍ତ ମଦ ପ୍ରସ୍ତୁତ ଓ ବିକ୍ରି ହେଉଥିବା ଅଭିଯୋଗ କରି ଏହାକୁ ତୁରନ୍ତ ବନ୍ଦ କରିବାକୁ ଦାବି ଉଠାଇଛନ୍ତି ମହିଳାମାନେ । ମଦ୍ୟପାନ କରି ଘରେ ଘରେ ଅଶାନ୍ତି, ହିଂସା ଏବଂ ସାମାଜିକ ଅବକ୍ଷୟ ବଢୁଥିବା ଅଭିଯୋଗ କରିଛନ୍ତି ସେମାନେୟ ମଦ ନିଶା ଯୋଗୁଁ ଅନେକ ଯୁବକ ମୃତ୍ୟୁବରଣ କରୁଥିବା ବେଳେ ଯୁବତୀମାନେ ବିଧବା ହୋଇ ଦୁର୍ଦ୍ଦଶାରେ ଜୀବନ କାଟୁଥିବା କହିଛନ୍ତିୟ ଏପରିକି ସ୍କୁଲ ପଢୁଆ। ପିଲାମାନେ ମଧ୍ୟ ମଦ ନିଶାରେ ପଡି ନିଜ ଭବିଷ୍ୟତକୁ ନଷ୍ଟ କରୁଥିବା ନେଇ ଚିନ୍ତା ପ୍ରକାଶ କରିଛନ୍ତି । ଏହାର ପ୍ରତିବାଦରେ ନୂଆକୋଟ ପଞ୍ଚାୟତର ୫ଟି ୱାର୍ଡର ମହିଳାମାନେ ନବରଙ୍ଗପୁର ଭଣ୍ଡାରଘରଣୀ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରି ତୁରନ୍ତ ମଦ ବନ୍ଦ କରିବାକୁ ଦାବି ଜଣାଇଛନ୍ତି। ଅନ୍ୟପକ୍ଷରେ ମହିଳାମାନଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନିଆଯାଇଥିବା ବେଳେ ଅବକାରୀ ବିଭାଗର ଅଧିକାରୀଙ୍କୁ ଅବଗତ କରାଯାଇ ବେଆଇନ ଭାବେ ଚାଲିଥିବା ମଦ କାରବାରକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୁଷ୍ଟି କହିଛନ୍ତି ।

# ଜିଲ୍ଲାରେ ବୁଲିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ

ଛତ୍ରପୁର, ୧୨।୬:(ମନ୍ଥନ) ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ନେଇ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଏନେଇ ଶୁକ୍ରବାର ଗଂଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଞ୍ଜାମଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ସୁନୀଲ କୁମାର କେର୍କଟା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରଛନ୍ତି । ଏହି ଅବସରରେ ଛତ୍ରପୁର ଶ୍ରମ ଅଧିକାରୀଣୀ ବର୍ଷାରାଣୀ ଜେନା , ବ୍ରହ୍ମପୁର ଶ୍ରମ ଅଧିକାରିଣୀ ଶୁଭଲକ୍ଷ୍ମୀ ବେହେରା,



ଛତ୍ରପୁର ଶ୍ରମ କାର୍ଯ୍ୟାଳୟର ଅତିରିକ୍ତ ଶ୍ରମ ଅଧିକାରୀ ସୋମନାଥ ପାତ୍ର ଓ ପ୍ରଭାସିନୀ ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହି ରଥ ଜିଲ୍ଲାର ସମସ୍ତ ଅଂଚଳ ବୁଲି ଶିଶୁ ଶ୍ରମିକ ନିରାକରଣ ଉପରେ ସଚେତନ କରିବ । ୧୪ ବର୍ଷରୁ କମ୍ ବୟସ ର ଶିଶୁଙ୍କୁ ଯେଉଁ କୌଣସି କାମରେ ନିୟୋଜିତ କରିବା ଏକ ଦଣ୍ଡନୀୟ ଅପରାଧ । ସେହିଭଳି ୧୫ ରୁ ୧୮ ବୟସ୍କ କିଶୋରଙ୍କୁ ବିପଦସଂକୁଳ କାମରେ ନିୟୋଜନକୁ ମଧ୍ୟ ବାରଣ କରାଯାଇଛି । ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଯାଏଁ ଜୋରିମାନା କିମ୍ବା ୨ ବର୍ଷ ଯାଏଁ କାରାଦଣ୍ଡ ରେ ଦଣ୍ଡିତ କରାଯିବାର ଆଇନଗତ ବ୍ୟବସ୍ଥା ରହିଛି । ଏପରିକି ଉଭୟ ଜେଲ ଦଣ୍ଡ ଓ ଜୋରିମାନା ମଧ୍ୟ ହୋଇପାରେ । ଏପରି ଭୂଲ ଦ୍ୱତୀୟ ଥର ହେଲେ ୩ ବର୍ଷ ଯାଏଁ କାରାଦଣ୍ଡ ମଧ୍ୟ ହୋଇପାରେ । ଶିଶୁ ଶ୍ରମିକ ସହାୟତା କେନ୍ଦ୍ର ୧୮୦୦-୩୪୫୬୭୦୩ଓ ଚାଇଲ୍ଡ ଲାଇନ ୧୦୯୮ନମ୍ବର କୁ ସୂଚନା କରିବା ପାଇଁ ସଚେତନ କରାଉଛି ।

# ପାରାଦୀପ ଟ୍ରେଲର ମିଳିତ ସମନ୍ୱୟ କମିଟି ର ସାଧାରଣ ସଭା ଅନୁଷ୍ଠିତ

ପାରାଦୀପ,୧୨।୬:(ମନ୍ଥନ)ପାରାଦୀପ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ମାଲିକ ସଂଘ , ପାରାଦୀପ ଟ୍ରେଲର ମାଲିକ ସଂଘ ଏବଂ ପ୍ରକୃତି କଣ୍ଟେନର କ୍ୟାରିଅର ମାଲିକ ସଂଘ କୁ ନେଇ ଗଠିତ ମିଳିତ ସମନ୍ୱୟ କମିଟି (ଜେସିସି) ର ଏକ ସାଧାରଣ ସଭା ସ୍ଥାନୀୟ ପୋର୍ଟ କ୍ଲବ ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ସମନ୍ୱୟ କମିଟି ର ସଭ୍ୟ ପ୍ରକାଶ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ କମିଟି ର ଅଧ୍ୟକ୍ଷ ପ୍ରକାଶ ତ୍ରିପାଠୀ ଯୋଗଦେଇ କହିଥିଲେ ଯେ ବର୍ତ୍ତମାନ ଟ୍ରକ ପରିବହନ ବହୁ ମାତ୍ରାରେ ହ୍ରାସ ପାଇଥିବା




ବେଳେ ଏବେ ପାରାଦୀପ ବନ୍ଦରରେ କଣ୍ଟେନର ପଣ୍ୟ ର ଚାହିଦା ବୃଦ୍ଧି ପାଇଛି । ସେହି ଦୃଷ୍ଟିରୁ ଆଗାମୀ ଦିନରେ ଟ୍ରେଲର ବ୍ୟବସାୟୀ ମାନେ ବେସ ଉପକୃତ ହେବେ ବୋଲି ସମନ୍ୱୟ କମିଟିର ଅଧ୍ୟକ୍ଷ ପ୍ରକାଶ ତ୍ରିପାଠୀ ସୂଚନା ଦେବା ସହ ଗାଡି ମାଲିକ ମାନେ ସ୍ୱାର୍ଥ ହାସଲ ପାଇଁ ନିଜ ମଧ୍ୟରେ ଏକତା ବଜାଇ ରଖିଲେ ଅସାଧ କାର୍ଯ୍ୟ ସାଧନ ହେବା କିଛି ବିଚିତ୍ର କଥା ନୁହଁ ବୋଲି ଖୁଲମ ଖୁଲା କହିଥିଲେ ଚଳିତ ବିଶ୍ୱକର୍ମା ପୂଜା କୁ ନିଆରା ଢଙ୍ଗରେ ପାଳନ କରିବାକୁ ଦେଇଥିବା ପ୍ରସ୍ତାବକୁ ମାଲିକ ମାନେ ତାଳିମାରୀ ସମର୍ଥନ ଜଣାଇଥିଲେ ମଧ୍ୟ ପ୍ରାଚ୍ୟରେ ଯୁଧ ଚାଲୁଥିବା ହେତୁ ତେଲ ଦର ଅହେତୁକ ମାତ୍ରାରେ ବଢ଼ି ଚାଲିଥିବାରୁ ଗାଡି ଭଡା ବୃଦ୍ଧି ହେତୁ ସଂଘର ସଭ୍ୟ ତୁଷାରକାନ୍ତ ଭୋଇ ବର୍ଦ୍ଧିତ ମୂଲ୍ୟ ବିଷୟରେ ସଭାକୁ ଅବଗତ କାରାଇଥିଲେ । କମିଟି ର କୋଷାଧକ୍ଷ ନଗେନ୍ଦ୍ର କୁମାର ରାଉତ ବାର୍ଷିକ ଆୟ ବ୍ୟୟ ର ବିବରଣୀ ଉପସ୍ଥାପନ କରିବାସହ ଯେତେବେଳେ ସଂଘ ଦୁର୍ଦ୍ଦିନ ଦେଇ ଗତି କରୁଥିଲା ପୂର୍ବତନ ସଭାପତି ସଂଘ ର ହାତ ଛାଡି ଦୀର୍ଘ ଦୁଇବର୍ଷ ଉଭାନ ହୋଇ ଯାଇଥିଲେ ତ୍ରାହି ତ୍ରାହି ଛାଡୁଥିବା ମାଲିକ ମାନେ ଥଳକୂଳ ନପାଇ କିଛି ମାଲିକ ଗାଡି ବିକ୍ରି କରିବାକୁ ପରିସ୍ଥିତି ବାଧ୍ୟ କରିଥିଲା ଅରାକ୍ଷିତକୁ ଦଇବ ସାହା ହେଲା ଭଳି ୨୦୨୫ମାର୍ଚ୍ଚ ୨ ତାରିଖ ରେ ସଂଘର ନୂତନ ସଭାପତି ତଥା ପାରାଦୀପ ପୋର୍ଟ ମଜଦୂର ସଂଘ ର ସଭାପତି ପ୍ରକାଶ ତ୍ରିପାଠୀ ସଭାପତି ମଙ୍ଗ ଧରିଲା ପରେ ଗାଡି ମାଲିକ ମାନେ ଅଣନିଶ୍ୱାସୀରୁ ମୁକ୍ତି ପାଇବାସହ ବ୍ୟବସାୟ ଆଗକୁ ଆଗକୁ ବଢ଼ି ଚାଲିଛି ବୋଲି ରୋକ୍ ଠୋକ୍ ଶ୍ରୀ ରାଉତ କହିଥିଲେ ଏବଂ ସଭାପତି ଯୋଉ ଅବଦାନ ଦେଇଛନ୍ତି ତାକୁ କେବେ ଭୁଲି ପାରିବେନି ବୋଲି କହିଥିଲେ ସେହିପରି ସଭ୍ୟ ମନୋଜ କୁମାର ସ୍ୱାଇଁ ସଂଘର ଭାଇଚାରା ଆଖୁର୍ଣ୍ଣ ରଖି କାର୍ଯ୍ୟ କରିବାକୁ ନିବେଦନ କରିକହିଥିଲେ ଅନ୍ୟମାନଙ୍କ ମଧ୍ୟରେ ତିନି ସଂଘର କର୍ମକର୍ତ୍ତା ଆଲୋକ ରଞ୍ଜନ ଦାଶ, ଶ୍ରୀକାନ୍ତ କୁମାର ସାମଲ, ଅରାକ୍ଷିତ ମାଝୀ, ଅରୁଣ କୁମାର ମଙ୍ଗରାଜ, ସତ୍ୟଜିତ ପ୍ରଧାନ, ଆଶୁତୋଷ ସ୍ୱାଇଁ, ନିରଂଜନ ବେହେରା, ଜୟପ୍ରକାଶ ସ୍ୱାଇଁ, ରବି ନାରାୟଣ ପ୍ରଧାନ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ସଭାପତି ଙ୍କ ଉତ୍ତରୋତ୍ତର କାମନା କରିଥିଲେ ଶେଷରେ ଜେସିସି ର ସଭ୍ୟ କର୍ମେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଦେଇପୁର ଗ୍ରାମ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଜଗତସିଂହପୁର,୧୨।୬:(ମନ୍ଥନ) ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାଦେଇପୁର ଗ୍ରାମର ଜଗତସିଂହପୁର ଜିଲ୍ଲା କଂଗ୍ରେସ ମୁଖପାତ୍ର ସର୍ବେଶ୍ୱର ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ଶଶି ଶେଖର ପଣ୍ଡା(୪୮) ଆଜି ମୃତ୍ୟୁ ବରଣ କରିଛନ୍ତି । ସେ କେନ୍ଦ୍ରାପଡ଼ା ବଳଦେବଜୀଉ ଫାୟାର ଷ୍ଟେସନରେ କାର୍ଯ୍ୟରତ ଥିଲେ । ଗତକାଲି ବିଳମ୍ବିତ ରାତିରେ କେନ୍ଦ୍ରାପଡ଼ା ନିଳକଣ୍ଠପୁର ଗ୍ରାମର ଏକ ବାଉଁଶ ବୁଦା ନିକଟରେ ସେ ପଡ଼ିଥିବା ଦେଖି କିଛି ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସ୍ଥଳରେ ତାଙ୍କର ମୋଟର ସାଇକେଲଟି ପଡ଼ିଥିବା ଏବଂ ମୋବାଇଲ୍ ର ଡିସପ୍ଲେ ଭାଙ୍ଗି ଥିବା ନେଇ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ହୋଇଥିବା କେହି କେହି ସନ୍ଦେହ କରିଛନ୍ତି । ଅପରପକ୍ଷେ ସେ ଡ୍ରେସରେ ନଥାଇ ବିଳମ୍ବିତ ରାତିରେ ଦୀର୍ଘ ୨୦କିମି ସେ କାହିଁକି ଯାଇଥିଲେ,ସେ ନେଇ ତାଙ୍କର ମୃତ୍ୟୁ ଦୁର୍ଘଟଣା ଜନିତ ହୋଇନଥିବା ନେଇ ଘଟଣାସ୍ଥଳକୁ ଯାଇଥିବା ଗ୍ରାମବାସୀ ମାନେ ସନ୍ଦେହ କରିଛନ୍ତି । ପିତା ସର୍ବେଶ୍ୱର ପଣ୍ଡା କହିବାନୁଯାୟୀ ତାଙ୍କ ପୁତ୍ର ଶସି କେବେ ବେପରୁଆ। ଗାଡ଼ି ଚାଳନା କରେ ନାହିଁ ଏଇଟା ଗୋଟିଏ ପ୍ରି ପ୍ଲାନ୍ ମର୍ଡର ହୋଇ ଥିବା ସନ୍ଦେହ ପ୍ରକାଶ କରିଛନ୍ତି.ଏହି ଘଟଣାରେ କେନ୍ଦ୍ରାପଡ଼ା ଥାନା ପୋଲିସ ଶବକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ପଠାଇ ଦେଇଛି । ଖବରପାଇ ମୃତକଙ୍କ ପରିବାରବର୍ଗ ଓ ସାଦେଇପୁର ଗ୍ରାମର ବହୁ ଲୋକ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ଯାଇ ପହଁଚିବା ସହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ପଣ୍ଡାଙ୍କ ମୃତ୍ୟୁରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଏରସମା ବ୍ଲକର ଗ୍ରାମାଞ୍ଚଳରେ ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ନିବାରଣ ସଚେତନତା ଶିବିର ଅନୁଷ୍ଠିତ

ଜଗତସିଂହପୁର,୧୨।୬:(ମନ୍ଥନ) ଆଜି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଜଗତସିଂହପୁର ର ମିଳିତ ଆନୁକୂଲ୍ୟରେ ଏରସମା ବ୍ଲକର ନାରଦିଆ। ଏବଂ ଭିତର ଅନ୍ଧାରୀ ଗ୍ରାମରେ ଗୁଣିଗାରେଡ଼ି ଏବଂ ଅନ୍ଧବିଶ୍ୱାସ ନିବାରଣ ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳରେ ତଥା ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଡାହାଣୀ ପ୍ରଥା ଭଳି ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ବିରୋଧରେ ଜନ ଜାଗରଣ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସଭାରେ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ଞାନେନ୍ଦ୍ର ଲେଙ୍କା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଶ୍ରୀ ସୂର୍ଯ୍ୟ ପ୍ରକାଶ ସାମନ୍ତସିଂହାର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀ ବିଭବ ଦାସ ,ମହିଳା ବିକାଶ ସଂଘ ର ସଭାପତି ମିନତୀ ଲେଙ୍କା, ସରପଞ୍ଚ ଭୁବନେଶ୍ୱର ମାଝୀ ସମସ୍ତ ଉପସ୍ଥିତ ରହି ଆଲୋଚନାରେ କହିଥିଲେ ଯେ ସ୍ୱାସ୍ଥ୍ୟ ସମସ୍ୟା ହେଲେ ଗୁଣିଗାରେଡ଼ି, ଝଡାଫୁଙ୍କାରେ ବିଶ୍ୱାସ ନ କରି ନିକଟସ୍ଥ ଡାକ୍ତରଖାନା ଯିବା ଉଚିତ । ଏହାସହ ଡାହାଣୀ ବୋଲି କିଛି ନାହିଁ ବୋଲି ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ଡାହାଣୀ ପ୍ରଥାରେ ମହିଳାଙ୍କୁ ନିର୍ଯାତନା ଦେବା ଏକ ଅମାନବୀୟ ଘଟଣା ବୋଲି କହିବା ସହ ବର୍ତ୍ତମାନର ବିଜ୍ଞାନ ଯୁଗରେ ଏସବୁ ଅନ୍ଧବିଶ୍ୱାସରୁ ଦୂରେଇ ରହିବା ପାଇଁ



ପରାମର୍ଶ ଦେଇଥିଲେ ଏବଂ ଅନ୍ଧବିଶ୍ୱାସର କୁପରିଣାମ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ । ମୌଳିକ ସୁବିଧା ଏବଂ ଭିତ୍ତିଭୂମିର ବିକାଶ ସହ ଆମ ଚିନ୍ତା ଚେତନାରେ ମଧ୍ୟ ବିକାଶର ଆବଶ୍ୟକତା ରହିଛି । ଏହାସହ ବ୍ଲକ୍ କଳା ସଂସ୍କୃତି ସଂଘର କଳାକାର ରଶ୍ମିରେଖା ବେହେରା ଓ ସାଥୀ ଏବଂ ନାରାୟଣ ସାହୁ ଓ ସାଥୀ ମାନେ ଅନ୍ଧବିଶ୍ୱାସ ନିବାରଣ ସମ୍ବନ୍ଧୀୟ ଏକ ଆକର୍ଷଣୀୟ ପାଲା ଲୋକକଳା ପରିବେଷଣ କରି ସଚେତନତା ବାର୍ତ୍ତା ଦେଇଥିଲେ । ସ୍ଲୋଗାନ ପ୍ଲାକାର୍ଡ ମାଧ୍ୟମରେ ଏହି ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଶିବିରରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ,ପ୍ରାୟ ଦୁଇ ଶହ ଗ୍ରାମବାସୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ବ୍ଲକ କର୍ମକର୍ତ୍ତା ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମକର୍ତ୍ତା ଦିବାକର ପାତ୍ର, ପରିକ୍ଷୀତ ପଟ୍ଟନାୟକ ଓ ଚିନ୍ମୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କୋଣାର୍କରେ ସ୍ୱାସ୍ଥ୍ୟ ସେବା ଅବହେଳିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା କେବଳ ଘୋଷଣାରେ ସୀମିତ !

କୋଣାର୍କ, ୧୨।୬:(ମନ୍ଥନ)ବିଶ୍ୱ ଐତିହ୍ୟରେ ସ୍ଥାନ ପାଇଥିବା କୋଣାର୍କ ଆଜି ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତୟ କୋଣାର୍କରେ ସ୍ୱାସ୍ଥ୍ୟ ସେବାର ଦୟନୀୟ ଚିତ୍ର ଚର୍ଚ୍ଚାର ବିଷୟ ହୋଇଛି । ପ୍ରତିଦିନ ହଜାର ହଜାର ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ସମାଗମ ହେଉଥିବା ଏହି ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟ ସେବାର ଅଭାବ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପର୍ଯ୍ୟଟକଙ୍କ ପାଇଁ ଚିନ୍ତାର ବିଷୟ ହୋଇପଡ଼ିଛି । କୋଣାର୍କରେ ବର୍ତ୍ତମାନ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକରୁଥିବା ବେଳେ ଦୀର୍ଘ ଦିନ ଧରି ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ ପରିଣତ କରିବାକୁ ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ ମାନଙ୍କ ପକ୍ଷରୁ ଦାବି ହୋଇଆସୁଛି । ୨୦୧୫ ମସିହାର ନବକଳେବର ଅବସରରେ ଏଠାରେ ମାତୃ ମଙ୍ଗଳ ଓ ଶିଶୁ କଲ୍ୟାଣ ଚିକିତ୍ସା କେନ୍ଦ୍ର ସ୍ଥାପନ ନିମନ୍ତେ ନୂତନ ବିଲ୍ଡିଂ ନିର୍ମାଣ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସେଠାରେ ଥିବା ଯନ୍ତ୍ରପାତି ଓ ସାମଗ୍ରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଥିଲାୟବର୍ଷ ବର୍ଷ ଧରି ସ୍ୱାସ୍ଥ୍ୟ ସେବାର ଅବ୍ୟବସ୍ଥା ଏବଂ ଚିକିତ୍ସା ଅଭାବରୁ ଅନେକ ଅଘଟଣ ପରେ ସ୍ଥାନୀୟ ଜନସାଧାରଣ ମିଶନ ମେଡିକାଲ ନାମରେ ଏକ ସଂଗଠିତ ଆନ୍ଦୋଳନ ଆରମ୍ଭ



କରିଥିଲେୟ ପୂର୍ବ ସରକାରଙ୍କ ନିକଟରେ ଶତାଧିକ ଥର ଦାବିପତ୍ର ପ୍ରଦାନ ସତ୍ତ୍ୱେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସିଏଚସିରେ ପରିଣତ ହୋଇପାରିନଥିଲା । ୨୦୨୪ରେ ସରକାର ପରିବର୍ତ୍ତନ ପରେ ଅଞ୍ଚଳବାସୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଥିଲା। ୨୦୨୫ ମେ’ ୨୫ ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସାମାଜିକ ଗଣମାଧ୍ୟମ ଏକ୍ସ ରେ କୋଣାର୍କ ମେଡିକାଲକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଥିବା ନେଇ ସୂଚନା ଦେଇଥିଲେ । ହେଲେ ଘୋଷଣାର ଏକବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଘୋଷଣା କେବଳ କାଗଜପତ୍ରରେ ସୀମିତ ରହିଯାଇଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ତ୍ରିବ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ରାଜ୍ୟ ସରକାରଙ୍କ ନିକଟରେ ପ୍ରଶ୍ନ ଉଠାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଚିଠି ଜାରି କରାଯାଇଛି। ଚିଠିରେ ଦର୍ଶାଯାଇଛି ଯେ, ପୂର୍ବରୁ କୋଣାର୍କ ପିଏଚସିକୁ ସିଏଚସିରେ ଉନ୍ନୀତ କରିବା ପ୍ରସ୍ତାବ ସ୍କ୍ରିନିଂ କମିଟି ନିକଟରେ ବିଚାର କରାଯାଇଥିଲେ ମଧ୍ୟ, ଆଇପିଏଚଏସ ମାନଦଣ୍ଡ ଅନୁଯାୟୀ ଗୋପ ବ୍ଲକରେ ପୂର୍ବରୁ ଏକ ସିଏଚସି ଥିବାରୁ ଏହାକୁ ସୁପାରିଶ କରାଯାଇନଥିବା ଜଣାପଡ଼ିଛି । ସେହିପରି ୨୦୧୮ ମସିହାରେ ପୁରୀ ସିଡିଏମଓଙ୍କ ପକ୍ଷରୁ କୋଣାର୍କ ପିଏଚସିକୁ ସିଏଚସିରେ ପରିଣତ କରିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ପ୍ରସ୍ତାବ ପଠାଯାଇଥିବା ଦସ୍ତାବିଜରୁ ଜଣାପଡ଼ିଛି। ହେଲେସ୍ୱାସ୍ଥ୍ୟ ସେବା ପରି ଏକ ମୌଳିକ ସମସ୍ୟାର ସମାଧାନ ପାଇଁ ଏତେ ଦୀର୍ଘ ପକ୍ରିୟାର ଅଗ୍ରଗତି ନହେବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ୱାସ୍ଥ୍ୟ ସେବା କୌଣସି ଦୟା କିମ୍ବା ଅନୁକମ୍ପାର ବିଷୟ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର । ଏଣୁ ବିଶ୍ୱ ପର୍ଯ୍ୟଟନସ୍ଥଳୀ କୋଣାର୍କକୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରାଇ ସରକାର କୋଣାର୍କ ପ୍ରତି ଅବହେଳା କରୁଥିବା ସାଧାରଣରେ ଅଭିଯୋଗ ହେଉଛି ।



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଭୟଙ୍କର ହେଉଛି ଜଳବାୟୁ

ଗଲା କିଛି ଦିନ ଧରି ରାଜ୍ୟର ପଶ୍ଚିମାଂଚଳରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢିଚାଲିଥିବା ବେଳେ ପୂର୍ବାଂଚଳରେ ଗୁଳୁଗୁଳି ଜନଜୀବନକୁ ଏକ ପ୍ରକାର ବିପର୍ଯ୍ୟାୟ କରିଦେଇଛି । ପରିସ୍ଥିତି ଏପରି ହୋଇଛି ଯେ, ଗଲା କିଛି ଦିନ ହେଲା ପଶ୍ଚିମ ଓଡିଶାର ବହୁ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିଥିବାବେଳେ ୪୦ଡିଗ୍ରୀ ଉପରେ ସହର ସଂଖ୍ୟା ବଢିଚାଲିଛି । ଖରାଦିନେ ଗ୍ରୀଷ୍ମ ପ୍ରବାହ କିଛି ନୂଆ କଥା ନୁହେଁ । ମାତ୍ର ଏବେ କିଛି ବର୍ଷ ଧରି ରାଜ୍ୟରେ ଯେପରି ଗ୍ରୀଷ୍ମ ପ୍ରବାହ ବଢିଚାଲିଛି, ତାହା ପ୍ରକୃତି, ପାଣିପାଗ ଏବଂ ଜଳବାୟୁର ପରିବର୍ତ୍ତନ ସଂକେତ ପ୍ରଦାନ କରେ । ରାଜ୍ୟର ଝାରସୁଗୁଡା, ବୌଦ୍ଧ, ବାରିପଦା, ଟିଟିଲାଗଡ ଆଦି ସହର ଦେଶର ସବୁଠୁ ତାତିଲା ସହର ତାଲିକାରେ ବହୁବାର ସ୍ଥାନୀତ ହୋଇଛି । ନିକଟରେ ଗ୍ଲୋବାଲ ଓ୍ୱାର୍ମିଂ ରିପୋର୍ଟ ପ୍ରକାଶିତ ଏକ ରିପୋର୍ଟରେ ବିଶ୍ୱର ସବୁଠୁ ୬୦ଟି ତାତିଲା ସହର ମଧ୍ୟରେ ଭାରତର କେବଳ ୫୦ଟି ସହର ଥିବା କୁହାଯାଇଥିଲା । କେବଳ ଏତିକି ନୁହେଁ, ଓଡିଶାର ବଲାଙ୍ଗିର ବିଶ୍ୱର ସବୁଠାରୁ ତାତିଲା ସହର ଥିବା କୁହାଯାଇଥିଲା । ଏଥିରେ ବୋଧହୁଏ କେହି ଅସହମତ ହେବେ ନାହିଁ ଯେ, ମଣିଷ ପ୍ରକୃତି ଏବଂ ପରିବେଶ ଉପରେ ଯେତିକି ଯେତିକି ଅତ୍ୟାଚାର ବଢିଚାଲିଛି, ପ୍ରକୃତିର କୋପ ସେତିକି ସେତିକି ବଢିବାରେ ଲାଗିଛି । ଯାହାର ପରିଣତି ସ୍ୱରୁପ ବାତ୍ୟା, ମରୁଡି, ବନ୍ୟା, ଗ୍ରୀଷ୍ମପ୍ରବାହ, କାଳବୈଶାଖୀ ଏବଂ ଶୀତର ପ୍ରକୋପ ବଢିଚାଲିଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ପ୍ରତିବର୍ଷ ସାମୁଦ୍ରିକ ବାତ୍ୟା, ଗ୍ରୀଷ୍ମ ପ୍ରବାହ, କାଳବୈଶାଖୀ ଆଦି ପ୍ରାକୃତିକ ବିପର୍ଯ୍ୟାୟ ବୃଦ୍ଧି ପାଇବାରେ ଲାଗିଛି । ଯାହାର ପରିଣତି ସ୍ୱରୁପ ବ୍ୟାପକ ଧନଜୀବନ କ୍ଷୟକ୍ଷତି ହେଉଛି । ନିକଟରେ ଉତରପ୍ରଦେଶରେ ୨୦ଟି ଜିଲ୍ଲାରେ ଏକ ସମୟରେ କାଳବୈଶାଖୀ ତାଣ୍ଡବରେ ୧୧୧ ଜଣ ଲୋକଙ୍କର ଜୀବନହାନୀ ଘଟିବା ସହ ୭୨ଜଣ ଆହତ ହୋଇଥିଲେ । ବିଦ୍ୟୁତ, ଟେଲିଫୋନ ଖୁଂଟ ଏବଂ ବହୁ ଗଛ ଉପୁଡି ପଡିବା ସହ ହଜାର ହଜାର ଚାଳ, ଟିଣ, ଟାଇଲ ଆଜବେଷ୍ଟସ ଘର ଉଡିଯାଇଥିଲା । କାଳବୈଶାଖୀ ପ୍ରଭାବରେ ଝଡ ପବନରେ ଜଣେ ଲୋକ ଆକାଶରେ ଉଡୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ନିକଟ ଅତୀତରେ ଉତରପ୍ରଦେଶରେ ଜଳବାୟୁ ସମ୍ପର୍କିତ ବିପର୍ଯ୍ୟାୟରେ ଏହା ସବୁଠାରୁ ଘାତକ ଝଡ ଥିଲା ବୋଲି କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଗଲା ୨୦୧୮ ମସିହାଠାରୁ ମେ-ଜୁନ ମାସରେ ଉତରପ୍ରଦେଶ ଅନୁରୂପ ଜଳବାୟୁ ବିପର୍ଯ୍ୟାୟ ଘଟଣାର ସମ୍ମୁଖୀନ ହୋଇଆସୁଛି । କିନ୍ତୁ ନିକଟରେ ସଂଘଠିତ କଳାବୈଶାଖୀ ତାଣ୍ଡବର ତୀବ୍ରତା ଏବେ ଅଧିକ ଥିଲା ଏହା କେବଳ ଧ୍ୱଂସର ତାଣ୍ଡବ ରଚିଥିଲା । ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଏବେ ପ୍ରତିଦିନ ବିଭିନ୍ନ ରାଜ୍ୟ ପାଇଁ କାଳବୈଶାଖୀ, ବଜ୍ରପାତର ସତର୍କ ସୂଚନା ଜାରି କରିବା ଏକ ନିୟମିତ ପ୍ରକ୍ରୀୟାରେ ପରିଣତ ହୋଇଛି ବୋଲି କହିଲେ ଭୁଲ ହୋଇନପାରେ । ସେହିପରି ଉତରପ୍ରଦେଶ ସରକାର ମଧ୍ୟ ସଚେତ ପୋର୍ଟାଲ ମାଧ୍ୟମରେ ଲୋକଙ୍କୁ ସତର୍କ କରାଇବା ପାଇଁ ଗତ ମାସକ ମଧ୍ୟରେ ୩୪କୋଟିରୁ ଉର୍ଦ୍ଧ୍ୱ ରେଡ୍ ଓ ଅରେଞ୍ଜ ଓ୍ୱାର୍ଣ୍ଣିଂ ମ୍ୟାସେଜ ଜାରି କରିଥିଲେ । ସେହିପରି କେବଳ ଓଡିଶା କିମ୍ବା ଉତରପ୍ରଦେଶ ନୁହେଁ, ଦେଶର ବିଭିନ୍ନ ଭାଗରେ ତାପମାତ୍ରା ବୃଦ୍ଧି ଏବେ ଉଦ୍‌ବେଗର କାରଣ ହୋଇଛି । ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ଉତର ଭାରତ ଓ କେନ୍ଦ୍ରୀୟ ଭାରତର ରୌଦ୍ରତାପ ୪୫ଡିଗ୍ରୀ ସେଲସିଅସ୍ ଅତିକ୍ରମ କରିଛି । ଆଗାମୀ ଦିନରେ ଲୁ’ ଏବଂ ଗ୍ରୀଷ୍ମ ପ୍ରବାହ ଆହୁରି ଭୟଙ୍କର ହୋଇପାରେ । ସେହିପରି ଚଳିତ ସୁପର ଏଲ-ନିନୋ ଯୋଗୁଁ ଦେଶରେ ମୌସୁମୀ ପ୍ରଭାବିତ ହେବା ସହ ଗ୍ରୀଷ୍ମ ପ୍ରବାହ ବପର୍ଯ୍ୟାୟ ଆଣିପାରେ ବୋଲି ବହୁ ବିଦେଶୀ ଓ ଘରୋଇ ପାଣିପାଗ ସଂସ୍ଥା ଚେତାବନୀ ଦେଇଛନ୍ତି । ଏଥିପ୍ରତି ସତର୍କ ହେବା ଜରୁରୀ ।

# ଝିଅ ହେବ ତ ଏମିତି

## ସୁନନ୍ଦା ମହାନ୍ତି

ଗାଁରୁ ଆସିବା ପରେ ଜୀବନଟା ତାକୁ ଅର୍ଥାତ ଛୋଟିକୁ ଖୁବ ଝଲମଲ ମନେ ହେଉଥିଲା । ଝଲମଲ ପରଦା ଆଡେଇ ଆଡେଇ ଘର ଓଲେଇବା, ଝଲମଲ ପାପୋଛ ସବୁକୁ ଟେକି ଝଡା ଝଡି କରିବାରେ ତାକୁ କିଛି ଅସୁବିଧା ହେଉନଥିଲା କାରଣ ସେ ଗାଁରେ ବରଡ଼ା ଉଛି ଖଡ଼ିକା ପ୍ରସ୍ତୁତ କରି ଓଳାପୋଳା କଲାବେଳେ ତାକୁ କଷ୍ଟ ହେଉଥିଲା । ମା ଯଦି ସେତିକି ଥାଉ କହୁଥିଲା ତ ତା ଭିତରେ ଗୋଟେ ସହୃଦୟତାର ଝଲମଲ ଖେଳି ଯାଉଥିଲା ମନ ହୃଦୟରେ । ସେ କହୁଥିଲା ତୁ କେତେ କାମ କରୁଛୁ ମା । ମୁଁ ଏତିକି ସାହାଯ୍ୟ କରିପାରିବିନି ତତେ !ମାଆ ତା ମୁଣ୍ଡ ଆଉଁସି କହୁଥିଲା ଏଥର ବାପା ଦାଦନରୁ ଫେରିଲେ ତୋ ନାମ ସ୍କୁଲରେ ଲେଖାଇଦେବି ଝିଅ । ଏବେ ଖାଲି ତୋ ଛୋଟ ଭାଇଟା ଟିକେ ବଡ଼ ହେଲାଯାଏଁ ଘର କାମରେ ମତେ ସାହାଯ୍ୟ କରୁଥା । ରାତିରେ ଛୋଟି ସ୍ୱପ୍ନ ଦେଖେ । ସେ ସ୍କୁଲ ଯାଉଛି । ତାର କେତେ ରକମର ଝଲମଲ ମଲାଟ ଥିବା ବହି ଅଛି, ଖାତା, ପେନ, ପେନସିଲ ଇତ୍ୟାଦି ତା ଝଲମଲ ବ୍ୟାଗରେ ରହି ସେ ସ୍କୁଲ ଯାଉଛି, ପାଠ ପଢୁଛି । ପୁଣି ଝଲମଲ କରୁଥିବା ପ୍ରଜାପତି ଡେଣା ଦେଖି ତା ପଛରେ ଧାଇଁବାରୁ ଗୁରୁମା କହୁଛନ୍ତି ପାଠ ଲେଖେ ଝିଅ, ପ୍ରଜାପତି ଡେଣା ଛିଣ୍ଡିଗଲେ ତାକୁ ଉଡିବାକୁ କଷ୍ଟ ହେବ । ସେ କିନ୍ତୁ ଆଖି ଖୋଲିବା ବେଳକୁ ଗୁରୁମା ନୁହଁ ବରଂ ମାଆ ଡାକୁଥିଲା ଉଠୁ ଝିଅ । ବାସନ ନେଇ ମୁଁ ନଈ କୁ ଯାଉଛି ତୁ ଟିକେ ସାନଭାଇଟା ପାଖେ ଥାଆ । ଧଡ଼ପଡ ହୋଇ ଉଠିପଡଡ଼ିଲା ଛୋଟି । ବାମ ଗୋଡ଼ଟା ତାର ଅଳ୍ପ ଛୋଟ ବୋଲି ସମସ୍ତେ ସିନା ତାକୁ ଛୋଟି ଡାକନ୍ତି ମାଆ କିନ୍ତୁ ଡାକୁଥାଏ ମାମୁନି ଲୋ । ସେ ଡାକରେ ଏତେ ଝଲମଲ ହୁଏ ତା ମନ ତା ପାଖରେ କିଛି ନଥିଲେ ମଧ୍ୟ ସେ ସବୁ କିଛି ପାଇଯାଏ ଯେମିତି । ମାଆ କେତେ କାମ କରୁଛି । ବାବୁଘର ଯାଉଛି । ସେ ସ୍କୁଲ ଗଲେ ତା ଛୋଟ ଭାଇ ବଡ଼ ହେବ କେମିତି !ଏତେ ଦିନ ଗଲାଣି । ଆଉ କେଇଟା ଦିନ ଯାଉ ବାପା ତାର ଦାଦନ ରୁ ଫେରିଲେ ସେ ବାପା ସଙ୍ଗେ ବଜାର ଯାଇ ଖୁବ ସୁନ୍ଦର ଝଲମଲ କରୁଥିବା ସ୍କୁଲ ବ୍ୟାଗ କିଣି ସ୍କୁଲ ଯିବ । ସ୍କୁଲରେ ତା ନାମ ଲକ୍ଷ୍ମୀ ବୋଲି ଲେଖେଇବ । କାରଣ ମାଆ ତାକୁ ମାମୁନି ଡାକିଲେ ସେ ଯେତିକି ଖୁସି ହୁଏ ବାପା ତାକୁ ଲକ୍ଷ୍ମୀ ବୋଲି ଡାକିଦେଲେ ସେ ତା ଠୁ ଅଧିକ ଖୁସି ହୁଏ । ବାପା କିନ୍ତୁ ଫେରୁନଥିଲେ । କିଏ କହୁଥିଲା ସେପଟେ ସେ ତା ସଂସାର ବାନ୍ଧିଲାଣି ତ କିଏ କହୁଥିଲା ରୋଗ ତାକୁ ଗ୍ରାସ କଲଣି ପୁଣି କିଏ କହେ ଆଉ ଅଛି ଯେ ଫେରିବ । ଏସବୁ ଶୁଣି ଛୋଟି ତାର ଛୋଟ କାନ ପରଦା ଦ୍ୱୟକୁ ହାତ ପାପୁଲିରେ ଘୋଡାଇ ଡାକୁଥାଏ ପ୍ରଭୁ ହେ ଯୋଉଠି ଥାଆନ୍ତୁ, ଯେମିତି ଥାଆନ୍ତୁ ମୋ ବାପା ଭଲରେ ଥାଆନ୍ତୁ ।

ଆଜି ମାଆ ନଈ ରୁ ଫେରୁନି । ଛୋଟ ଭାଇ କାନ୍ଦିଲାଣି । ଏତିକି ବେଳେ ଗାଁରେ ଚହଳ ପଡିଲା ।ଛୋଟି ମାଆକୁ କୁମ୍ଭୀର ଟାଣି ନେଲା । ତା ଆଖି ଓଦା ହୋଇ ଆସିଲା ବେଳକୁ ବାବୁ ଘର ମାଆ କହୁଥିଲେ ଏଣିକି ଆ ଛୋଟି ।ଏଠି କେତେ କାମ ପଡିଛି । ଲୁହ ପୋଛି କାମରେ ମନ ଲଗାଇ ଛୋଟି ଭାବୁଥିଲା,ମାଆକୁ କୁମ୍ଭୀର ନେଲା ଯେ ନେଲା ଆଉ ଫେରେଇଲାନି । ଛୋଟ ଭାଇକୁ ତା କୋଳରୁ ଖୁଡି ଉଠେଇ ନେଲା । ବାପା ମଧ୍ୟ ଆଉ ଫେରିନଥିଲା । ଦାଦା ତାକୁ ଆଣି ଏଇଠି ଛାଡ଼ି ଦେଇ ଯାଇଛି । ଏଠି ସବୁ ଭଲ ଯେ ତେବେ ତାକୁ ପ୍ରଜାପତି ଧରିବାକୁ ମନା । ଅନ୍ତର ଭିତରେ ମାଆ ଅଛି । ଆଖି ଛୋଟ ଭାଇକୁ ଦେଖିବାକୁ ଚାହୁଁଛି । ହେଲେ ଏଠି ଆଉ ଟିକେ ବଡ଼ ହେବ ହୁଏତ ବା ତାରି ବୟସର ପୁଅ ମୁନା କୁ ଦେଖି ସେ ବୁଝିଯାଉଛି ତା ଛୋଟ ଭାଇ ଛୋଟୁ ଏଇ ମୁନା ଭିତରେ ତା ପାଖେ ପାଖେ ଅଛି । ତାର ଆଜି ଜନ୍ମଦିନ । କେତେ କଣ ହେଉଛି । ତାକୁ କାମ ବାଧୁନି ।ତାର ଛୋଟ ହାତରେ ସେ ଝଲମଲ ଜରି ଅଠା ଲଗେଇ ବାପା ପରି ବାବୁଙ୍କୁ ବ ? ?ଇ ଦେଇଛି । ଝଲମଲ ତୋରଣ ରେ ରଙ୍ଗ ବେରଙ୍ଗର ବେଲୁନ ସବୁ ଝଲମଲ କରି ମାଆ ପରି ବାବୁଆଣୀଙ୍କ ସହ ବାନ୍ଧିଛି । କେତେ କିଏ ଆସିଲେ, କେକ କାଟିଲେ, ହାପି ବାର୍ଥ ଡେ ଟୁ ୟୁ ମୁନା କହିଲେ, ଭୋଜି ଭାତ ଓ ଷ୍ଟାଟସରେ ଥିବା କେତେ ଭଳି ଭଳି ଖାଦ୍ୟ ଖାଇ କିଏ କେମିତି ଗଲାବେଳେ ତା ହାତରେ ଶହେ, ପଚାଶ, ଦୁଇଶ ଟଙ୍କା ବି ଦେଲେ । ଏତେଗୁଡ ? ଟଙ୍କା ଦେଖି ତାର ମାଆ କଥା ଖୁବ ମନେ ପଡୁଥିଲା ତ ସେ ସେସବୁ ନେଇ ବାବୁଆଣୀ ଙ୍କୁ ଧରାଇ ଦେଲାବେଳେ ସେ କହୁଥିଲେ ଝିଅଲୋ ତୁ ନଥିଲେ ଏତେ ସବୁ ମୁଁ ପାରିନଥାନ୍ତି । ସେଇ କେଇ ପଦରେ ତା ଆଖିରେ ଲୁହ ଆସିଗଲା । ବାବୁଆଣୀ କହୁଥିଲେ ହଉ ମନଦୁଃଖ କରନା ଏସବୁ ଟଙ୍କା ତୋର । ତୋ ନାମରେ ବ୍ୟାଙ୍କରେ ପାସବୁକ ଖୋଲିବା । ଆଉ କଣ ଖାଇବୁ ଝିଅ ?କାନ୍ଦିପକେଇ ଛୋଟି କହୁଥିଲା ଖାଇଛି ସବୁ ।ମୁଁ ପଢ଼ିବି ମାଆ । ପାଠ ପଢ଼ିବି । ହଉ ହଉ କହି ବାବୁଆଣୀ ହାଲିଆରେ ଶୋଇଗଲା ପରେ ଛୋଟି ମାଆ ଙ୍କ ପାଦରେ ତେଲ ଘଷୁ ଘଷୁ ତା ନିଜ ମାଆ କଥା ଭାବୁଥିଲା । ଦିନ ଯାକର ପରିଶ୍ରମ ପରେ ରାତିରେ ମାଆ ଯେବେ ତା ଗୋଡରେ ତେଲ ମାରି ଘସିଦିଏ ତାକୁ କେତେ ଭଲ ଲାଗେ ସତରେ ।ତାର ସେଇ ଶାଗ ପଖାଳ ଭାତ ସହିତ ମାଆର ମାମୁନି ଡାକ ଏ କୁମ୍ଭୀର ପରି ଝଲମଲ ଦୁନିଆଁ ଠୁ ଢେର ଭଲ ଭାବିଲା ବେଳେ ସେ ଜିଭ କାମୁଡି ପକାଉଥିଲା ନିଜକୁ ନିଜେ ଖୁବ ବଡ଼ ହୋଇଗଲାଣି ବୋଲି ଭାବୁଥିଲା । ଶୋଇଯିବା ପୂର୍ବରୁ ଠାକୁରଙ୍କୁ ମୁଣ୍ଡିଆ ମାରୁଥିଲା ମୋ ଭାଇ ଛୋଟୁକୁ ଭଲରେ ରଖିଥାଅ ପ୍ରଭୁ, ଯଦିଓ ସେ ଜାଣିଥିଲା ତିନି ତିନିଟା ଝିଅର ମାଆ ଖୁଡି ପୁଅଟିଏ ପାଇଁ ଛଟପଟ ହେଉଥିଲା ବେଳେ ସେଇ ପୋଡାମୁହିଁ କୁମ୍ଭୀର ଯୋଗୁଁ ତା ଭାଇ ଛୋଟୁ ଖୁଡିର ପୁଅ ହୋଇଗଲା ।

ଏ ଭିତରେ ପିଲାଦିନର ଛୋଟି ବଡ଼ ହୋଇ ସମସ୍ତଙ୍କ ପାଇଁ ଲକ୍ଷ୍ମୀ ରୂପେ ପରିଚିତ ହୋଇଯାଇଥିଲା । ପିଲାଦିନେ ମାଆ କହିଥିବା ସେଇ ଗପଟା ତାର ବହୁତ ମନେପଡୁଥିଲା । ସେହି ଗପଟି ଥିଲା ଗୋଟେ ଚିଲମ କେମିତି ସୁରେଇରେ ପରିଣତ ହୋଇ ଶାନ୍ତି ଦେଇପାରୁଥିଲା ।ଗୋଟିଏ ଗାଁରେ କୁମ୍ଭାରଟିଏ ରହୁଥିଲା । ସେ ମାଟିରୁ କେବଳ ଚିଲମ ତିଆରି କରୁଥିଲା । ହାଟରେ ଚିଲମ ବିକି ସେ ଚଳୁଥିଲା ।ଦିନକର କଥା । ସେ ଚିଲମ ତିଆରି କରୁଛି,ଏଇ ସମୟରେ ତା’ର ସ୍ତ୍ରୀ ଆସି ତାକୁ କହିଲା-- ଗୋଟିଏ କଥା ତୁମକୁ କହିବି କହିବି ହୋଇ ବହୁତ ଦିନ ହେଲାଣି ଭାବୁଛି । କହିବି କି ? କୁମ୍ଭାର କହିଲା --କୁହ । ତା’ର ସ୍ତ୍ରୀ କହିଲା-- ଏବେ ଖରା ଦିନ ।ଉଦୁଉଦିଆ ଦ୍ୱିପହରେ ତୁମେ ଚିଲମ ତିଆରି କରୁଛ । କାହିଁକି ତୁମେ ଚିଲମ ବଦଳରେ ସୁରେଇ ତିଆରି କରୁନା ? ଚିଲମରେ ଲୋକେ ନିଆଁ ଧୂଆଁ ଟାଣି ଆହୁରି ତାତିଲା ହେଉଛନ୍ତି ।ତୁମେ ସୁରେଇ ତିଆରି କର ଯେ ଲୋକେ ଥଣ୍ଡାପାଣି ପିଇ ଅନ୍ତତଃ ଶୀତଳ ହେବେ ।କୁମ୍ଭାର କିଛି ସମୟ ପାଇଁ କଥାଟିକୁ ଭାବିଲା ।ସେ ଭାବିଲା ଯେ ସାରା ଜୀବନ ତ ଚିଲମ ତିଆରି କରି କାଟିଲି ।ଏବେ ସତରେ କଅଣ ସୁରେଇ ତିଆରି କରିବି ? ତେବ ? ସ୍ତ୍ରୀ ଯେତେବେଳେ ଚାହୁଁଛି, ଥରେ ସୁରେଇ କରି ଦେଖେ । ସେ କୁମ୍ଭାର ଚକ ଉପରେ ଟେଳାଏ କାଦୁଆ ମାଟି ଛାଟିଦେଇ ହାତକୁ ବୁଲେଇ ଆଣିଲା । ସୁନ୍ଦର ସୁରେଇ ଗଢି ହୋଇଗଲା ।ତା’ ପର ଠାରୁ ସେ ସୁରେଇ ତିଆରି କରିବାରେ ଲାଗିଲା । ତା’ର ବିକ୍ରି ଆହୁରି ବଢିଗଲା । ଦିନକର କଥା । ଖରା ଦିନ ଦ୍ୱିପହରେ ସେ ହାଟରୁ ଘରକୁ ଫେରି ସୁରେଇରୁ ପାଣି ପିଇବାକୁ ଯାଉଛି ତାକୁ ଲାଗିଲା ଯେ ସୁରେଇ ତାକୁ ଧନ୍ୟବାଦ ଦେଇ କିଛି କହୁଛି । ସତେ ଯେମିତି ସୁରେଇ କହୁଛି --ଧନ୍ୟବାଦ । ମୁଁ ସେଇ ଚିଲମ ଯାହାକୁ ତୁମେ ସୁରେଇରେ ପରିଣତ କଲ ।ମୋର ଭାଗ୍ୟ ବଦଳାଇ ଦେଲ । କୁମ୍ଭାର କହିଲା--ସେ କିଛି ନୁହେଁ । ଟିକିଏ ଭାବନାର ଧାରା ବଦଳାଇ ଦେଲି ତ ତୁ ତିଆରି ହୋଇଗଲୁ ।ସୁରେଇ କହିଲା--ଭାଗ୍ୟ ଆଉ କେମିତି ବଦଳେ କି ? ଭାବନା ବଦଳାଇ ଦେଲେ ଭାଗ୍ୟ ବଦଳିଯାଏ । ଗଳ୍ପ ଟି ମନେ ପକେଇ ଛୋଟି ନିଜ ନାମ ବଦଳେଇ ପାରିଥିବାରୁ ଖୁସି ପାଇଲାନାହିଁ ବରଂ ମୁକ୍ତି ଚାହୁଁଥିଲା । ନିଜକୁ ସେଇ ଛୋଟି ନାମ ଭିତରେ ବାନ୍ଧି ଅନ୍ୟ କିଛି କରିବାକୁ ଚାହିଁଥିଲା ।ତା ଗାଁକୁ ଫେରିଯାଇଥିଲା । ଭାଇକୁ ମଣିଷ କରିବା ସହ ଗ୍ରାମର ଅସହାୟ ତଥା ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସ୍କୁଲ ଟିଏ ଖୋଲିବାକୁ ଚାହିଁଥିଲା । ତା ନାମରେ ଏବେ ବ୍ୟାଙ୍କରେ ଢେର ପଇସା ଥିଲା । (କ୍ରମଶଃ)

# ଶ୍ରୀଗୁଣ୍ଡିଚା ମନ୍ଦିରରେ ଭୂତଶୋଧ ଓ ‘ବାବନା ଭୂତ’

## ପୁଷ୍ପମିତ୍ର ମହାପାତ୍ର

‘ଭୂତ’ଶବ୍ଦଟି ଆମ ଓଡ଼ିଆ ଜନଜୀବନରେ ଜଣେ ଉତ୍ପାତ୍ତ ବା ମୃତଲୋକ ଯିଏ ପାପଶକ୍ତି ପଦବାଚ୍ୟ । ସେମାନେ ଏହି ପର୍ଯ୍ୟାୟର କିନ୍ତୁ ହିନ୍ଦୁ ପୁରାଣ ଓ ଗରୁଡ଼ ପୁରାଣରେ ଉଲ୍ଲେଖ ରହିଛି ଯେ ଭୂତମାନେ ପାପଶକ୍ତି ନୁହନ୍ତି ସେମାନେ ଦୈବୀଶକ୍ତି ଏବଂ ଶିବ ହେଉଛନ୍ତି ସେମାନଙ୍କର ପ୍ରଭୁ । ସେଇଥିପାଇଁ ଭୋଳାନାଥ ହର ହର ମହାଦେବ ଶିବଙ୍କୁ ଭୂତେଶ୍ୱର ବା ଭୂତେଶ କହିଥାନ୍ତି । ତାଙ୍କୁ ଭୂତ ମାନଙ୍କର ନିୟନ୍ତ୍ରକ ଭାବେ ପୁରାଣରେ ବର୍ଣ୍ଣନା କରାଯାଇଛି । ଯିଏ ବିଶ୍ୱ ନିୟନ୍ତା, ଯାହାଙ୍କ ଇଛାରେ ଏ ସୃଷ୍ଟି ଆତଯାତ ହୋଇଥାଏ ସେହି ପୂର୍ଣ୍ଣବ୍ରହ୍ମ ଲୀଳାସ୍ରଷ୍ଟା ଶ୍ରୀଜଗନ୍ନାଥଙ୍କ ମାଉସୀ ଘରେ ଅର୍ଥାତ୍ ଗୁଣ୍ଡିଚା ମନ୍ଦିରରେ ପୁଣି ଭୂତ !! ଆଜିର ସମୟରେ ଯେଉଁଠି ଭୂତକୁ ଏକ କୁସଂସ୍କାର ଓ ମାନସିକ ବିକାର ଭାବନା ବୋଲି କୁହାଯାଉଛି ସେତେବେଳେ ମହାପ୍ରଭୁଙ୍କ ଲୀଳା ଭିତରେ ମାଉସୀ ମାଆଙ୍କ ଗୁଣ୍ଡିଚା ମନ୍ଦିରରେ ବାବନା ଭୂତ ଘଟଣା ଅନେକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଓ ରହସ୍ୟମୟ ଅନୁଭୂତି ଆଣିଥାଏ ।

ରଥଯାତ୍ରା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର ଠାରେ ଭୂତଶୋଧ ନୀତି ଅନୁଷ୍ଠିତ ହୋଇଥାଏ । ଗୌଡ଼ୀୟ ବୈଷ୍ଣବମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ରହୁଥିବା ଭୂତଙ୍କୁ ଘଉଡାଇବା ପାଇଁ ମନ୍ଦିର ଆଗରେ ଏହି ଭୂତଶୌଧ ନୀତି ସଂପାଦନ କରିଥାନ୍ତି । ପରମ୍ପରା ଅନୁଯାୟୀ ବୈଷ୍ଣବମାନେ ଶ୍ରୀଚୈତନ୍ୟ ଅବସ୍ଥାନ କରୁଥିବା ବାଲିସାହିସ୍ଥ ରାଧାକାନ୍ତ ମଠରୁ ଶୋଭାଯାତ୍ରାରେ ଆସି ଝାଞ୍ଜପିଟା ମଠରେ ପହଞ୍ଚିଥାନ୍ତି । ପଶ୍ଚିମବଙ୍ଗର ନଦିଆ ନବଦ୍ୱୀପରୁ ଆସିଥିବା ଏହି ଗୌଡ଼ୀୟ ବୈଷ୍ଣବମାନେ ସେମାନଙ୍କୁ ସ୍ୱାଗତ କରିବା ସହ ଶୋଭାଯାତ୍ରାରେ ସାମିଲ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିଥାନ୍ତି । ପରେ ସେଠାରେ ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନା ନୀତି ସଂପନ୍ନ ହୋଇଥାଏ ।

ଜନଶ୍ରୁତି ରହିଛି ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ପରିତ୍ୟକ୍ତ ଅବସ୍ଥାରେ ରହୁଥିଲା । ଏଠାରେ ଗହଳି ଚହଳି ଲାଗେ । ଏଣୁ ଏଠାରେ ଭୂତ ବାସ କରନ୍ତି ବୋଲି ବିଶ୍ୱାସ ରହିଛି । ମହାପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିର ଆସିବା ପୂର୍ବରୁ ଏହି ଭୂତ ମାନଙ୍କୁ ଘଉଡାଇବା ପାଇଁ ବୈଷ୍ଣବ ମାନଙ୍କ ଦ୍ୱାରା ଭୂତଶୋଧ ନୀତି ତଥା ମାର୍ଜନା କାର୍ଯ୍ୟ କରାଯାଇଥାଏ । ଗୌଡ଼ୀୟ ବୈଷ୍ଣବ ଧର୍ମର ମହିଳା,ପୁରୁଷ ଏକାଠି ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଆଗ ପାଣି ପକାଇ, ଝାଡୁ ମାରି ସଫା କରିଥାନ୍ତି । ୧୫୦୦ଖ୍ରୀଷ୍ଟାବ୍ଦର ଦ୍ୱିତୀୟ ଦଶକରେ ମହାପ୍ରଭୁଙ୍କ ପରମ ଭକ୍ତ ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥାନ୍ତି । ସେ ସମୟରେ ବଡ଼ଦାଣ୍ଡର କିଛି ବାଟ ପରେ ଥିଲା ମାଳିନୀ ନଦୀ । ନିକାଞ୍ଚନ ଅଞ୍ଚଳ, ଚାରିଆଡ଼େ ବାଲି ଆଉ ଘଞ୍ଚ ଜଙ୍ଗଲ । ଶୁନଶାନ ମନ୍ଦିର ଓ ଖାଁ ଖାଁ ପରିବେଶ ଭିତରେ ଏକ ପ୍ରକାର ନିର୍ଜନ ଅଞ୍ଚଳ ଲାଗୁଥିଲା । ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ତଥା ବିଶିଷ୍ଟ ଗବେଷକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ରଙ୍କ ତଥ୍ୟ ଅନୁଯାୟୀ ସେ ସମୟରେ ଶ୍ରୀଚୈତନ୍ୟ ଆଗକୁ ଯିବାବେଳେ ତାଙ୍କୁ ଲାଗୁଥିଲା ଯେପରି ଏଠାରେ ଭୂତ ବସା କରିଛି । ତେବେ ଜନ୍ମବେଦୀ ଦେଖି ସେ ବ୍ୟଥିତ ହୋଇଥିଲେ ଏବଂ ଧୂଳି ଧୂଷରର ପରିବେଶ, ଫଡ଼ ଫଡ଼ ହୋଇ ଉଡୁଥିଲେ ପକ୍ଷୀ ଏବଂ ଏହା ଏକ ଭୂତ ଘର ଭଳି ଲାଗୁଥିଲା ।

ତତ୍କାଳୀନ ଗଜପତି ପ୍ରତାପରୁଦ୍ର ଦେବ ଭକ୍ତ ଶ୍ରୀଚୈତନ୍ୟଙ୍କୁ ଅନୁମତି ଦେବା ପରେ ଗୌଡ଼ୀୟ ସାଧୁସନ୍ଥ ଗୁଣ୍ଡିଚା ମନ୍ଦିର ସଫା କାର୍ଯ୍ୟ ନିର୍ବାହ କରିଥିଲେ । ସେତେବେଳେ ଗଜପତି ଥିଲେ ପ୍ରତାପରୁଦ୍ର ଦେବ । ସେ ଶ୍ରୀଚୈତନ୍ୟଙ୍କୁ ଅନୁମତି ଦେବା ପରେ ଶ୍ରୀଚୈତନ୍ୟ ଗୌଡ଼ୀୟ ସାଧୁସନ୍ଥଙ୍କୁ ଧରି ଆଡ଼ପ ମଣ୍ଡପ ଓ ମହାପ୍ରଭୁଙ୍କ ଆଗମନ ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ସଫା କରିବାରେ ଲାଗିପଡ଼ିଥିଲେ । ମାଦଳା ପାଞ୍ଜିର ତଥ୍ୟ ମୁତାବକ ୧୩୦୦ ମସିହାରୁ ପରମ୍ପରା ଚାଲି ଆସିଛି । ବର୍ତ୍ତମାନ ସେ ସମୟ ଆଉ ନାହିଁ ନିର୍ଜନ ଅଗମ୍ୟ ଗୁଣ୍ଡିଚା ମନ୍ଦିର ଏବେ ଲୋକାରଣ୍ୟ କିନ୍ତୁ ଆଡ଼ପ ମଣ୍ଡପ ଓ ଗୁଣ୍ଡିଚା ମନ୍ଦିର ମାର୍ଜନା କରିବାର ପରମ୍ପରା ଆବହମାନ ସମୟରୁ ଯାହା ରହି ଆସିଛି ତାହା ଏ ଯାବତ୍ ପ୍ରଚଳିତ ହେଉଛି । ମାତ୍ର ସମୟର ପରିବର୍ତ୍ତନ ସହ ସଭ୍ୟତା ବଦଳିଛି । ଦିନେ ନିର୍ଜନ ଓ ଅଗମ୍ୟ ଥିବା ଶ୍ରୀଗୁଣ୍ଡିଚା ମନ୍ଦିର ଏବେ ଲୋକାରଣ୍ୟ ହୋଇଯାଇଛି । ଚାରିଆଡ଼େ ଉଜ୍ଜ୍ୱଳ ଆଲୋକ ରହିଛି । ତଥାପି ବାହୁଡ଼ା ଦିନ ତିନିରଥ ଶରଧାବାଲିରୁ ଆସିବା ପରେ ସେହି ଅଞ୍ଚଳ ଏବେ ବି ଖାଁ ଖାଁ ଲାଗୁଛି । ସେହି ବିଶ୍ୱାସ ଅଛି, ଠାକୁର ବାହୁଡ଼ିଲେ ବର୍ଷସାରା ସିଂହାସନକୁ ଜଗି ରହୁଥିବା ବାବନା ଭୂତ ପୁଣି ଫେରି ଆସୁଛି ।

ଗୌଡ଼ୀୟ ସମ୍ପ୍ରଦାୟର ସାଧୁସନ୍ଥମାନେ ଘଣ୍ଟ ଘଣ୍ଟା ଖୋଳ,ମର୍ଦ୍ଦଳର ତାଳେ ତାଳେ ନାମ ସଂକୀର୍ତ୍ତନ କରି ହାତରେ ଝାଡୁ ଓ ମାଠିଆ ଧରି ଶ୍ରୀଗୁଣ୍ଡିଚା ମନ୍ଦିର ପରିଷ୍କାର ପରିଚ୍ଛନ୍ନ କରି ସେହି ରହସ୍ୟମୟ ବାବନା ଭୂତକୁ ଦୂରେଇ ଦେବା ସହ ମନ୍ଦିରକୁ ପବିତ୍ର କରୁଛନ୍ତି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,
E-mail : niityou001@gmail.com

# ‘ଶ୍ରଦ୍ଧାମଣି’ଙ୍କ ଶରଧାବାଲି...

## ଅଲେଖ ଚନ୍ଦ୍ର ସାମଲ

ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖକୁ ଶରଧାବାଲି କୁହାଯାଏ । ଶରଧାବାଲିର ଧୂଳକୁ ବ୍ରଜଧୂଳି ସହିତ ତୁଳନା କରାଯାଇଛି । ବାହୁଡ଼ା ଦିନ ତିନି ଠାକୁର ଧାଡ଼ି ପହଣ୍ଡିରେ ଶରଧାବାଲି ଦେଇ ରଥ ଉପରକୁ ଚଢ଼ନ୍ତି । ଏଣୁ ମହାପ୍ରଭୁଙ୍କ ସ୍ପର୍ଶ ପାଇ ଶରଧାବାଲି ଅତ୍ୟନ୍ତ ପବିତ୍ର ହୋଇଯାଇଥାଏ । ଏହାର ରେଣୁ ରେଣୁରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସ୍ପର୍ଶ ପାଇଥାଏ । ଏଣୁ ଶରଧା ବାଲି ଅତି ପବିତ୍ର ବୋଲି କୁହାଯାଇଥାଏ ।

ରଥଯାତ୍ରା ସମୟରେ ଶରଧାବାଲିର ମୁଠେ ଧୂଳି ଲାଗି ଭକ୍ତମନ ଆତୁର ହୋଇ ଉଠେ । ବାହୁଡ଼ା ପର୍ଯ୍ୟନ୍ତ ତିନିରଥ ଶରଧାବାଲିରେ ରହିଥାଏ । ଏହି ସମୟରେ ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ସହ ଶରଧାବାଲିର ଧୂଳିକୁ ମଥାରେ ଲଗାଇଲେ ଅଶେଷ ପୂର୍ଣ୍ଣପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଶରଧାବାଲିରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥାଏ । କେହି ମହାପ୍ରଭୁଙ୍କ ନାମ ଜପୁଥିବାବେଳେ ଆଉ କେହି ଭଜନ କୀର୍ତ୍ତନରେ ମଜ୍ଜିଥାନ୍ତି । ଭକ୍ତମାନେ ଶରଧାବାଲିରେ ଗଡ଼ି ଏହାର ପବିତ୍ରତାକୁ ଅନୁଭବ କରିଥାନ୍ତି । ବହୁ ବିଦେଶୀ ଭକ୍ତ ଭାବାବେଗରେ ଏହାର ଧୂଳିକୁ ଦେହରେ ବୋଳି ହେଉଥିବା ଦେଖିବାକୁ ମିଳିଥାଏ । ବିଶିଷ୍ଟ ସଙ୍ଗୀତକାର ଭିକାରୀ ବଳଙ୍କ ଗୀତ ‘ହାତରେ ମୋ ମୁଠା ମୁଠା ଶରଧା ବାଲି... ନରେନ୍ଦ୍ରର ଜଳେ ପଡ଼େ ମଥାରୁ ଝରି..’ ଏହାର ପବିତ୍ରତାକୁ ପରିପ୍ରକାଶ କରେ । ଗବେଷକମାନେ କୁହନ୍ତି, ରଥଯାତ୍ରା ସମୟରେ ଶରଧାବାଲିରେ ଗଡ଼ିଲେ ଓ ମୁଣ୍ଡରେ ଲଗାଇଲେ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାଏ । ଶରଧାବାଲିର ମହାତ୍ମ୍ୟକୁ ନେଇ ବହୁ ଗବେଷକ, ଲେଖକ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି ।

ଶ୍ରଦ୍ଧାମଣିଙ୍କ ନାମାନୁସାରେ ‘ଶରଧା ବାଲି’ - କେତେ ଜଣ ଗବେଷକଙ୍କ ମତରେ ଶ୍ରଦ୍ଧାମଣି ପାଟମହାଦେଇଙ୍କ ନାମାନୁସାରେ ଏହି ବାଲିର ନାମ ଶରଧାବାଲ ହୋଇଛି । ହେରାପଞ୍ଚମୀ ପରେ ତିନିରଥ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରୁହନ୍ତି । ଚତୁର୍ଦ୍ଧା ମୂର୍ତ୍ତି ଶରଧାବାଲି ଦେଇ ରଥାରୁଢ଼ ହୋଇଥାନ୍ତି । ମହାପ୍ରଭୁଙ୍କ ସ୍ପର୍ଶରେ ଏହି ବାଲି ଅତ୍ୟନ୍ତ ପବିତ୍ର ହୋଇଯାଇଥାଏ । ଏହାର ଧୂଳିକୁ ମଥାରେ ଲଗାଇଲେ ମନରେ ପବିତ୍ରତା ଭାବ ଜାଗ୍ରତ ହେବା ସହ ମହାପ୍ରଭୁଙ୍କ ସାନ୍ନିଧ୍ୟ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏଣୁ କବିଙ୍କ ମତରେ ‘ହେ ଜଗନ୍ନାଥ, ଧନ ଜନ ମାଗୁ ନାହିଁ, ମାଗୁଛି ଶରଧା ବାଲିରୁ ମୁଠେ’ । ଶରଧାବାଲିରେ ପାଦ ଦେଲେ ମନରେ ଆପେ ଆପେ ଭକ୍ତିଭାବ ସଞ୍ଚରିଯାଏ । ଅତୀତରେ ଅନେକ ସାଧୁସନ୍ଥ ଏଠାକୁ ଆସି ଶରଧାବାଲିରେ ଗଡ଼ିଥିବାର ବିଭିନ୍ନ ଶାସ୍ତ୍ର, ପୁରାଣରୁ ଜଣାପଡ଼େ ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩
E-mail : alekha007samal@gmail.com



# ରଜ ପୋଡ଼ପିଠା

## ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ

ପିଠା ଭିତରେ ସାର ରଜ ପୋଡ଼ ପିଠା । ଘରେ ହେଉ ବା ରଜ ଦୋଳିରେ ସବୁରି ହାତରେ ଖଣ୍ଡେ ପିଠା । ଏଇ ପୋଡ଼ପିଠାର ମହକ ଖେଳିଯାଏ ଚାରିଆଡ଼େ । ବର୍ଷକରେ ଥରେ ଘରେ ପୋଡ଼ପିଠା ହେବ ବୋଲି କାହାରି ପାଦ ତଳକୁ ଲାଗୁନଥାଏ । ପହିଲିରଜ ପୂର୍ବଦିନ ସଜବାଜ । ରଜ ସଉଦାରେ ପୋଡ଼ପିଠାର ସବୁ ଚିଜ କିଣାଯାଇଥାଏ । ରାତିରେ ରୋଷେଇବାସ ସରିଲା ପରେ ଶାଶୂ-ବୋହୂ ମିଶି ପୋଡ଼ପିଠା ତିଆରିରେ ଲାଗିଯାନ୍ତି । ହାଣ୍ଡିଶାଳରେ ଚୁଲିରେ ମାଟି ହାଣ୍ଡି ବସାଇ ପାଣି ଫୁଟାଏ ବୋହୂ । ଏଥିରେ ପଡ଼େ ଆବଶ୍ୟକ ପରିମାଣର ଲୁଣ ଆଉ ଗୁଡ଼ । ଶାଶୂ ଚୁଲିମୁଣ୍ଡରେ ବସି ବଢ଼େଇ ଦେଉଥାଏ । ବୋହୂ ଫୁଟନ୍ତା ପାଣିରେ ପୂର୍ବରୁ ଶିଳରେ ପ୍ରସ୍ତୁତ ଚାଉଳ ଚୂନା ପକାଇ ଏହାକୁ ଯନ୍ତିବାକୁ ଆରମ୍ଭ କରେ । ସହଯୋଗ କରେ ଶାଶୂ । ଚୂନା ଯନ୍ତି ଆସିବାବେଳକୁ ଏଥିରେ ପଡ଼େ ଅଦା, ମରିଚ ଆଉ ପାଚିନଡ଼ିଆ । କେତେବେଳେ କେମିତି ଏହି ପିଠାରେ ବସାଦହି ବି ପଡ଼ିଥାଏ, ଯାହା ସ୍ୱାଦଯୁକ୍ତ କରାଏ ପିଠାକୁ । ଚୂନା ଯନ୍ତା ସରିଲା ପରେ ଏହାକୁ ଅଜାଡ଼ି ଦିଆଯାଏ ପଲମରେ । ପଲମରେ ଦିଆଯାଏ କଦଳୀପତ୍ର । ଏଥିରେ ଚୂନାଯନ୍ତାକୁ ହାତରେ ସଜାଡ଼ି ଜୁଆଣି, ଅଳେଇଚ, ଗୁଜୁରାତି ପ୍ରଭୃତି ମସଲା ଦିଆଯାଏ । ଏତେସବୁ କାମ ଭିତରେ ଘଷି ରଡ଼ନିଆଁ ଝଟକି ଉଠୁଥାଏ ଚୁଲିରେ । ତଳେ ଚୁଲି ନିଆଁ, ଆଉ ଚୁଲି ଉପରେ ପଲମ ବସାଇ ପଲମରେ ଉପରେ ଅଜାଡ଼ି ଦିଆଯାଏ ରଡ଼ନିଆଁ । ରାତିସାରା ଚୁଲି ପାଉଁଶରେ ପିଠା ପୋଡ଼ା ହେଉଥାଏ । ପିଠାକାମ ସାରି ସମସ୍ତେ ଶୋଇପଡ଼ନ୍ତି । ସକାଳୁ ଉଠିଲେ ସମସ୍ତଙ୍କର ମନେ ପଡ଼େ ପୋଡପିଠା କଥା । ଗାଧୁଆ ସାରି ନୂଆ ବେଶପୋଷାକରେ ମଜିଯାନ୍ତି ପିଲାଠୁ ବୁଢ଼ାଯାଏ । ଖୁସି କହିଲେ ନସରେ । ପହିଲି ରଜର ପହିଲି ପୁଲକ ଭରିଯାଏ ମନରେ । ରଙ୍ଗ



ବେରଙ୍ଗର ପୋଷାକରେ କିଶୋରୀ ଓ ଯୁବତୀଙ୍କର ଗାଁ ବୁଲା ଆରମ୍ଭ ହୋଇଯାଇଥାଏ । ବାଡ଼ିପଟେ ଆମ୍ବ କି ବରଗଛରେ ରଜଦୋଳି ସଜ ହୋଇଥାଏ । ଘରର ବଡ଼ବୋହୂ କି ଯେ କେହି ମହିଳା ଗାଧୁଆପାଧୁଆ ସାରି ନୂଆବସ୍ତ୍ର ପିନ୍ଧି ଚୁଲିରୁ ପିଠା ଓହ୍ଲାଇ ପନିକି ଧରି ବସିପଡ଼ନ୍ତି ପୋଡପିଠା କାଟିବାକୁ । ଚାରିପଟେ ବେଢ଼ିଯାନ୍ତି ପିଲାମାନେ । କ ଟ । ପୋଡପିଠାରୁ କିଛି ପ୍ରଥମେ ଗୃହଦେବୀ ବୃନ୍ଦାବତୀଙ୍କ ଠାରେ ଭୋଗ ଲଗାଯାଏ । ପରେ ପିଣ୍ଡି ଓ ବାରିଆଡ଼େ ଦିଆଯାଏ ଏହି ପିଠା । ପରେ ଘରର ବୋହୂ ଏହି ପିଠାକୁ ପ୍ରଥମେ ମାନ୍ୟ ଲୋକ ଓ ପରେ ପିଲାଙ୍କ ଭିତରେ ବାଣ୍ଟି ଦିଅନ୍ତି । ପିଲାଙ୍କର ମଧ୍ୟ ଏହାକୁ ଖାଇବାର ଉତ୍ସାହ କିଛି କମ୍ ନୁହେଁ । ସାଇପଡ଼ିଶାରେ ଏହି ପିଠା ବଣ୍ଟାଯାଏ । କାହାରି ଘରେ ସେଇବର୍ଷ କେହି ମରିଥିଲେ ତାଙ୍କ ଘରେ ପିଠା ହୋଇନଥାଏ, କିନ୍ତୁ ସାଇପଡ଼ିଶାରେ କେତେଆଡୁ ପିଠା ପହଞ୍ଚିଯାଏ ତାଙ୍କ ଘରେ । ରଜରେ ପୋଡ଼ପିଠା ବାଣ୍ଟିବାର ପରମ୍ପରା ଗ୍ରାମ୍ୟ ସଂସ୍କୃତିରେ ଖୁବ୍ ନିଆରା । ଝିଅମାନେ ଦଳ ଦଳ ହୋଇ ପୋଡ଼ପିଠା ଖାଇ ରଜଦୋଳି ଖେଳିବାର ଦୃଶ୍ୟ ଖୁବ ଆମୋଦଦାୟକ । ପୋଡ଼ପିଠାର ମହକରେ ମହକିଯାଏ ସାରା ଗାଁ । ପୋଡ଼ପିଠା ଓଡ଼ିଆ ଖାଦ୍ୟ ସଂସ୍କୃତିରେ ତା’ର ସ୍ୱତନ୍ତ୍ରତା ବଜାୟ ରଖିଛି । ଓଡ଼ିଆର ଜାତୀୟ ପର୍ବ ରଜରେ ଓଡ଼ିଆଣୀର ପୋଡ଼ପିଠା ଖୁବ୍ ସ୍ୱାଦ ଓ ରୁଚିପୂର୍ଣ୍ଣ । ଲକ୍ଷ୍ମୀପୁରାଣରେ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥ ଓ ଶ୍ରୀବଳରାମଙ୍କୁ ଖାଇବା ଶେଷରେ ପୋଡ଼ପିଠା ଦେବାର ବର୍ଣ୍ଣନା ରହିଛି । ତେଣୁ ଶ୍ରୀମନ୍ଦିର ପରମ୍ପରାରେ ଓଡ଼ିଶାର ଲୋକଦେବତାଙ୍କ ପାଖରେ ଏହା ଖୁବ୍ ପ୍ରିୟ, ଯେଉଁଥି ପାଇଁ ମହାପ୍ରଭୁ ରଥଯାତ୍ରାରେ ଆସନ୍ତି ମାଉସୀ ମା’ଘର । ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ଓ ରଜ ଏକ କୃଷିଭିତ୍ତିକ ପର୍ବ । ଏଠାରେ ଧାନ ଫସଲ ମୁଖ୍ୟ ହୋଇଥିବା ବେଳେ ଚାଉଳ ଚୂନାରେ ତିଆରି ଏହି ପିଠା ଉତ୍କଳୀୟ ସାଂସ୍କୃତିକ ଧାରାରେ ଚଳଣିର ଅଂଶ ହୋଇରହିଛି ।

ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯, E-mail : niityou001@gmail.com



# ଇରାନ ଉପରେ ଏୟାର ଷ୍ଟ୍ରାଇକ୍ ବାତିଲ ! ଟ୍ରମ୍ପଙ୍କ ନିଷ୍ପତ୍ତିରେ ନେତାନ୍ୟାହୁ ଚକିତ

**ନୂଆଦିଲ୍ଲୀ, ୧୨।୬(ଏଜେନ୍ସି):** ପଶ୍ଚିମ ଏସିଆ ଯୁଦ୍ଧ ମଧ୍ୟରେ ଏକ ଅତି ବଡ଼ ରାଜନୈତିକ ହଲଚଲ ସାମ୍ନାକୁ ଆସିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ହେବାକୁ ଥିବା ସମସ୍ତ ନିର୍ଦ୍ଧାରିତ ସାମରିକ ଆକ୍ରମଣ ଓ ବୋମାବର୍ଷାକୁ ହଠାତ୍ ବାତିଲ କରିଦେଇଛନ୍ତି । ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ୍' ରେ ଘୋଷଣା କରିଛନ୍ତି ଯେ, ଇରାନର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା ଏକ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ଏବଂ ଯୁଦ୍ଧ ବନ୍ଦ କରିବା ପାଇଁ ଏକ ଚିଠା ଚୁକ୍ତିନାମାକୁ ତେହେରାନ ମଞ୍ଜୁରୀ ଦେଇଛି । ଟ୍ରମ୍ପଙ୍କ ଏହି ଆକସ୍ମିକ ନିଷ୍ପତ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ସମ୍ପୂର୍ଣ୍ଣ ଚକିତ ଓ ସ୍ତବ୍ଧ କରିଦେଇଛି । ଆମେରିକୀୟ ଗଣମାଧ୍ୟମ 'ଏକ୍ସିଓସ୍' ଅନୁଯାୟୀ, ନେତାନ୍ୟାହୁଙ୍କୁ ଏହି ବୁଝାମଣା ବିଷୟରେ ଅନ୍ଧାରରେ ରଖାଯାଇଥିଲା, ଯାହା ପରେ ସେ ଆମେରିକା ପ୍ରଶାସନର ଘନିଷ୍ଠ ସହଯୋଗୀମାନଙ୍କୁ ଫୋନ୍ କରି ତଥ୍ୟ ସଂଗ୍ରହ କରିବାକୁ ଚେଷ୍ଟା କରୁଛନ୍ତି । ଚଳିତ ବର୍ଷ ଫେବ୍ରୁଆରୀ ମାସରେ ଯେତେବେଳେ ଟ୍ରମ୍ପ ଓ ନେତାନ୍ୟାହୁ କାନ୍ଧରେ କାନ୍ଧ ମିଳାଇ ଇରାନ ବିରୋଧୀ ଯୁଦ୍ଧ ମଇଦାନକୁ ଓହ୍ଲାଇଥିଲେ, ସେତେବେଳେ ସ୍ଥିତି ଭିନ୍ନ ଥିଲା । ମାତ୍ର ସମୟ ସହ ଦୁଇ ଦେଶର



ସ୍ୱାର୍ଥ ଓ ଲକ୍ଷ୍ୟ ବଦଳିବାରେ ଲାଗିଲା । ଆମେରିକାରେ ଆସନ୍ତା ନଭେମ୍ବର ମାସରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେବାକୁ ଯାଉଛି ଏବଂ ଯୁଦ୍ଧ ଯୋଗୁଁ ସେଠାରେ ପେଟ୍ରୋଲ ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହୋଇଛି, ଯାହାକୁ ନେଇ ଜନସାଧାରଣ ଟ୍ରମ୍ପଙ୍କ ଉପରେ କ୍ରୋଧିତ ଅଛନ୍ତି । ନିର୍ବାଚନ ଜିତିବା ପାଇଁ ଟ୍ରମ୍ପ ଯଥାଶୀଘ୍ର ଏହି ଯୁଦ୍ଧର ଅନ୍ତ ଚାହୁଁଥିବା ବେଳେ ଇସ୍ରାଏଲରେ ମଧ୍ୟ ଚଳିତ ବର୍ଷ ନିର୍ବାଚନ ହେବ । ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଯୁଦ୍ଧ ଚାଲିଥିଲେ ମଧ୍ୟ ଗାଜାରେ ହାମାସ, ଲେବାନନରେ ହିଜବୁଲ୍ଲା ଏବଂ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବେ ବି ସକ୍ରିୟ ରହିଥିବାରୁ ନେତାନ୍ୟାହୁ ଏକ ସମ୍ପୂର୍ଣ୍ଣ ବିଜୟ ହାସଲ କରିବା ପାଇଁ ଯୁଦ୍ଧକୁ ଆଗକୁ ବଢ଼ାଇବାକୁ ଜିଦ୍ ଧରିଛନ୍ତି । ଟ୍ରମ୍ପ ଓ ନେତାନ୍ୟାହୁଙ୍କ ମଧ୍ୟରେ ଥିବା ତିକ୍ତତା ଏବେ ଜନସାଧାରଣଙ୍କ ସାମ୍ନାକୁ ଆସିବାରେ ଲାଗିଛି । ଗତ ସପ୍ତାହରେ ଯେତେବେଳେ ଟ୍ରମ୍ପ ମନା କରିବା ସତ୍ତ୍ୱେ ନେତାନ୍ୟାହୁ ଇରାନ ଉପରେ ଆକ୍ରମଣ କରିଥିଲେ, ସେତେବେଳେ ଟ୍ରମ୍ପ ସୋସିଆଲ ମିଡିଆରେ ଦୁଇ ଦେଶକୁ ତୁରନ୍ତ ଗୁଳିମାଡ଼ ବନ୍ଦ କରିବାକୁ ଅନୁରୋଧ କରିବାକୁ ବାଧ୍ୟ ହୋଇଥିଲେ । ଗୋଟିଏ ପୋଡ୍କାଷ୍ଟରେ ଟ୍ରମ୍ପ ସ୍ୱୀକାର କରିଛନ୍ତି ଯେ ସେ ଏକ ଫୋନ୍ କଲ୍ ସମୟରେ ନେତାନ୍ୟାହୁଙ୍କୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ ଏବଂ ତାଙ୍କୁ ପାଗଳ ବୋଲି କହିଥିଲେ । ଟ୍ରମ୍ପ କ୍ରୋଧରେ କହିଥିଲେ ଯେ ଯଦି ସେ ନଥାନ୍ତେ ତେବେ ନେତାନ୍ୟାହୁ ଆଜି ଜେଲରେ ଥାଆନ୍ତେ ଏବଂ ଏବେ ସାରା ବିଶ୍ୱ ଇସ୍ରାଏଲକୁ ଘୃଣା କରୁଛି । ଟ୍ରମ୍ପଙ୍କ ଏହି ଚୁକ୍ତି ଘୋଷଣା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଏହି ବୁଝାମଣା ଚୁକ୍ତିରେ ଇସ୍ରାଏଲ କୌଣସି ପକ୍ଷ ନୁହେଁ । ତେବେ ନେତାନ୍ୟାହୁ ଆଶା ପ୍ରକାଶ କରିଛନ୍ତି ଯେ, ଆଗାମୀ ଚୂଡ଼ାନ୍ତ ଚୁକ୍ତିରେ ଇରାନର ସମସ୍ତ ପରମାଣୁ ସାମଗ୍ରୀ ହଟାଇବା ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକୁ ଇରାନର ସହାୟତା ବନ୍ଦ କରିବା ଭଳି ସର୍ତ୍ତ ସାମିଲ ରହିବ୍ୟ । ଇସ୍ରାଏଲର ଏକ ସାମ୍ପ୍ରତିକ ସର୍ଭେ ଅନୁଯାୟୀ, ମାତ୍ର ୩୭% ଲୋକ ବର୍ତ୍ତମାନର ଯୁଦ୍ଧ ସ୍ଥିତିରେ ସନ୍ତୁଷ୍ଟ ଅଛନ୍ତି ଏବଂ ଅଧିକାଂଶ ନାଗରିକ ଇରାନ ବିରୋଧରେ ଯୁଦ୍ଧ ଜାରି ରଖିବା ସପକ୍ଷରେ ଅଛନ୍ତି, ଯାହା ନେତାନ୍ୟାହୁଙ୍କ ପାଇଁ ନିଜ ଦେଶରେ ରାଜନୈତିକ ସଂକଟ ବଢ଼ାଇ ଦେଇଛି ।

# ଦ୍ୱିତୀୟ ଥର ପାଇଁ ଆମେରିକୀୟ ରାଷ୍ଟ୍ରଦୂତଙ୍କୁ ସମନ କଲା ଭାରତ

**ନୂଆଦିଲ୍ଲୀ, ୧୨।୬(ଏଜେନ୍ସି):** ଓମାନ ଉପକୂଳରେ ଭାରତୀୟ କ୍ରୁ ସଦସ୍ୟ ଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଆମେରିକାନୌସେନାର କ୍ରମାଗତ କ୍ଷେପଣାସ୍ତ୍ର ଆକ୍ରମଣକୁ ନେଇ ଭାରତ ସରକାର ଅତ୍ୟନ୍ତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏହି ଆକ୍ରମଣରେ ୩ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ହେବା ପରେ, ଭାରତ ଶୁକ୍ରବାର ଦିନ ଦ୍ୱିତୀୟ ଥର ପାଇଁ ଆମେରିକାର ଦୂତାବାସ ପ୍ରଭାରୀ ଜେସନ୍ ମିକ୍ସଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ସମନ କରି ନିଜର ଦୃଢ଼ ପ୍ରତିବାଦ ଜଣାଇଛି । ଏହାପୂର୍ବରୁ ବୁଧବାର ରାତିରେ ମଧ୍ୟ ତାଙ୍କୁ ଡକାଇ କୈଫିୟତ ମଗାଯାଇଥିଲା, ଯାହା ଗୋଟିଏ ସପ୍ତାହ ମଧ୍ୟରେ ଦୁଇ ଦେଶର କୂଟନୈତିକ ସମ୍ପର୍କରେ ଏକ ବଡ଼ ତିକ୍ତତା ସୃଷ୍ଟି କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଗତ କିଛି ଦିନ ମଧ୍ୟରେ ଓମାନ ଉପକୂଳରେ ଭାରତୀୟ ନାବିକ ଥିବା ତିନୋଟି ବାଣିଜ୍ୟିକ ଜାହାଜ ଆମେରିକା ସାମରିକ ବାହିନୀର ଟାର୍ଗେଟ୍ ପାଲଟିଛନ୍ତି । ଜୁନ୍ ୮ ତାରିଖରେ ୨୪ ଜଣ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ପାଲାଉ-ପତାକାଧାରୀ ତେଲ ଟାଙ୍କି 'ଏମଟି ମାରିଭେକ୍ସ'କୁ ଆମେରିକା ସେନା ଅଚଳ କରିଦେଇଥିବା ବେଳେ ସମସ୍ତ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା । ଏହାପରେ ଜୁନ୍ ୧୦ ତାରିଖରେ ଆମେରିକା



ନୌସେନା 'ସେଟେବେଲୋ' ନାମକ ଅନ୍ୟ ଏକ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିଲା, ଯେଉଁଥିରେ ଜାହାଜରେ ଥିବା ୨୪ ଜଣ ଭାରତୀୟଙ୍କ ମଧ୍ୟରୁ ୩ ଜଣ ନାବିକ ପ୍ରାଣ ହରାଇଛନ୍ତି । ଗୁରୁବାର ଦିନ ମଧ୍ୟ 'ଏମଟି ଜଳଭୀର' ନାମକ ଏକ ଜାହାଜ ଉପରେ ଆମେରିକା ଯୁଦ୍ଧବିମାନ ଦୁଇଟି କ୍ଷେପଣାସ୍ତ୍ର ମାଡ଼ କରି ତାହାର ଇଞ୍ଜିନ ରୁମକୁ ଉଡ଼ାଇ ଦେଇଛି, ଯେଉଁଥିରେ ୨୦ ଜଣ ଭାରତୀୟ ନାବିକ ଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ ସାଧାରଣ ନାଗରିକଙ୍କ ଜାହାଜ ଉପରେ ଏଭଳି ମାରାତ୍ମକ ଆକ୍ରମଣ ସମ୍ପୂର୍ଣ୍ଣ ଅଗ୍ରହଣୀୟ ଏବଂ ଏହି ଆକ୍ରମଣ ତୁରନ୍ତ ବନ୍ଦ ହେବା ଉଚିତ । ଅପରପକ୍ଷରେ ଆମେରିକା ପ୍ରଶାସନର କହିବା ଅନୁଯାୟୀ, ଇରାନ ଏବଂ ରୁଷିଆ ଉପରେ ଲଗାଯାଇଥିବା ଆମେରିକୀୟ କଟକଣା ଉଲ୍ଲଂଘନ କରି ବେଆଇନ ଭାବେ ତେଲ ପରିବହନ କରୁଥିବାରୁ ଏହି ଜାହାଜଗୁଡ଼ିକ ବିରୋଧରେ ଆମେରିକା ସେଣ୍ଟ୍ରାଲ କମାଣ୍ଡ ଏଭଳି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଭାରତୀୟ ନାବିକମାନଙ୍କ ଜୀବନ ଓ ସୁରକ୍ଷାକୁ ନେଇ ଭାରତ ଏବେ ଆମେରିକା ଉପରେ କୂଟନୈତିକ ଚାପ ପକାଇବା ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରଖିଛି ।

# ଭାରତୀୟ ଲଙ୍କାକୁ ଚୀନର ପ୍ରତ୍ୟାଖାନ

**ନୂଆଦିଲ୍ଲୀ, ୧୨।୬(ଏଜେନ୍ସି):** ଚାଉଳ ପରେ ଏବେ ଭାରତୀୟ ଲଙ୍କାକୁ ଚୀନର ପ୍ରତ୍ୟାଖାନ । ରପ୍ତାନୀ ହୋଇଥିବା ଶୁଖିଲା ଲଙ୍କାକୁ ଫେରାଇ ଦେଲା ଚୀନ । ଯାହାକି କୃଷକ ଏବଂ ଲଙ୍କା ଯୋଗାଣକାରୀଙ୍କ ମଧ୍ୟରେ ଚିନ୍ତାର ବିଷୟ ପାଲଟିଛି । ଚୀନ ଏଭଳି କରିବା ଦ୍ୱାରା ଭାରତୀୟ ମସଲା ବଜାରରେ ବିଶେଷକରି ବ୍ୟବସାୟୀଙ୍କ ଉପରେ ଏହାର ବେଶୀ ପ୍ରଭାବ ପଡ଼ିଛି । ଅଧିକ ମାତ୍ରାରେ ରପ୍ତାନୀ ହୋଇଥିବା ଲଙ୍କା ଫେରିଆସିଲେ ମୋଟା ଅଙ୍କର ଆର୍ଥିକ କ୍ଷତି ସହିବାକୁ ପଡ଼ିବ ବୋଲି ଚିନ୍ତା ବଢ଼ିଛି । ଖାଲି ସେତିକି ନୁହେଁ ଚୀନ ତିନୋଟି ଭାରତୀୟ ରପ୍ତାନୀକାରୀ କମ୍ପାନୀ ଉପରେ ମଧ୍ୟ ଅସ୍ଥାୟୀ ଭାବରେ ରୋକ୍ ଲଗାଇଛି । ଚୀନ ଅଭିଯୋଗ କରିଛି ଯେ, ଏହି ଲଙ୍କା ଗୁଡ଼ିକରେ ମେଥାମିଡୋଫୋସ ନାମକ ଏକ କୀଟନାଶକ ଅଧିକ ମାତ୍ରାରେ ବ୍ୟବହାର କରାଯାଉଛି । ଏହା ଏଭଳି ଏକ କେମିକାଲ୍ ଯାହାକୁ ଖାଇବା ଦ୍ୱାରା ମଣିଷ ଶରୀରର ନର୍ଭସ୍ ସିଷ୍ଟମ ଉପରେ ମାରାତ୍ମକ ପ୍ରଭାବ ପଡ଼ିବ । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କୀଟନାଶକ ବ୍ୟବହାର କରିବାକୁ ଭାରତରେ ଔପଚାରିକ ଭାବେ ଅନୁମତି ମିଳିନାହିଁ । ତାହେଲେ ଚାଷୀମାନେ ଏହି କୀଟନାଶକ କେମିତି ପାଇବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଚୀନର ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଦାବି ହୋଇଛି । ସୂଚନା ଥାଉକି, ଗତ ମାସରେ ଚୀନ ଭାରତର ଚାଉଳକୁ ପ୍ରତ୍ୟାଖାନ କରିଥିଲା । ଭାରତୀୟ ଚାଉଳରେ ଜେନେଟିକାଲ ମଡିଫାଇଡ୍ ତତ୍ତ୍ୱ ଥିବା ଚୀନ ଦାବି କରିଥିଲା । ଏବେ ଲଙ୍କା ଫେରାଇ ଦୋରୁ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ଚୀନରୁ ବ୍ୟାକ୍ ଟୁ ବ୍ୟାକ୍ ଏଭଳି ପ୍ରତ୍ୟାଖାନ ଯୋଗାଣକାରୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇ ଦେଇଛି । ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଚୀନର ଏହା ଚାଲାକି ହୋଇଥାଇପାରେ । ଏହା ପଛରେ ଡ୍ରାଗନର କୌଣସି ସୁଚିନ୍ତିତ ବ୍ୟବସାୟିକ ରଣନୀତି ଥାଇପାରେ । ଗତ ୨ ବର୍ଷରେ ଲଙ୍କା ଦର ଯେତେବେଳେ କମ୍ ଥିଲା ସେତେବେଳେ ଚୀନ ଅଧିକରୁ ଅଧିକ ମାତ୍ରାରେ ଲଙ୍କା ଆମଦାନୀ କରୁଥିଲା । ତାର ଷ୍ଟକ୍ ଫୁଲ୍ କରିବାରେ ଲାଗି ପଡିଥିଲା । ଏବେ କୀଟନାଶକ ବାହାନା କରି ଲଙ୍କା ଦର କମାଇବାକୁ ଚେଷ୍ଟା କରୁଥିବା ଅନୁମାନ କରାଯାଉଛି । ସେପଟେ ଚୀନ ଯେଉଁ ଲଙ୍କାକୁ ପ୍ରତ୍ୟାଖାନ କରିଛି ତାହା ଏବେ ସୁଦ୍ଧା ଭାରତ ଫେରିନାହିଁ । ତାହାର ଦାମ୍ ରେ ମୁଲଚାଲ ଚାଲିଥିବା ସୂଚନା ମିଳିଛି ।

# କଂଗ୍ରେସ ସହିତ ଟିଏମ୍ସି-ଏନ୍ସିପିର ମିଶ୍ରଣ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ, ୧୨।୬(ଏଜେନ୍ସି):** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ପରାଜୟ ଓ ଟିଏମ୍ସିରେ ବିଦ୍ରୋହ ପରେ କଂଗ୍ରେସ ସହିତ ଟିଏମ୍ସି ଓ ଏନ୍ସିପି (ଏସ୍ପି) ପରି ଦଳର ମିଶ୍ରଣକୁ ନେଇ ଚର୍ଚ୍ଚା ଚାଲିଛି । ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଓ ଶରଦ ପାୱାରଙ୍କ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନସିପି-ଏସପି) କ'ଣ କଂଗ୍ରେସକୁ ଫେରିବେ ? ତୃଣମୂଳ କଂଗ୍ରେସର ସଙ୍କଟ ମଧ୍ୟରେ କଂଗ୍ରେସରୁ ଅଲଗା ହୋଇଥିବା ଦଳଗୁଡ଼ିକ କଂଗ୍ରେସକୁ ଫେରିବାକୁ ଯୋଜନା କରୁଥିବା ନେଇ ରାଜନୈତିକ ମହଲରେ ଜୋରଦାର କଳ୍ପନାଜଳ୍ପନା ଚାଲିଛି । କଂଗ୍ରେସ ସଂଗଠନ ମହାସଚିବ କେସି ବେଣୁଗୋପାଳ ଗୁରୁବାର ତୃଣମୂଳ କଂଗ୍ରେସର ମିଶ୍ରଣ ଆଲୋଚନାକୁ ଗୁଜବ ବୋଲି କହି ପ୍ରତ୍ୟାଖ୍ୟାନ କରିଦେଇଥିଲେ । ତେବେ ମହାରାଷ୍ଟ୍ରରେ କଂଗ୍ରେସର ବରିଷ୍ଠ ନେତା ନାନା ପାଟୋଲେ ସ୍ପଷ୍ଟ ସଙ୍କେତ ଦେଇଛନ୍ତି ଯେ, ଆଗକୁ ଏହି ପଦକ୍ଷେପ ନିଆଯାଇପାରେ । ପାଟୋଲେ କହିଛନ୍ତି ଯେ, ସମାନ ମନୋଭାବ ଥିବା ଦଳଗୁଡ଼ିକ କଂଗ୍ରେସରେ ମିଶ୍ରଣ ପାଇଁ ପ୍ରସ୍ତୁତ ହେଉଛନ୍ତି । 'ଶରଦ ପାୱାର ଓ ମମତା ବାନାର୍ଜୀ କଂଗ୍ରେସରେ ମିଶ୍ରଣ ପାଇଁ ମାନସିକ ଭାବେ ପ୍ରସ୍ତୁତ ହେଉଥିବା ପାଟୋଲେ ସାମ୍ବାଦିକମାନଙ୍କୁ କହିଛନ୍ତି । ଏହା ଏକ ମେଣ୍ଟ ନୁହେଁ, ବରଂ ଏକ ମିଶ୍ରଣ ହେବ ବୋଲି ସେ କହିଛନ୍ତି ।ଦାବି କରିଛନ୍ତି ଯେ, ଏନସିପି-ଏସପିର ମିଶ୍ରଣ ପାଇଁ ଶରଦ ପାୱାର ପୂର୍ବରୁ ଏକ ପ୍ରସ୍ତାବ ଦେଇସାରିଛନ୍ତି ଓ ଏଥିପାଇଁ ପ୍ରସ୍ତୁତି ଚାଲିଛି । କିଛି ଦିନ ପୂର୍ବେ ଶିବସେନା ୟୁବିଟି ନେତା ସଞ୍ଜୟ ରାଉତ ମଧ୍ୟ ସମାନ ମନୋଭାବ ପ୍ରତିଫଳିତ କରିଥିଲେ । ସେ ଶରଦ ପାୱାରଙ୍କୁ କଂଗ୍ରେସରୁ ଅଲଗା ହୋଇ ଅସ୍ତିତ୍ୱରେ ଆସିଥିବା ଛୋଟ ଦଳଗୁଡ଼ିକୁ ପୁଣି ପୁରୁଣା ଦଳ ସହିତ ମିଶ୍ରଣ କରିବାରେ ନେତୃତ୍ୱ ନେବାକୁ ଅନୁରୋଧ କରିଥିଲେ । ଏହାକୁ ଏକ ଭଲ ପ୍ରସ୍ତାବ ବୋଲି ଏନସିପି-ଏସପି ନେତା ତଥା ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଳେ କହିଥିଲେ । ଏପରି



ରାଜନୈତିକ ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛନ୍ତି, ବରିଷ୍ଠ କଂଗ୍ରେସ ନେତା ତଥାରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ । ଗେହଲଟ୍ ମଧ୍ୟ ଛୋଟ ଦଳଗୁଡ଼ିକୁ କଂଗ୍ରେସରେ ମିଶିବା ଓ ରାହୁଲ ଗାନ୍ଧୀଙ୍କୁ ସେମାନଙ୍କର ନେତା ଭାବରେ ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି । ସଞ୍ଜୟ ରାଉତଙ୍କ କଥାକୁ ମଧ୍ୟ ସେ ସମର୍ଥନ କରିଛନ୍ତି । ସୂଚନାଯୋଗ୍ୟ, ଶରଦ ପାୱାର ଓ ମମତା ବାନାର୍ଜୀ ଉଭୟ କଂଗ୍ରେସରୁ ଅଲଗା ହୋଇ ସେମାନଙ୍କ ଦଳ ଗଠନ କରିଥିଲେ । ମମତା ବାନାର୍ଜୀ କଂଗ୍ରେସରୁ ଅଲଗା ହେବା ପରେ ୧୯୯୮ ମସିହାରେ ତୃଣମୂଳ କଂଗ୍ରେସ ଆରମ୍ଭ କରିଥିଲେ । ଶରଦ ପାୱାର ୧୯୯୯ ମସିହାରେ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନସିପି) ପ୍ରତିଷ୍ଠା କରିଥିଲେ ।

## ନିଶାନ୍ତଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ତେଜସ୍ୱୀଙ୍କ କଟାକ୍ଷ

**ନୂଆଦିଲ୍ଲୀ, ୧୨।୬(ଏଜେନ୍ସି):** ବିହାରର ବିରୋଧୀ ଦଳ ନେତା ତେଜସ୍ୱୀ ପ୍ରସାଦ ଯାଦବ ଏନଡିଏ ନେତାମାନଙ୍କୁ ସମାଲୋଚନା କରିବା ପାଇଁ ଏକ ବଡ଼ ସୁଯୋଗ ପାଇ ଯାଇଛନ୍ତି । ଯେଉଁମାନେ ତେଜସ୍ୱୀଙ୍କୁ 'ନୌଭି ଫେଲ୍' (ନବମ ଫେଲ୍) ବୋଲି କହି ପରିହାସ କରୁଥିଲେ ସେମାନଙ୍କୁ ତେଜସ୍ୱୀ କଡ଼ା ଜବାବ ଦେବାକୁ ଅମୋଘ ଅସ୍ତ୍ର ପାଇଛନ୍ତି । ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର ବିଧାନ ପରିଷଦ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିବା ସମୟରେ



ଯେଉଁ ସତ୍ୟପାଠ ଦାଖଲ କରିଥିଲେ ସେଥିରେ ଘୋଷଣା କରିଥିଲେ ଯେ, ସେ ମେସରା (ରାଞ୍ଚି)ର ବିଆଇଟିରେ ତାଙ୍କର ଇଞ୍ଜିନିୟରିଂ ଡିଗ୍ରି ପାଠ୍ୟକ୍ରମ ସମାପ୍ତ କରିନାହାନ୍ତି । ଏହି ସୂଚନା ଶିକ୍ଷାଗତ ଯୋଗ୍ୟତାକୁ ନେଇ ସର୍ବଦା ବିରୋଧୀଙ୍କ ଶରବ୍ୟ ହେଉଥିବା ତେଜସ୍ୱୀଙ୍କୁ ଏକ ବଡ଼ ସୁଯୋଗ ଦେଇଥିଲା । ସୁଯୋଗ ହାତଛଡ଼ା ନ କରି ତେଜସ୍ୱୀ ଯାଦବ କହିଥିଲେ ଯେ, ସେ କେବେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଲୁଚାଇ ନାହାନ୍ତି, କିନ୍ତୁ ଏବେ ବିହାର ଶିକ୍ଷାମନ୍ତ୍ରୀ ନିଶାନ୍ତଙ୍କୁ ଜଣେ ଇଞ୍ଜିନିୟର କରିଦେବେ । ମୋର ବର୍ତ୍ତମାନର ଶିକ୍ଷାମନ୍ତ୍ରୀଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି ଯେପରି ଜଣେ ମନ୍ତ୍ରୀ ପ୍ରଫେସର ହେଲେ, ସେ ସେହିପରି ନିଶାନ୍ତଙ୍କୁ ଜଣେ ଇଞ୍ଜିନିୟର କରିବେ ବୋଲି ବ୍ୟଙ୍ଗାତ୍ମକ ଭାବରେ ମନ୍ତବ୍ୟ ଦେଇଛନ୍ତି ।

# ଦିଲ୍ଲୀ ଆବାସିକ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ, ୩ ମୃତ

**ନୂଆଦିଲ୍ଲୀ, ୧୨।୬(ଏଜେନ୍ସି):** ଶୁକ୍ରବାର ଭୋର ସମୟରେ ଦକ୍ଷିଣ-ପୂର୍ବ ଦିଲ୍ଲୀର ତୁଗଲକାବାଦ ଅଞ୍ଚଳରେ ଥିବା ଏକ ବହୁତଳ ଆବାସିକ କୋଠାରେ ଅଗ୍ନିକାଣ୍ଡ ଘଟିବାରୁ ଜଣେ ୨୨ ବର୍ଷୀୟ ପୁରୁଷ ଓ ଦୁଇ ଜଣ ମହିଳାଙ୍କ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଅଧିକାରୀଙ୍କ କହିବାନୁସାରେ, ତୁଗଲକାବାଦର ଗଳି ନମ୍ବର ୧ରେ ରାତି ପ୍ରାୟ ୨ଟା ୩ ସମୟରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଥିଲା । ଛଅ ମହଲା କୋଠାର ତଳ ମହଲାରେ ପାର୍କିଂ ଅଞ୍ଚଳରେ ନିଆଁ ଲାଗିଥିଲା । ପ୍ରବଳ ଧୂଆଁ ହେତୁ କୋଠା ଭିତରେ ଫସି ରହିଥିବା ଆଠ ଜଣ ବାସିନ୍ଦାଙ୍କୁ ଉଦ୍ଧାର କରାଯାଇ ସଫଦରଜଙ୍ଗ ଡାକ୍ତରଖାନା ଓ ଏମ୍ସ ଟ୍ରମା ସେଣ୍ଟରକୁ ନିଆଯାଇଥିଲା ।

ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ ତଳ ମହଲାରେ ବୈଦ୍ୟୁତିକ ସର୍ଟ ସର୍କିଟ ହେତୁ ନିଆଁ ଲାଗିଥିଲା । ଏହି ନିଆଁ ଶୀଘ୍ର ପାର୍କିଂ ହୋଇଥିବା ସାତଟି ଦୁଇ ଚକିଆ ଯାନକୁ ଧରିଥିଲା, ଯେଉଁଥିରେ ଚାର୍ଜ କରାଯାଉଥିବା ଏକ ଇଲେକ୍ଟ୍ରିକ୍ ସ୍କୁଟର ମଧ୍ୟ ଥିଲା । ସ୍ଥାନୀୟ ପୁଲିସ, ଚାରୋଟି ଅଗ୍ନିଶମ ଦଳ, ସିଏଟିଏସ୍ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରିକାଳୀନ ସେବା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଅଧିକାରୀମାନେ କହିଛନ୍ତି ଯେ ଭୋର ପ୍ରାୟ ୩ଟା ୪୫ ସମୟରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଥିଲା ଏବଂ ସକାଳ ୪ଟା ସୁଦ୍ଧା ନିଆଁ ସମ୍ପୂର୍ଣ୍ଣ ଲିଭିଯାଇଥିଲା । ଏବେ ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି ।

# ଖାଇକୁ ଖସିଲା ବୋଲେରୋ, ୪ ମୃତ

**ନୂଆଦିଲ୍ଲୀ, ୧୨।୬(ଏଜେନ୍ସି):** ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଗୁରୁବାର ଏକ ସାଂଘାତିକ ସଡ଼କ ଦୁର୍ଘଟଣା ଘଟିଛି । ଦେୱାଲ-ଘେସ୍ ମୋଟର ରାସ୍ତାର କୁନାର ବେଣ୍ଡ୍ ନିକଟରେ ଏକ ବୋଲେରୋ ଟ୍ୟାକ୍ସି ନିୟନ୍ତ୍ରଣ ହରାଇ ପ୍ରାୟ ଶହେ ମିଟର ଗଭୀର ଖାଇକୁ ଖସିପଡ଼ିବା ଫଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକମାନଙ୍କ ମଧ୍ୟରେ ଦୁଇଜଣ ମହିଳା ଥିବା ଜଣାପଡ଼ିଛି ଏବଂ ସମସ୍ତ ମୃତ ଓ ଆହତ ବ୍ୟକ୍ତି ଖେତା ଗ୍ରାମର ବାସିନ୍ଦା ବୋଲି ଚିହ୍ନଟ କରାଯାଇଛ । ମିଳିଥିବା ସୂଚନା ଅନୁଯାୟୀ, ବୋଲେରୋଟି ଦେୱାଲରୁ ଯାତ୍ରୀମାନଙ୍କୁ ନେଇ ଘେସ୍ ଅଭିମୁଖେ ଯାଉଥିଲା । ପାହାଡ଼ିଆ ଓ ବଙ୍କା ରାସ୍ତାରେ ଚାଳକ ଜଣକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା । ବିପଦସଙ୍କୁଳ ପାହାଡ଼ିଆ ଅଞ୍ଚଳ ହୋଇଥିଲେ ମଧ୍ୟ ସ୍ଥାନୀୟ ପୋଲିସ ଓ ରେସ୍କ୍ୟୁ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଗାଡ଼ି ଭିତରେ ଚାପି ହୋଇ ରହିଥିବା ସମସ୍ତ ୮ ଜଣଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଦେୱାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ୪ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଆହତମାନଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରେ ଜଣେ ୧୮ ମାସର ଶିଶୁ କନ୍ୟା ମଧ୍ୟ ସାମିଲ ଅଛି ଏବଂ ଜଣଙ୍କର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି ।

# ମମତାଙ୍କ ନାଁରେ ମାମଲା ରୁଜୁ

**ନୂଆଦିଲ୍ଲୀ, ୧୨।୬(ଏଜେନ୍ସି):** ବଢ଼ିବାରେ ଲାଗିଛି ମମତାଙ୍କ ଚିନ୍ତା । କେତେ ରାଜ୍ୟରେ ବିଧାୟକଙ୍କ ବିଦ୍ରୋହ ତ ପୁଣି ଦିଲ୍ଲୀରେ ପାୱାର କଟ୍ କରୁଛନ୍ତି ସାଂସଦ । ପଶ୍ଚିମବଙ୍ଗ ନିର୍ବାଚନରେ ଟିଏମସିର ଶୋଚନୀୟ ପରାଜୟ ପରେ ଦିଦିଙ୍କ ଅଡୁଆରେ ବଢ଼ିବାରେ ଲାଗିଛି । ଅନେକ ବଡ଼ ବଡ଼ ନେତା ଧୋକା ଦେଉଥିବାବେଳେ ଅନେକ ଦଳ ଛାଡ଼ି ଚାଲି ଯାଉଛି । ଏହାରି ଭିତରେ ବୋଝ ଉପରେ ଲଳିତା ବିଡ଼ା ଭଳି ମମତାଙ୍କ ନାଁରେ ଏକ ମାମଲା ରୁଜୁ ହୋଇଛି । କୋଲକାତାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଉତ୍ତେଜନା ମୂଳକ




ବୟାନ ପାଇଁ କୋଲକାତାର ହେୟାର ଷ୍ଟ୍ରିଟ୍ ପୁଲିସ ଷ୍ଟେସନରେ ଏକ ମାମଲା ରୁଜୁ ହୋଇଛି । ଗତ ଜୁନ ୨ ତାରିଖରେ କୋଲକାତାରେ ଏକ ଜନସଭାରେ କାହାର ନାମ ନନେଇ ବାଲାଂଦେଶର ଛାତ୍ରନେତା ହାଦିଙ୍କ ହତ୍ୟା ସମ୍ପର୍କରେ ଏକ ବିବାଦୀୟ ବୟାନ ଦେଇଥିଲେ । ଏହି ଘଟଣାରେ ପୂର୍ବରୁ ସିଲିଗୁଡ଼ିରେ ତାଙ୍କ ବିରୁଦ୍ଧରେ ସିଲିଗୁଡ଼ିରେ ଏକ ମାମଲା ରୁଜୁ ହୋଇଥିଲା । ଆଉ ଏବେ କୋଲକାତାରେ ଆଉ ଏକ ମାମଲା ରୁଜୁ ହୋଇଛି । ଏହାସହ ନିର୍ବାଚନ ପ୍ରଚାର ସମୟରେ ମଧ୍ୟ ମମତା ଏକ ବିବାଦୀୟ ବୟାନ ଦେଇଥିଲେ । ସେ କହିଥିଲେ କି, ଆପଣମାନେ ସବୁ ଠିକ୍ ଅଛନ୍ତି କାରଣ ଆମେ ଅଛୁ । ଯଦି ଆମେ ନଥାଆନ୍ତୁ ସେମାନଙ୍କୁ ଗୋଟିଏ ସେକେଣ୍ଡ ଲାଗିବ । ତେବେ ତାଙ୍କର ଏହି ବୟାନଟି ସୋସିଆଲ ମିଡିଆରେ ବେଶ ଭାଇରାଲ ହୋଇଥିଲା । ମୁଖ୍ୟମନ୍ତ୍ରୀ ତାଇ ଏଭଳି ଶବ୍ଦ ବ୍ୟବହାର କରିବା ତାଙ୍କୁ ମହଙ୍ଗା ପଡ଼ିଥିଲା । ଯାହାକି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏବେ କୋଲକାତାରେ ଏକ ମାମଲା ରୁଜୁ ହୋଇଛି । ଜଣେ ବ୍ୟବସାୟୀ ମମତାଙ୍କ ନାଁରେ ଏହି ଏତଲା ଦେଇଥିବାବେଳେ ପୁଲିସ କଣ କରୁଛି ଏହା ଉପରେ ନଜର ରହିଛି ।

# ଆମେରିକାର ଅନୁରୋଧରେ ହିଁ ଭାରତ କିଣିଥିଲା ରୁଷିଆ ତେଲ

**ନୂଆଦିଲ୍ଲୀ, ୧୨।୬(ଏଜେନ୍ସି):** ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରପାଶ୍ଚାତ୍ୟ ଦେଶଗୁଡ଼ିକର ଦୋମୁହାଁ ନୀତି ଓ ଆମେରିକାର ବାରମ୍ବାର ବଦଳୁଥିବା ଆଭିମୁଖ୍ୟ ଉପରେ କଡ଼ା ପ୍ରହାର କରିଛନ୍ତି । ଫିନଲ୍ୟାଣ୍ଡ ଗସ୍ତ ସମୟରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ ୨୦୨୨ ମସିହାରେ ୟୁକ୍ରେନ ଯୁଦ୍ଧ ପରେ ଭାରତ ଦ୍ୱାରା ରୁଷିଆଠାରୁ ତେଲ କିଣିବା ନିର୍ଣ୍ଣୟକୁ ଜୋରଦାର ସମର୍ଥନ କରିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ବିଶ୍ୱ ବଜାରରେ ଅଶୋଧିତ ତେଲର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ସ୍ୱୟଂ ଆମେରିକା ହିଁ ଭାରତକୁ ରୁଷିଆଠାରୁ ତେଲ କିଣିବାକୁ ଅନୁରୋଧ କରିଥିଲା । କାର୍ଯ୍ୟକ୍ରମ ଅବସରରେ ଜଣେ ସାମ୍ବାଦିକ ଭାରତକୁ ରୁଷିଆ ପ୍ରତି ଅଧିକ ସହାନୁଭୂତିଶୀଳ ବୋଲି ଆକ୍ଷେପ କରିବାରୁ ଜୟଶଙ୍କର ତାଙ୍କୁ ଦୃଢ଼ ଜବାବ ଦେଇ କହିଥିଲେ ଯେ, ମୁଁ ମୂଲ୍ୟ ଏବଂ ଉପଲବ୍ଧତାକୁ ଦେଖି ତେଲ କିଣିଥାଏ । ସେହି ସମୟରେ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟପ୍ରାଚ୍ୟରୁ ମିଳୁଥିବା ତେଲକୁ ସମ୍ପୂର୍ଣ୍ଣ ଭାବେ ନିଜେ କିଣି ନେଇଥିଲେ, ଯାହା ଭାରତର ପାରମ୍ପରିକ ଉତ୍ସ ଥିଲା । ସ୍ଥିତି ଆମକୁ ସେହି ଦିଗକୁ ଯିବାକୁ ବାଧ୍ୟ କରିଥିଲା । ଆମେରିକାର ପ୍ରତିବନ୍ଧକ ନୀତିକୁ ସମାଲୋଚନା କରି ସେ କହିଛନ୍ତି ଯେ ପ୍ରଥମେ ତେଲ କିଣିବା ପାଇଁ ଭାରତ ଉପରେ ଟାରିଫ୍ ଲଗାଗଲା ଏବଂ ପରେ ପୁଣି ନିଜେ ଆମେରିକା ଏହି କଟକଣା ହଟାଇ ଦେଲା, ତେଣୁ ଏଥିରେ କୌଣସି ମହାନ ନୀତିର ଆଦର୍ଶ ନାହିଁ ଏବଂ ଏହାକୁ ନେଇ ଅଯଥା ନୈତିକତାର ବାହାନା ଏହାକୁ କମାଇ ୧୦ ପ୍ରତିଶତ କରାଯାଇଥିଲା । ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱ ବଜାରକୁ ସ୍ଥିର ରଖିବା ପାଇଁ ୱାଶିଂଟନ୍ ନିଜ ଆଡୁ ପ୍ରତିବନ୍ଧକ କୋହଳ କରିଥିଲା । ଭାରତୀୟ ପେଟ୍ରୋଲିୟମ



ଦେଖାଇବା ଉଚିତ ନୁହେଁ । ଗତ ବର୍ଷ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ସୀମା ଶୁଳ୍କ ଲଗାଇବା ଯୋଗୁଁ ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କରେ ସାମାନ୍ୟ ତିକ୍ତତା ଆସିଥିଲା, ଯେଉଁଥିରେ ରୁଷିଆ ତେଲ କିଣିବା ପାଇଁ ୨୫ ପ୍ରତିଶତ ଜରିମାନା ସାମିଲ ଥିଲା । ତେବେ ପରବର୍ତ୍ତୀ ସମୟରେ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ଓ ଆମେରିକା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ମନ୍ତ୍ରାଳୟର ସୁଜାତା ଶର୍ମାଙ୍କ କହିବା ଅନୁଯାୟୀ, ଆମେରିକାର ରିହାତି ଥାଉ ବା ନଥାଉ, ଭାରତ ନିଜର ଶକ୍ତି ସୁରକ୍ଷା ଓ ବ୍ୟବସାୟିକ ଲାଭକୁ ଦୃଷ୍ଟିରେ ରଖି ରୁଷିଆଠାରୁ ତେଲ କିଣିବା ଜାରି ରଖିଛି । ଜୟଶଙ୍କର ୟୁରୋପର ନୈତିକ ଆଭିମୁଖ୍ୟକୁ ମଧ୍ୟ ନିନ୍ଦା କରି କହିଛନ୍ତି ଯେ କୌଣସି ୟୁରୋପୀୟ ଦେଶ ଉପରେ ଭାରତୀୟ ଅସ୍ତ୍ରରେ ଆକ୍ରମଣ ହୋଇନାହିଁ, କିନ୍ତୁ ଭାରତ ଉପରେ ଆକ୍ରମଣ ପାଇଁ ୟୁରୋପର ଅସ୍ତ୍ରଶସ୍ତ୍ର ବହୁ ବର୍ଷ ଧରି ବ୍ୟବହାର କରାଯାଇ ଆସୁଛି ।

# ଗାଡ଼ି ପିଛା ସର୍ବାଧିକ ୨୦୦ ଲିଟର

**ନୂଆଦିଲ୍ଲୀ, ୧୨।୬(ଏଜେନ୍ସି):** ମଧ୍ୟପ୍ରାଚ୍ୟଯୁଦ୍ଧ ପ୍ରଭାବରେ ତେଲ ଯୋଗାଣ ଗୁରୁତର ପ୍ରଭାବିତ ହୋଇଛିଯ ପରିସ୍ଥିତିକୁ ନଜରରେ ରଖିତେଲ କମ୍ପାନିଗୁଡ଼ିକ ଡିଜେଲ ବିକ୍ରିଉପରେ କଟକଣା ଲଗାଇଛନ୍ତି । ପେଟ୍ରୋଲ ପମ୍ପରେ ଗାଡ଼ିପିଛା କିମ୍ବା ଗ୍ରାହକ ପିଛା ୨୦୦ ଲିଟରରୁ ଅଧିକ ଡିଜେଲ ବିକ୍ରି ହେବ ନାହିଁ । ଶିଳ୍ପ କାରଖାନାଗୁଡ଼ିକର ଗାଡ଼ିଆସି ପେଟ୍ରୋଲ ପମ୍ପରୁ ଡିଜେଲ ପକାଉଥିବା ଜଣାପଡ଼ିବା ପରେ ଏଭଳି କଟକଣା ଲଗାଯାଇଛି । ତେଲ ଅଭାବ ଭଳି ସ୍ଥିତି ଏଡ଼ାଇବା ପାଇଁ ଏହି କଠୋର ପଦକ୍ଷେପ ଗ୍ରହଣ କରାଯାଇଛି । ସରକାର ସ୍ପଷ୍ଟ କରିଛନ୍ତି ଯେ ପେଟ୍ରୋଲ ପମ୍ପରେ ବିକ୍ରିହେଉଥିବା ପେଟ୍ରୋଲ ଓ ଡିଜେଲ କେବଳ ସାଧାରଣ ଜନତାଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ । ସେଠାରେ ତେଲ ନ ପକାଇବାକୁ ବାଣିଜ୍ୟିକ ଗ୍ରାହକମାନଙ୍କୁ କୁହାଯାଇଛି । ପେଟ୍ରୋଲ ପମ୍ପ ଓ ବଲ୍କ ୟୁଜରଙ୍କ (ଅଧିକ ପରିମାଣରେ ଡିଜେଲ କିଣୁଥିବା ଗ୍ରାହକ) ପାଇଁ ବିକ୍ରିହେଉଥିବା ଡିଜେଲ ଦରରେ ବଡ଼ଧରଣର ଅନ୍ତର ରହିଛି । ସାଧାରଣ ଡିଜେଲ ଠାରୁ ବଲ୍କ ଡିଜେଲର ଲିଟର ପିଛା ଦାମ୍ ୪୫ ଟଙ୍କା ପର୍ଯ୍ୟନ୍ତ ଅଧିକ ରହୁଛି । ସେଥିପାଇଁ ଶିଳ୍ପସଂସ୍ଥାର ଗାଡ଼ିଗୁଡ଼ିକ ସାଧାରଣ ପେଟ୍ରୋଲ ପମ୍ପକୁ ଆସି ତେଲ ପକାଉଥିବା ସନ୍ଦେହ କରାଯାଉଛି । ସେଭଳି ଘଟଣାକୁ ରୋକିବା ଲାଗି ଗାଡ଼ିପିଛା ସର୍ବାଧିକ ୨୦୦ ଲିଟର ଡିଜେଲ ବିକ୍ରି କରିବାକୁ ପେଟ୍ରୋଲ ପମ୍ପମାନଙ୍କୁ ତେଲ କମ୍ପାନିଗୁଡ଼ିକ କହିଛନ୍ତି । ଏହି କଟକଣା ପରେ ବିପୁଳ ପରିମାଣର ଡିଜେଲ କିଣି ତାହାକୁ ମହଜୁଦ ରଖିବା କିମ୍ବା କଳାବଜାର କରିବା ଭଳି ଘଟଣା ମଧ୍ୟ ଘଟିବ ନାହିଁ ବୋଲି ଆଶା କରାଯାଉଛି । ଶିଳ୍ପ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସାଧାରଣ ଗ୍ରାହକଙ୍କୁ ବିକ୍ରିକରାଯାଉଥିବା ଡିଜେଲ ଉପରେ ତେଲ କମ୍ପାନିଗୁଡ଼ିକ ଲିଟର ପିଛା ୩୬ ଟଙ୍କା ୫୦ ପଇସା ଓ ଶିଳ୍ପ ଗ୍ରାହକଙ୍କୁ ବିକୁଥିବା ଡିଜେଲରେ ଲିଟରକୁ ୯ ଟଙ୍କାର କ୍ଷତି ସହୁଛନ୍ତି । ଚଳିତ ବର୍ଷ ଫେବୃଆରିରୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଅଶୋଧିତ ତେଲ ଦର ବ୍ୟାରେଲକୁ ୧୦୦ ଡଲାରରୁ ଉପରେ ରହିଛି । ନିଜ ଆବଶ୍ୟକତାର ୮୫ ପ୍ରତିଶତ ତେଲ ଆମଦାନି କରୁଥିବା ଭାରତ ପାଇଁ ଏହା ଏକ ଜଟିଳ ସ୍ଥିତି ସୃଷ୍ଟି କରିଛି । ଗୋଟିଏ ପଟେ ଦର ବଢ଼ିଛି ଓ ଅନ୍ୟପଟେ ହର୍ମୁଜ ପ୍ରଣାଳୀ ଦେଇ ତେଲ ଆସିପାରୁନାହିଁ । ସେଥିପାଇଁ ଦେଶରେ ତେଲ ଓ ଗ୍ୟାସର ଅଭାବ ଦେଖାଦେବା ଆଶଙ୍କା ରହିଛି । ଯେତିକି ତେଲ ଆସୁଛି ତାହା ଯେଭଳି ସୁବିଧାରେ ସାଧାରଣଙ୍କ ପାଖରେ ପହଞ୍ଚିବ ସେଥିପାଇଁ ବିକ୍ରିଉପରେ କଟକଣା ଭଳି ପଦକ୍ଷେପ ଗ୍ରହଣ କରାଯାଉଛି । ଦରବୃଦ୍ଧିର ମାତ୍ରାକୁ କମ୍ କରିବା ପାଇଁ ସରକାର କିଛି ମାସ ପୂର୍ବେ ଉଭୟ ପେଟ୍ରୋଲ ଓ ଡିଜେଲରୁ ଉତ୍ପାଦ ଶୁଳ୍କ ୧୦ ଟଙ୍କା ହ୍ରାସ କରିଥିଲେ । ଏହାସତ୍ତ୍ୱେ ତେଲ କମ୍ପାନିଗୁଡ଼ିକର ଦୈନିକ କ୍ଷତି ୧୦୦୦ କୋଟି ଟଙ୍କାରୁ ଅଧିକ ହେବା ପରେ ବିଭିନ୍ନ ପର୍ଯ୍ୟାୟରେ ଉଭୟ ପେଟ୍ରୋଲ ଓ ଡିଜେଲ ଦରରେ ୮ ଟଙ୍କା ପର୍ଯ୍ୟନ୍ତର ବୃଦ୍ଧି କରାଯାଇଥିଲା ।



# ମାତ୍ର ୧୬୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ରିଅଲ୍‌ମି ପି୪ଆର ୫ଜି ର ଶୁଭାରମ୍ଭ

**ଭୁବନେଶ୍ୱର, ୧୨।୬ (ନି.ପ୍ର) :** ଅଗ୍ରଣୀ ସ୍ମାର୍ଟଫୋନ ବ୍ରାଣ୍ଡ, ରିଅଲ୍‌ମି ପକ୍ଷରୁ ଆଜି ରିଅଲ୍‌ମି ପି୪ଆର ୫ଜିର ଶୁଭାରମ୍ଭ କରାଯାଇଛି, ଯେଉଁଥିରେ ୮୦୦୦ ଏମଏଏଚରେ ସେଗ୍‌ମେଂଟର ସର୍ବବୃହତ ବ୍ୟାଟେରୀ କ୍ଷମତା ରହିଛି। ଯୁବ ଉପଭୋକ୍ତାଙ୍କ ପାଇଁ ଡିଜାଇନ କରାଯାଇଥିବା ରିଅଲମି ପି୪ଆର ୫ଜି ସେଗ୍‌ମେଂଟର ଏକମାତ୍ର ୫୩୦୦ଏମଏମ୨ ଏୟାରଫ୍ଲୋ ଭାପୋର ଚାମ୍ବର, ପ୍ରାକ୍ଟିକାଲ ଏଆଇ ଫିଚର ଓ ଏକ ମଜବୁତ ଡିଜାଇନ ସହ ସୁସଜ୍ଜିତ ରହିଛି। ଏଥିରେ ଉତାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରୁଥିବା ବାଏପାସ ଚାର୍ଜିଙ୍ଗ ଓ ୱାନ ଟ୍ୟାପ କୁଲିଙ୍ଗ ଫିଚର ରହିଛି ଏବଂ ଏହା ବିଜିଏମଆଇ ଓ ଫ୍ରିଫାୟାର ପାଇଁ ସ୍ଥିର ୬୦ଏଫପିଏସ ସପୋର୍ଟ ପ୍ରଦାନ କରୁଛି। ଏହାର ୭ ବର୍ଷର ବ୍ୟାଟେରୀ ହେଲ୍‌ଥ, ୨+୩ ସିଷ୍ଟମ ଅପ୍‌ଡେଟ, ୪ ବର୍ଷର ଫ୍ଲୁଏନ୍ସି ଓ ବର୍ଦ୍ଧିତ ୟୁଜ କେୟାର ପାଇଁ ଏହା ଦୀର୍ଘକାଳିନ ବ୍ୟବହାର ପାଇଁ ଉପଯୁକ୍ତ ହୋଇଥାଏ। ରିଅଲମି ପି୪ଆର ୫ଜିରେ ଏକ ସହଜ ଦୈନନ୍ଦିନ ଅନୁଭୂତି ପାଇଁ ୪୫ୱାଟ ଫାଷ୍ଟ୍ ଚାର୍ଜ ସହିତ ଏକ ୮୦୦୦ ଏମଏଏଚ ଟାଇଟାନ ବ୍ୟାଟେରୀ, ୧୪୪ଏଚଜେଡ ସନ୍‌ଲାଇଟ ଡିସ୍‌ପ୍ଲେ, ୫୦ଏମପି ଏଆଇ କ୍ୟାମେରା, ଆର୍ମରସେଲ ଟଫ୍ ବିଲ୍ଡ ଓ ନେକ୍ସଟ ଏଆଇ ଫିଚର ରହିଛି। ଏହି ଡିଭାଇସ ୩ଟି ଆକର୍ଷଣୀୟ ରଙ୍ଗ ଟାଇଟାନିୟମ ଗ୍ଲେୟାର, ସିଲଭର ଗ୍ଲେୟାର ଓ ଲାଭେଣ୍ଡର ଗ୍ଲେୟାରରେ ଉପଲବ୍ଧ ହେବ।

ରିଅଲମି ପି୪ଆର ୫ଜି ଫ୍ଲିପକାର୍ଟ ଓ ରିଅଲ୍‌ମି ଡଟ୍ କମରେ ୪ ଜିବି+୧୨୮ ଜିବି ପାଇଁ ୧୬,୯୯୯ ଟଙ୍କା, ୬ ଜିବି+୧୨୮ ଜିବି ପାଇଁ ୨୦,୯୯୯ ଟଙ୍କା ଓ ୬ ଜିବି+୨୫୬ ଜିବି ପାଇଁ ୨୨,୯୯୯ ଟଙ୍କା ମୂଲ୍ୟରେ ଆସନ୍ତା ଜୁନ୍ ୧୭ ତାରିଖ ୨୦୨୬ରୁ ବିକ୍ରି ପାଇଁ ଉପଲବ୍ଧ ହେବ। ଏହି ଡିଭାଇସରେ ଏଆଇ ଲଙ୍ଗ-ଲାଇଫ ଆଲଗୋରିଦମ, ଏଆଇ ନାଇଟ ଚାର୍ଜିଙ୍ଗ ମୋଡ, ଏଆଇ କୋଲ୍ଡ ଚାର୍ଜିଙ୍ଗ ମୋଡ ଓ ୱାନ ଟ୍ୟାପ କୁଲିଙ୍ଗ ସମେତ ଇଂଟେଲିଜେଂଟ ବ୍ୟାଟେରୀ ମ୍ୟାନେଜମେଂଟ ଟେକ୍ନୋଲୋଜି ରହିଛି। ଉତ୍ପାଦକତା ଉପରେ ଗୁରୁତ୍ୱ ଦେଉଥିବା ଉପଭୋକ୍ତାଙ୍କ ପାଇଁ ଏହି ସ୍ମାର୍ଟଫୋନରେ ଟେକ୍ସଟ ସ୍କାନର ଏବଂ ଏଆଇ ଆସିଷ୍ଟାଂଟ ଫର୍ ନୋଟ୍‌ସ ରହିଛି। ଏହି ଡିଭାଇସ ଅତିରିକ୍ତ ମାନସିକ ଶାନ୍ତି ଓ ଡିଭାଇସ ସୁରକ୍ଷା ପ୍ରଦାନ କରିବା ପାଇଁ ଏଆଇ ଆଂଟି-ଥେଫ୍ଟ ଓ ଗୁଗଲ ରିମୋଟ୍‌ଲି ଲକ୍ ସମେତ ଏଆଇ-ପରିଚାଳିତ ସୁରକ୍ଷା ଫିଚରଗୁଡ଼ିକୁ ଅନ୍ତର୍ଭୁକ୍ତ କରିଛି। ରିଅଲମି ପି୪ଆର ୫ଜିରେ ଆର୍ମରସେଲ ଟଫ୍ ବିଲ୍ଡ ରହିଛି ଏବଂ ଏହା ଏମଆଇଏଲ-ଏସଟିଡି-୮୧୦ଏଚ ମିଲିଟାରୀ-ଗ୍ରେଡ ସକ୍ ରେଜିଷ୍ଟାନ୍ସ ଟେଷ୍ଟିଂ ପାସ୍ କରିଛି। ଏହି ଡିଭାଇସ ଆଇପି୬୫ ଧୂଳି ଓ ଜଳ ପ୍ରତିରୋଧ ସହ ଆସୁଛି। ମିଡିଆଟେକ ଡାଇମେନସିଟି ୬୩୦୦ ପ୍ରୋସେସର ଓ ରିଅଲମି ୟୁଆଇ ୭.୦ ଦ୍ୱାରା ପରିଚାଳିତ ଏହି ସ୍ମାର୍ଟଫୋନ ଏକ ମଜବୁତ ୪୮-ମାସର ଫ୍ଲୁଏନ୍ସି ଟେଷ୍ଟ ଦ୍ୱାରା ସମର୍ଥିତ ଦୈନିକ ସୁଗମ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ, ସେହିପରି ୫୩୦୦ଏମଏମ୨ ଭିସି କୁଲିଙ୍ଗ ସିଷ୍ଟମ ବର୍ଦ୍ଧିତ ବ୍ୟବହାର ସମୟରେ ସ୍ଥାୟିତ୍ୱ ବଜାୟ ରଖିବାରେ ସାହାଯ୍ୟ କରିଥାଏ। ସାମଗ୍ରିକ ଅନୁଭୂତିକୁ ଉନ୍ନତ କରି ରିଅଲମି ପି୪ଆର ୫ଜିରେ ୧୨୦୦ ନିଟ୍‌ସ ପର୍ଯ୍ୟନ୍ତ ସର୍ବୋଚ୍ଚ ବ୍ରାଇଟନେସ୍ ସହ ୬.୮ ଇଂଚ ୧୪୪ଏଚଜେଡ ସନ୍‌ଲାଇଟ ଡିସ୍‌ପ୍ଲେ ଏବଂ ୪୦୦% ଅଲ୍‌ଟ୍ରା ଭଲ୍ୟୁମ ସହ ଏକ ସୁପର ଲିନିୟର ସ୍ପିକର ରହିଛି।

# ଜନସନ୍‌ସ ବେବି ପକ୍ଷରୁ ବ୍ରାଣ୍ଡ ଆମ୍ବାସଡର ପରିଣୀତି ଚୋପ୍ରାଙ୍କ ସହ ନୂଆ ମିଲ୍କ ଆଣ୍ଡ୍ ରାଇସ୍ ବର୍ଗମାଳାରେ ଶୁଭାରମ୍ଭ

**ଭୁବନେଶ୍ୱର, ୧୨।୬ (ନି.ପ୍ର) :** ବିଶ୍ୱର ଏକ ନମ୍ବର ଶିଶୁ ଯତ୍ନ ବ୍ରାଣ୍ଡ ଜନ୍‌ସନ୍‌ସ ବେବି ପକ୍ଷରୁ ଏହାର ପୋଷକ ବର୍ଗମାଳା ନୂଆ ମିଲ୍କ ଆଣ୍ଡ ରାଇସ୍ ବର୍ଗମାଳାକୁ ଉନ୍ମୋଚନ କରାଯାଇଛି। ଏକ କାର୍ଯ୍ୟକ୍ରମରେ ବିଶ୍ୱର ପ୍ରଥମ ଚର୍ମ ପାଇଁ ଖାଦ୍ୟ ଭାବେ ଏହାକୁ ଉନ୍ମୋଚନ କରାଯାଇଛି। ଏହାର ବିଷୟ ରଖାଯାଇଥିଲା 'ପୋଷଣ କା ପେହଲା ସ୍ପର୍ଶ'। ଏହି ଅବସରରେ କମ୍ପାନିର ବ୍ରାଣ୍ଡ ଆମ୍ବାସାଡର ପରିଣୀତି ଚୋପ୍ରା ଉପସ୍ଥିତ ରହି ଅନ୍ୟ ୩୦ ଜଣ ମା ଓ ସେମାନଙ୍କ ଶିଶୁଙ୍କ ସହିତ ଶିଶୁଙ୍କ ପ୍ରଥମ ଚର୍ମଯତ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

ଭାରତର ପାରମ୍ପରିକ ଅନ୍ନପ୍ରାସନ ପରମ୍ପରାରୁ ଅନୁପ୍ରାଣିତ ହୋଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ ଶିଶୁଙ୍କୁ ସେମାନଙ୍କ ପ୍ରଥମ କଠିନ ଖାଦ୍ୟ ଖୁଆଯାଇଥାଏ। ଜନ୍‌ସନ୍‌ସ ବେବି ପକ୍ଷରୁ 'ଚର୍ମ ପାଇଁ ଖାଦ୍ୟ' ପରମ୍ପରା ଜରିଆରେ ସେହି ସମାରୋହକୁପାଳନ କରାଯାଇଥିଲା। ପ୍ରଥମରୁ ମାଁମାନେ ନିଜ ଶିଶୁର ବିକାଶ ପାଇଁ ଦୁଗ୍ଧ ଓ ଚାଉଳକୁ ଚୟନ କରିଥାନ୍ତି। ସେହି ଭାବନାକୁ ନଜରରେ ରଖି ଦୁଗ୍ଧ ଓ ଚାଉଳର ଭଲ ଗୁଣକୁ ନେଇ କମ୍ପାନି ଏହି ଉତ୍ପାଦ ଆଣିଛି ଯାହା ଚର୍ମକୁ ପୋଷଣ ଯୋଗାଇବା, ତାହାର ପ୍ରାକୃତିକ କୋମଳତା ବଜାୟ ରଖିବା ଏବଂ ପ୍ରଥମ ଦିନରୁ ସୁସ୍ଥ ଦେଖାଯିବାରେ ସହାୟକ ହୋଇଥାଏ।

ଏହି ଅବସରରେ କେନଭ୍ୟୁର ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ଗବେଷଣା ଓ ବିକାଶ ମୁଖ୍ୟ ଡାକ୍ତର ଦିଲ୍ଲୀପ ତ୍ରିପାଠୀ କହିଛନ୍ତି ଯେ, 'ଆଜିକାଲିର ଅଭିଭାବକମାନେ ନିଜ ଶିଶୁ ପାଇଁ ଯାହା କିଛି ଚୟନ କରିଥାନ୍ତି ତାହାକୁ ନେଇ ବେଶ ସଚେତନ ରହୁଥିବା ବେଳେ ପ୍ରମାଣିତ ସୁରକ୍ଷା ଓ ଯତ୍ନ ସହ ବିଶ୍ୱସନୀୟ ଉପାଦାନ ଥିବା ଉତ୍ପାଦ ଖୋଜୁଛନ୍ତି। ମିଲ୍କ ଆଣ୍ଡ୍ ରାଇସ୍ ବର୍ଗମାଳା ଜରିଆରେ ଆମେ ଉଭୟ ଦୁଗ୍ଧ ଓ ଚାଉଳର ଭଲ ଗୁଣକୁ ଏକତ୍ରୀତ କରିଛୁ ଯାହା ଉପରେ ପରିବାରଗୁଡ଼ିକର ବର୍ଷ ବର୍ଷର ଭରସା ରହିଛି। ଏହି ମିଶ୍ରଣ କୋମଳ, ପୋଷଣରେ ଭରପୁର ଏବଂ ଏହାକୁ ବିଜ୍ଞାନର ମଧ୍ୟ ସମର୍ଥନ ରହିଛି। 'ଚର୍ମ ପାଇଁ ଖାଦ୍ୟ' କାର୍ଯ୍ୟକ୍ରମ ହେଉଛି ଶିଶୁର ପ୍ରଥମ ଚର୍ମଯତ୍ନ ଉତ୍ସବକୁ ପାଳନ କରିବା ଏବଂ ତାହାକୁ ଏକ ଭଲ ପାଇବା, ସୁରକ୍ଷା ଓ ଆପଣମାନେ ବିଶ୍ୱାସ କରୁଥିବା ଜନସନ କେୟାର ପାଇଁ ଏକ ଅର୍ଥପୂର୍ଣ୍ଣ ମୁହୂର୍ତ୍ତରେ ପରିଣତ କରିବା ପାଇଁ ଆମର ଏକ ମାଧ୍ୟମ।'



ଏହି ଅବସରରେ ବଲିଉଡ୍ ଅଭିନେତ୍ରୀ, ନୂଆ ମା ତଥା କମ୍ପାନିର ବ୍ରାଣ୍ଡ୍ ଆମ୍ବାସଡର ପରିଣୀତି ଚୋପ୍ରା କହିଛନ୍ତି ଯେ, 'ନୂତନ ଭାବେ ମା ହୋଇଥିବାରୁ ମୁଁ ଭଲ ଭାବେ ଜାଣିଛି ଯେ ସନ୍ତାନର ପ୍ରତିଟି ପ୍ରଥମ ହେଉଛି ଏକ ସ୍ମରଣୀୟ ମୁହୂର୍ତ୍ତ। ଆମେ ସନ୍ତାନର ପ୍ରଥମ ଶବ୍ଦ ଓ ପ୍ରଥମ ଖାଦ୍ୟ ଭଳି ସ୍ମରଣୀୟ ମୁହୂର୍ତ୍ତକୁ ପାଳନ କରୁଥିବା ବେଳେ ଆମକୁ ପ୍ରାରମ୍ଭିକ ଚର୍ମଯତ୍ନର ଗୁରୁତ୍ୱକୁ ବି ବୁଝିବାକୁ ହେବ କାରଣ ଛୋଟ ପିଲାଙ୍କ ଚର୍ମ ବହୁତ କୋମଳ ଓ ତାହାକୁ ପ୍ରାରମ୍ଭିକ ପର୍ଯ୍ୟାୟରୁ ହାଲୁକା ପୋଷଣ ଦରକାର। ଜନସନ୍‌ସ ବେବିର 'ଚର୍ମ ପାଇଁ ଖାଦ୍ୟ'କୁ ମୁଁ ଏଥିପାଇଁ ବହୁତ ଭଲ ପାଉଛି କାରଣ ଏହା ଯେଉଁଭଳି ଭାବେ ଦୁଗ୍ଧ ଓ ଚାଉଳ ଭଳି ବିଶ୍ୱସନୀୟ ଉପାଦାନରୁ ପ୍ରେରଣା ହାସଲ କରିଛି। ସେହି ଉଦାପାଦ ସହିତ ଯତ୍ନ ଓ ପୋଷଣ ଭଳି ପ୍ରାକୃତିକ ଉପାଦାନ ଜଡ଼ିତ ରହିଛି। ଏହି ଭାବପୂର୍ଣ୍ଣ ଅଭିଯାନର ଅଂଶ ହୋଇ ମୁଁ ଉଲ୍ଲସିତ ଯାହା ଶିଶୁ ଚର୍ମକୁ ସ୍ୱତନ୍ତ୍ର ଚର୍ମ ପାଇଁ ଖାଦ୍ୟ ଅଭିଯାନ ଜରିଆରେ ଏକ ଆବେଗିତ ଓ ସାଂସ୍କୃତିକ ଉତ୍ସବରେ ପରିଣତ କରୁଛି।'

ଦୁଗ୍ଧ ଓ ଚାଉଳର ପ୍ରୋଟିନରୁ ପ୍ରସ୍ତୁତ ମିଲ୍କ ଆଣ୍ଡ୍ ରାଇସ୍ ବର୍ଗମାଳାକୁ ନବଜାତ ଶିଶୁର କୋମଳ ଚର୍ମକୁ ସୁରକ୍ଷା ଦେବା ଓ ପୋଷଣ ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇଛି ଯାହା ଦୀର୍ଘକାଳୀନ ନରିଶମେଂଟ ମଧ୍ୟ ପ୍ରଦାନ କରିବ। ଏହି ବ୍ୟାପକ ପୋର୍ଟଫୋଲିଓରେ ଜନସନସ ବେବି ନରିସିଂ ମିଲ୍କ ସାବୁନ, ଜନସନ୍‌ସ ବେବି ନରିସିଂ ମିଲ୍କ ଆଣ୍ଡ୍ ରାଇସ୍ ୱାସ୍ ଆଣ୍ଡ୍ ସାମ୍ପୁ, ନରିସି ମିଲ୍କ ଆଣ୍ଡ୍ ରାଇସ୍ ଲୋସନ ଏବଂ ନରିସିଂ ମିଲ୍କ ଆଣ୍ଡ୍ ରାଇସ୍ ଫେସ୍ ଓ ବଡି କ୍ରିମ୍ ରହିଛି। ସେଗୁଡ଼ିକ ଶିଶୁ ଚର୍ମକୁ ୨୪ ଘଂଟା ନରିସମେଂଟ ପ୍ରଦାନ କରିବ।

ଏହି ଉତ୍ପାଦକୁ ଚର୍ମରୋଗ ଓ ଶିଶୁରୋଗ ବିଶେଷଜ୍ଞଙ୍କ ତତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି ଯାହା ୯୯.୯ ପ୍ରତିଶତ ଜୀବାଣୁ ନାଶ କରି ଶିଶୁର ଚର୍ମକୁ ପ୍ରାକୃତିକ ଉପାୟରେ ଯତ୍ନ ନେବ। ଏହା ନବଜାତ ଶିଶୁ ପାଇଁ ଉପଯୁକ୍ତ ଏବଂ ଏଥିରେ ପାରାବେନ, ସଲଫେଟ୍, ଫଥାଲଫେଟ ଓ କୃତ୍ରିମ ରଙ୍ଗ ମିଶାଯାଇନାହିଁ।

# ଏଂଟରପ୍ରାଇଜ ଏଆଇ ପାଇଁ ଟିସିଏସ୍ ଓ ଆନ୍ଥ୍ରୋପିକ୍ ମଧ୍ୟରେ ବିଶ୍ୱସ୍ତରୀୟ ସହଯୋଗିତା

**ଭୁବନେଶ୍ୱର, ୧୨।୬ (ନି.ପ୍ର) :** ଆଇଟି ସେବା, କନ୍‌ସଲ୍‌ଟିଂ ଓ ବ୍ୟବସାୟ ସମାଧାନର ଅଗ୍ରଣୀ ସଂସ୍ଥା ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ପକ୍ଷରୁ ଏଂଟରପ୍ରାଇଜ୍ ଏଆଇର ଗ୍ରହଣୀୟତାକୁ ବ୍ୟାପକ କରିବାରେ ଗ୍ରାହକମାନଙ୍କୁ ସାହାଯ୍ୟ କରିବା ପାଇଁ ଅଗ୍ରଣୀ ଏଆଇ କମ୍ପାନି ଆନ୍ଥ୍ରୋପିକ୍ ସହ ବିଶ୍ୱସ୍ତରୀୟ ସହଯୋଗିତା ସ୍ଥାପନ କରାଯାଇଛି। ଆଗୁଆ କ୍ଲାଉଡ୍ ମଡେଲ୍‌କୁ ହାସଲ କରି ଗ୍ରାହକମାନଙ୍କୁ ଦୃଢ଼ ମୂଲ୍ୟ, ଯୁଗ୍ମ ଶିଳ୍ପ ସମାଧାନ ଓ କ୍ଲାଉଡ୍ ପରିବାରରେ ଗଭୀର ଏଆଇ ବିଶେଷତା ପ୍ରଦାନ କରିବା ପାଇଁ ଟିସିଏସ୍ ପକ୍ଷରୁ ଉତ୍ସର୍ଗୀକୃତ ବିଜନେସ୍ ୟୁନିଟ୍ ସ୍ଥାପନ କରାଯିବ। ଏକ ନିୟନ୍ତ୍ରିତ ଶିଳ୍ପ କ୍ଷେତ୍ରରେ ଅଧିକାଂଶ ଏଆଇ କାର୍ଯ୍ୟକ୍ରମ ପରୀକ୍ଷାମୂଳକ ସ୍ତରରେ ରହୁଛି, ଯେଉଁଠାରେ ସଠିକତା, ଅଡିଟ ଦକ୍ଷତା ଓ ନିରୀକ୍ଷଣ ଅଧିକ କଠୋର ରହୁଥିବାରୁ ତ୍ରୁଟି ହେବାର ଅଧିକ ଆଶଙ୍କା ରହୁଛି। ଏହି ସହଯୋଗିତାରେ ସେହି ପ୍ରତିବନ୍ଧକକୁ ଅତିକ୍ରମ କରିବାରେ ସାହାଯ୍ୟ କରାଯିବ। ଟିସିଏସ୍‌ର ପ୍ରଶାସନ, ନିୟନ୍ତ୍ରଣ ଓ କାର୍ଯ୍ୟକାରିତାରେ ରହିଥିବା ବିଶେଷତାକୁ ଉପଯୋଗ କରି ସଂସ୍ଥାଗୁଡ଼ିକ କ୍ଲାଉଡ୍‌କୁ ସେମାନଙ୍କ ଉତ୍ପାଦନରେ ବିଶ୍ୱାସର ସହ ସାମିଲ କରିପାରିବେ। ଏହି ବିଶ୍ୱସ୍ତରୀୟ ସହଯୋଗିତା କ୍ଲାଉଡ୍ ପାର୍ଟନର ନେଟ୍‌ୱର୍କରେ ଟିସିଏସ୍ ସାମିଲ ହୋଇ ସଂସ୍ଥାଗୁଡ଼ିକୁ କ୍ଲାଉଡ୍ ମଡେଲ୍ ପ୍ରଦାନ କରିବ। ସାରା ସଂସ୍ଥାରେ ତାହାକୁ ବ୍ୟାପକ ଭାବେ ବ୍ୟବହାର କରିବା ଓ ତାହାର ଫଳ ପାଇବା ପାଇଁ ଟିସସିଏସ୍ ତରଫରୁ ସଂସ୍ଥାଗୁଡ଼ିକୁ ସବୁ ପ୍ରକାର ସହଯୋଗ କରାଯିବ। ଟିସିଏସ୍ ପକ୍ଷରୁ କ୍ଲାଉଡ୍ ସହ ୫୦,୦୦୦ ସହାୟକଙ୍କୁ ଇଞ୍ଜିନିୟରିଂ, ଫାଇନାନ୍ସ, ମାର୍କେଟିଂ ଓ ସେଲ୍‌ସରେ ନିୟୋଜିତ କରାଯିବ। ନିଜ ପରିଚାଳନାକୁ ବଦଳାଇବା ପାଇଁ ଟିସିଏସ୍ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିବ ଏବଂ ସେହି ଶିକ୍ଷାକୁ ଗ୍ରାହକମାନଙ୍କ ସଫଳତା ପାଇଁ ଉପଯୋଗ କରିବ। ଟିସିଏସ୍ ଓ ଆନ୍ଥ୍ରୋପିକ୍ ମିଳିତ ଭାବେ ଆର୍ଥିକ ସେବା, ସାର୍ବଜନୀନ ସେବା, ଜୀବ ବିଜ୍ଞାନ, ସ୍ୱାସ୍ଥ୍ୟସେବା, ବିମାନ ଚଳାଚଳ, ଟେଲିକମ୍ ଓ ମେଡ୍‌ଟେକ୍ ପାଇଁ ଏଆଇ ସମାଧାନ ଓ ସେବା ପ୍ରଦାନ କରିବେ। ଟିସିଏସ୍‌ଣ ବିଭିନ୍ନ ଉତ୍ପାଦ, ପ୍ଲାଟଫର୍ମ ଓ ଡୋମେ୍ ସ୍ୱତନ୍ତ୍ର ସମାଧାନ ପାଇଁ ମଧ୍ୟ ଏହି ସହଯୋଗିତାକୁ ଉପଯୋଗ କରାଯିବ। ଏହି ସହଯୋଗିତା ସମ୍ପର୍କରେ ଟିସିଏସ୍‌ର ଏମ୍‌ଡି ଓ ସିଇଓ କେ କିର୍ତିଭାସନ କହିଛନ୍ତି ଯେ, "ବ୍ୟବସାୟ ଦୃଶ୍ୟପଟକୁ ବୁଝିବା, ଜଟିଳ ବ୍ୟବସ୍ଥା ପରିକଳ୍ପନା କରିବା ଓ ଗଭୀର ଏଆଇ ଇଞ୍ଜିନିୟରିଂ ପ୍ରତିଭା ଲାଗୁ କରିବାରୁ ସଂସ୍ଥାଗତ ଏଆଇ ମୂଲ୍ୟ ଆସିଥାଏ। କ୍ଲାଉଡ୍‌କୁ ଆମର ଶିଳ୍ପ ବିଶେଷତା, ଇଞ୍ଜିନିୟରିଂ ଜଟିଳତା ଓ ବୃହତ ପରିମାଣର ରୂପାନ୍ତରଣ ଦକ୍ଷତା ସହ ସାମିଲ କରି ଆମେ ସେହି ଶିଳ୍ପ କ୍ଷେତ୍ରର ଗ୍ରାହକମାନଙ୍କୁ ଉତ୍ପାଦନ ବଢ଼ାଇବାରେ ସହାୟତା ପ୍ରଦାନ କରିବୁ ଯେଉଁଠାରେ ବିଶ୍ୱାସ, ସ୍ଥାୟୀତ୍ୱ ଓ ନିୟାମକ ଶୃଙ୍ଖଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବ୍ୟାପକ ସଂସ୍ଥାଗତ ସ୍ତରରେ ଫ୍ରଂଟିୟର ଏଆଇକୁ ରୂପାନ୍ତରଣରେ ପରିଣତ କରିବା ପାଇଁ କ୍ଲାଏଂଟ୍‌ମାନଙ୍କୁ ସହାୟତା କରବିାର ବ୍ୟାପକ ରଣନୀତିକୁ ଏହି ସହଯୋଗିତା ପ୍ରତିଫଳିତ କରୁଛି।'' ଆନ୍ଥ୍ରୋପିକ୍‌ର ସହ ପ୍ରତିଷ୍ଠାତା ଓ ସିଇଓ ଡାରିଓ ଆମୋଡେଇ କହିଛନ୍ତି ଯେ, "ସଠିକତା ଅଧିକ ଗରୁତ୍ୱ ରଖୁଥିବା କ୍ଷେତ୍ରରେ ସୁରକ୍ଷିତ, ବିଶ୍ୱସନୀୟତ ଓ ସହାୟକ ହେବା ପାଇଁ ଆମେ କ୍ଲାଉଡ୍‌କୁ ଗଠନ କରିଛୁ। ଆମର ଦ୍ୱିତୀୟ ବୃହତ ବଜାର ଭାରତ ପ୍ରତି ଆମର ରହିଥିବା ପ୍ରତିବଦ୍ଧତାକୁ ଏହି ସହଯୋଗିତା ସୁଦୃଢ଼ କରୁଥିବା ବେଳେ ନିଜର ୫୦,୦୦୦ କର୍ମଚାରୀଙ୍କ ସହ ଏହି ଅଂଚଳ ଓ ବିଶ୍ୱବ୍ୟାପୀ ସଂସ୍ଥା ଓ ପେସାଦାରଙ୍କ ପାଖରେ କ୍ଲାଉଡ୍‌କୁ ଟିସିଏସ୍ ପହଂଚାଇବ।'' ଟାଟା ସନ୍ସର ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ କହିଛନ୍ତି ଯେ, "ସାରା ବିଶ୍ୱର ସଂସ୍ଥା ପାଇଁ ଏଆଇ ରୂପାନ୍ତରଣ ଓ ମୂଳଦୁଆ ହେଉ ଚବଶର ୨ କ୍ଲଲ ୨ ବୋଲି ଆମର ରହିଥିବା ମିଳତି ସଂକଳ୍ପକୁ ଏହି ସହଯୋଗିତା ପ୍ରତିଫଳିତ କରୁଛି। ଆନ୍ଥ୍ରୋପିକ୍ ଦକ୍ଷତାକୁ ଟାଟା ଗ୍ରୁପର ବ୍ରଶପକତା, ବିଶ୍ୱସନୀୟ ସମ୍ପର୍କ ଏବଂ ରାଷ୍ଟ୍ର ଗଠନ ପ୍ରତିବଦ୍ଧତା ସହ ଯୋଡ଼ି ଆମେ ସଂସ୍ଥଗୁଡ଼ିକୁ ପୁନଃ ଉଭାବିତ ହେବା ଓ ଏଆଇ ଯୁଗରେ ଆଗକୁ ବଢ଼ିବା ପାଇଁ ଭାରତର ଯୁବପିଢ଼ିଙ୍କୁ ଦକ୍ଷତା ପ୍ରଦାନ କରିବାକୁ ତ୍ୱରାନ୍ୱିତ କରିବୁ।''

# ବ୍ୟାଙ୍କ୍ ଅଫ୍ ବରୋଦା ଦ୍ୱାରା ପ୍ରବାସୀ ଭାରତୀୟ (ଏନ୍‌ଆରଆଇ)ଙ୍କ ପାଇଁ ଆରବିଆଇର ନୂତନ ନିୟମ ଅନୁଯାୟୀ ଅଧିକ ସୁଧ ହାର ସହ ଏକ ସ୍ୱତନ୍ତ୍ର ଏଫ୍‌ସିଏନ୍‌ଆର(ବି) ଜମା ଯୋଜନାର ଶୁଭାରମ୍ଭ

**ଭୁବନେଶ୍ୱର, ୧୨।୬ (ନି.ପ୍ର) :** ଭାରତର ଆନ୍ତର୍ଜାତୀୟ ବ୍ୟାଙ୍କ୍, 'ବ୍ୟାଙ୍କ୍ ଅଫ୍ ବରୋଦା' ପକ୍ଷରୁ ପ୍ରବାସୀ ଭାରତୀୟ (ଏନ୍‌ଆରଆଇ)ଙ୍କ ପାଇଁ ଏକ ନୂତନ ଫରେନ୍ କରେନ୍ସି ଅଣ-ଆବାସିକ (ଏଫ୍‌ସିଏନ୍‌ଆର(ବି)) ଜମା ଯୋଜନା ଆରମ୍ଭ କରାଯାଇଛି। ଦେଶକୁ ବୈଦେଶିକ ମୁଦ୍ରାର ପ୍ରବାହ ବୃଦ୍ଧି କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆରବିଆଇ)ର ସାମ୍ପ୍ରତିକ ପଦକ୍ଷେପକୁ ଦୃଷ୍ଟିରେ ରଖି ଏହି ଯୋଜନାରେ ଅଧିକ ସୁଧ ହାର ପ୍ରଦାନ କରାଯାଉଛି। ଏହି ନୂତନ ଯୋଜନା ୧୧ ଜୁନ୍ ୨୦୨୬ ରୁ ଲାଗୁ ହୋଇଛି। ଏହି ନୂତନ ଏଫ୍‌ସିଏନ୍‌ଆର(ବି) ଜମା ଯୋଜନା ଅଧୀନରେ, ବ୍ୟାଙ୍କ୍ ଅଫ୍ ବରୋଦା ପ୍ରମୁଖ ବୈଦେଶିକ ମୁଦ୍ରା ଯଥା- ଆମେରିକୀୟ ଡଲାର (ୟୁଏସ୍‌ଡି), ବ୍ରିଟିଶ ପାଉଣ୍ଡ ଷ୍ଟର୍ଲିଂ (ଜିବିପି), ୟୁରୋ, ଅଷ୍ଟ୍ରେଲୀୟ ଡଲାର (ଏୟୁଡି) ଏବଂ କାନାଡିୟାନ୍ ଡଲାର (ସିଏଡି) ର ୩ ରୁ ୫ ବର୍ଷର ମାଚ୍ୟୁରିଟି ଅବଧି ଉପରେ ଉଚ୍ଚ ସୁଧ ହାର ପ୍ରଦାନ କରୁଛି। ଗ୍ରାହକମାନେ ଏବେ ୟୁଏସ୍‌ଡି ଜମା ଉପରେ ୬.୦୦% ପର୍ଯ୍ୟନ୍ତ, ଜିବିପି ଏବଂ ଏୟୁଡି ଜମା ଉପରେ ୪.୭୫%, ସିଏଡି ଜମା ଉପରେ ୫.୧୫% ଏବଂ ୟୁରୋ ଜମା ଉପରେ ୩.୭୫% ପର୍ଯ୍ୟନ୍ତ ସୁଧ ପାଇପାରିବେ। ବ୍ୟାଙ୍କ୍ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଶ୍ରୀମତୀ ବିନା ୱାହିଦ୍ କହିଛନ୍ତି, 'ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ବୈଦେଶିକ ମୁଦ୍ରାର ପ୍ରବାହକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ର ସାମ୍ପ୍ରତିକ ପଦକ୍ଷେପଗୁଡ଼ିକ ବ୍ୟାଙ୍କଗୁଡ଼ିକୁ ଏନ୍‌ଆରଆଇ ସମ୍ପ୍ରଦାୟ ପାଇଁ ସେମାନଙ୍କର ଏଫ୍‌ସିଏନ୍‌ଆର(ବି) ସେବାକୁ ଅଧିକ ମଜବୁତ କରିବାକୁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛି। ଏହି ପଦକ୍ଷେପ ଏଫ୍‌ସିଏନ୍‌ଆର(ବି) ଜମାକୁ ଆକର୍ଷିତ କରିବା ଏବଂ ଭାରତୀୟ ଟଙ୍କାକୁ ମଜବୁତ କରିବା ଲକ୍ଷ୍ୟରେ ଏକ ସୁଚିଂତ ଏବଂ ବହୁମୁଖୀ ପ୍ରୟାସ ଅଟେ। ବ୍ୟାଙ୍କ୍ ଅଫ୍ ବରୋଦାର ଏହି ନୂତନ ଜମା ଯୋଜନା ପ୍ରବାସୀ ଭାରତୀୟମାନଙ୍କୁ ସେମାନଙ୍କ ବୈଦେଶିକ ମୁଦ୍ରା ଜମା ଉପରେ ଅଧିକ ଲାଭ ପାଇବା ପାଇଁ ଏକ ଆକର୍ଷଣୀୟ ସୁଯୋଗ ପ୍ରଦାନ କରୁଛି। ଅନେକ ଦେଶରେ ଉଲ୍ଲେଖନୀୟ ଉପସ୍ଥିତି ସହିତ ଭାରତର ଆଂର୍ଜାତୀୟ ବ୍ୟାଙ୍କ୍ ଭାବରେ, ବ୍ୟାଙ୍କ୍ ଏହି ସୁଯୋଗର ଲାଭ ଉଠାଇବା ଏବଂ ଏଫ୍‌ସିଏନ୍‌ଆର(ବି) ଜମା ସଂଗ୍ରହକୁ ସର୍ବାଧିକ କରିବା ପାଇଁ ଏକ ସୁଦୃଢ଼ ସ୍ଥିତିରେ ରହିଛି। ବୈଦେଶିକ ମୁଦ୍ରା ପ୍ରବାହକୁ ପ୍ରୋତ୍ସାହିତ କରିବା ପାଇଁ ଆରବିଆଇର ଏହି ପଦକ୍ଷେପ ଦେଶର ବାହ୍ୟ କ୍ଷେତ୍ରକୁ ସୁଦୃଢ଼ କରିବ ଏବଂ ବୈଦେଶିକ ମୁଦ୍ରା ଭଣ୍ଡାର ବୃଦ୍ଧି କରିବ, ଯାହା ସାମଗ୍ରିକ ମାକ୍ରୋ-ଇକୋନୋମିକ୍ ସ୍ଥିରତାରେ ସହାୟକ ହେବ। ଏହି ସ୍ୱତନ୍ତ୍ର ଏଫ୍‌ସିଏନ୍‌ଆର(ବି) ଜମା ଯୋଜନା ବ୍ୟାଙ୍କକୁ ପ୍ରତିଯୋଗିତାମୂଳକ ମୂଲ୍ୟରେ ବୈଦେଶିକ ମୁଦ୍ରା ପାଣ୍ଠି ହାସଲ କରିବାରେ ମଧ ସାହାଯ୍ୟ କରିବ, ଯାହା ବ୍ୟବସାୟିକ ଅଭିବୃଦ୍ଧି ଏବଂ ଭାରତୀୟ ଅର୍ଥନୀତିର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବ।

# ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି: ଆଇଆଇଆରଏଫ୍ ୨୦୨୬ ର୍‍ୟାଙ୍କିଙ୍ଗ୍‌ରେ ବଡ଼ ସଫଳତା

**ଭୁବନେଶ୍ୱର, ୧୨।୬ (ନି.ପ୍ର) :** ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ)କୁ ଶିକ୍ଷା, ନବୋନ୍ମେଷ (ଇନୋଭେସନ) ଏବଂ ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ପାଇଁ ଇଣ୍ଟରନ୍ୟାସନାଲ୍ ଇନଷ୍ଟିଚ୍ୟୁସନାଲ୍ ର୍‍ୟାଙ୍କିଙ୍ଗ୍‌ଫ୍ରେମୱର୍କ(ଆଇଆଇଆରଏଫ୍) ଦ୍ୱାରା ପ୍ରକାଶିତ 'ଆଇଆଇଆରଏଫ୍ ଇଣ୍ଡିଆ ର୍‍ୟାଙ୍କିଙ୍ଗ୍ ୨୦୨୬' ରେ ବିଶେଷ ସ୍ଥାନ ଲାଭ କରିଛି। ଏହି ର୍‍ୟାଙ୍କିଙ୍ଗ୍ ବିଭିନ୍ନ ପ୍ରମୁଖ ମାପଦଣ୍ଡ ଆଧାରରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ମୂଲ୍ୟାଙ୍କନ କରିଥାଏ ଏବଂ ବିଶ୍ୱବିଦ୍ୟାଳୟ, ଇଂଜିନିୟରିଂ, ଆଇନ ଏବଂ ମ୍ୟାନେଜମେଣ୍ଟ କଲେଜ ଭଳି ଭିନ୍ନ ଭିନ୍ନ ବର୍ଗରେ ର୍‍ୟାଙ୍କ ପ୍ରଦାନ କରିଥାଏ। ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଏକ ସନ୍ତୁଳିତ ଏବଂ ସାମଗ୍ରିକ ମୂଲ୍ୟାଙ୍କନକୁ ଏହି ର୍‍ୟାଙ୍କିଙ୍ଗ୍‌ସ୍ୱୀକୃତିଦେଇଛି, ଯାହା ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷାବିତମାନଙ୍କୁ ପ୍ରତିଷ୍ଠାନର ଗୁଣବତ୍ତା ଓ ପ୍ରଦର୍ଶନର ଆକଳନ କରିବା ପାଇଁ ଏକ ନିରପେକ୍ଷ ଢାଞ୍ଚାଯୋଗାଇଥାଏ।



୨୦୨୬ ର ସର୍ବଶେଷ ର୍‍ୟାଙ୍କିଙ୍ଗ୍ ଅନୁଯାୟୀ, ବିର୍ଲାଗ୍ଲୋବାଲ୍ ୟୁନିଭର୍ସିଟି 'ଦି ନ୍ୟୁ ଏଜ୍ ପ୍ରାଇଭେଟ୍ ୟୁନିଭର୍ସିଟି-ଓଭରଅଲ୍' ବର୍ଗରେ ୭୧ତମ ସ୍ଥାନ ହାସଲ କରିଛି। ଏହା ସହିତ ରାଜ୍ୟରେ ୩ୟ ଏବଂଜୋନ୍‌ରେ ୯ମ ସ୍ଥାନରେ ରହିଛି, ଯାହା ଭାରତର ଅନ୍ୟତମ ଶ୍ରେଷ୍ଠବେସରକାରୀ ବିଶ୍ୱବିଦ୍ୟାଳୟ ଭାବରେ ଏହାର ବର୍ଦ୍ଧିତ ଗୌରବକୁ ଦର୍ଶାଉଛି। ବିଶ୍ୱବିଦ୍ୟାଳୟର ଅନ୍ତର୍ଗତ ବିଭିନ୍ନ ବିଭାଗଗୁଡ଼ିକ ମଧ୍ୟ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ବିର୍ଲା ସ୍କୁଲ୍ ଅଫ୍ ଲ' (ବିଏସ୍‌ଓଏଲ)ବେସରକାରୀ ଆଇନ ଶିକ୍ଷାନୁଷ୍ଠାନ ବର୍ଗରେ ରାଜ୍ୟରେ ୨ୟ ସ୍ଥାନ ସହ ଜାତୀୟ ସ୍ତରରେ ୪୯ତମ ସ୍ଥାନ ହାସଲ କରିଛି। ସେହିପରି ବିର୍ଲା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ (ବିଏସ୍‌ଓଏମ୍) ବେସରକାରୀ ବି-ସ୍କୁଲ୍ ଗୁଡ଼ିକ ମଧ୍ୟରେ ରାଜ୍ୟରେ ୬ଷ୍ଠ ସ୍ଥାନ ସହ ଜାତୀୟ ସ୍ତରରେ ୮୧ତମ ସ୍ଥାନରେ ରହିଛି। ଏହା ବ୍ୟତୀତ ବିର୍ଲା ସ୍କୁଲ୍ ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ବିଏସ୍‌ଓଇଟି) ବେସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଇଂଜିନିୟରିଂ କଲେଜ ବର୍ଗରେ ଜୋନାଲ୍ ର୍‍ୟାଙ୍କ ୧୦ ଏବଂ ରାଜ୍ୟ ର୍‍ୟାଙ୍କ ୪ ସହ ଜାତୀୟ ସ୍ତରରେ ୫୩ତମ ସ୍ଥାନ ହାସଲ କରିଛି। ଏହି ସଫଳତା ବିଜିୟୁର ଶିକ୍ଷାଗତ ଶ୍ରେଷ୍ଠତା, ଶିଳ୍ପ ସହଯୋଗ, ବିଶ୍ୱସ୍ତରୀୟ ଗବେଷଣା, ଅଭିନବ ଶିକ୍ଷାଦାନ ଏବଂ ଛାତ୍ରଛାତ୍ରୀଙ୍କ ସଫଳତା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରତିପାଦିତ କରେ। ଏକ ପରିବର୍ତ୍ତନଶୀଳ ଦୁନିଆରେ ଛାତ୍ରଛାତ୍ରୀମାନଙ୍କ ବିକାଶ ପାଇଁ ଏକ ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟି କରିବାର ଲକ୍ଷ୍ୟକୁ ମଧ ଏହା ପ୍ରତିଫଳିତ କରେ। ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ଜାତୀୟ ଏବଂ ବିଶ୍ୱ ସ୍ତରରେ ଏକ ମାନ୍ୟତା ପ୍ରାପ୍ତ ପ୍ରତିଷ୍ଠାନ ହେବା ଦିଗରେ ଆଗକୁ ବଢୁଥିବା ବେଳେ, ଏହା ଦାୟିତ୍ୱସମ୍ପନ୍ନ ନେତୃତ୍ୱ ଗଠନ, ଆନ୍ତଃବିଷୟକ ଶିକ୍ଷାକୁପ୍ରୋତ୍ସାହିତ କରିବା ଏବଂ ଶିକ୍ଷା ଓ ଗବେଷଣା ମାଧ୍ୟମରେ ସମାଜରେ ଏକ ସକାରାତ୍ମକ ପ୍ରଭାବ ପକାଇବା ଉପରେ ନିଜର ଦୃଷ୍ଟିନିବଦ୍ଧ ରହିଛି।

# ଅଟୋଡେସ୍କ ଷ୍ଟୋର ଏବେ ସ୍ୱୟଂ ସେବା ପ୍ଲାଟଫର୍ମରେ ପରିଣତ

**ଭୁବନେଶ୍ୱର, ୧୨।୬ (ନି.ପ୍ର) :** ଅଟୋଡେସ୍କ ପକ୍ଷରୁ ଭାରତରେ ଅଟୋଡେସ୍କ ଷ୍ଟୋରର ଏକ ଗୁରୁତ୍ୱପୂର୍ଣ୍ଣ ବିବର୍ତନର ଘୋଷଣା କରାଯାଇଛି, ଯାହା ଏହାକୁ ଏକ ସମ୍ପୂର୍ଣ୍ଣ ସେଲ୍‌ଫ-ସର୍ଭ କ୍ରୟ ପ୍ଲାଟ୍‌ଫର୍ମରେ ପରିଣତ କରିଛି। ଏହାକୁ ପ୍ରଫେସନାଲ ଡିଜାଇନ ଆଣ୍ଡ ମେକ୍ ଟେକ୍ନୋଲୋଜିକୁ ଦେଶର ଷ୍ଟାର୍ଟଅପ, ଉଦ୍ୟୋଗୀ, ଫ୍ରିଲାନ୍ସର ଏବଂ କ୍ଷୁଦ୍ର ଓ ମଧ୍ୟମ ଆକାରର ବ୍ୟବସାୟ(ଏସଏମବି)ଗୁଡିକ ପାଇଁ ପହଂଚଯୋଗ୍ୟ କରିବା ପାଇଁ ଡିଜାଇନ କରାଯାଇଛି। ଏହି ପଦକ୍ଷେପ ଏକ ଡିଜିଟାଲ-ପ୍ରଥମ ଗୋ-ଟୁ-ମାର୍କେଟ ମଡେଲ ଦିଗରେ ଅଟୋଡେସ୍କର ଲକ୍ଷ୍ୟକୁ ସୂଚିତ କରୁଛି। ପ୍ରଫେସନାଲ-ଗ୍ରେଡ ଟେକ୍ନୋଲୋଜି ପାଇଁ ପହଂଚକୁ ସହଜ କରି ଏବଂ ନୂତନ କ୍ରୟ ଓ ଉପଯୋଗ ବିକଳ୍ପର ଆରମ୍ଭ କରି ଏହି ନୂତନ ଅଟୋଡେସ୍କ ଷ୍ଟୋର ସମସ୍ତ ଆକାରର ବ୍ୟବସାୟ ଓ ପ୍ରଥମ ଥରର ଉପଭୋକ୍ତାଙ୍କ ପାଇଁ ପ୍ରତିବନ୍ଧକ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। ୨୦୧୮ରେ ଏହାର ଲଂଚ ପରଠାରୁ ଏହି ପ୍ଲାଟଫର୍ମ ଭାରତରେ ଅଟୋଡେସ୍କର ଗୁରୁତ୍ୱପୂର୍ଣ୍ଣ ଗ୍ରାହକ ଅଧିଗ୍ରହଣ ମାଧ୍ୟମରେ ସ୍ଥିର ଭାବେ ବୃଦ୍ଧି ପାଇଛି। ଆଜି ଏହି ଡିଜିଟାଲ ଷ୍ଟୋରରେ ପ୍ରଥମ-ଥର ଗ୍ରାହକଙ୍କ ମଧ୍ୟରେ ୫୦%ରୁ ଅଧିକ ଷ୍ଟାର୍ଟଅପ, ଫ୍ରିଲାନ୍ସର ଓ ନୂତନ



ବ୍ୟବସାୟ ରହିଛନ୍ତି। ଟାୟାର ୨ ଓ ଟାୟାର ୩ ସହରଗୁଡିକ ଅଟୋଡେସ୍କର ଅନ୍‌ଲାଇନ ଗ୍ରାହକଙ୍କ ସଂଖ୍ୟାରେ ୨୦%ରୁ ଅଧିକ ଯୋଗଦାନ ଦେଉଛନ୍ତି। ଏସମ୍ପର୍କରେ ଅଟୋଡେସ୍କ ଇଣ୍ଡିଆ ଓ ଏସଏଏଆରସିର ଉପାଧ୍ୟକ୍ଷ କମୋଲିକା ଗୁପ୍ତା ପେରେସ କହିଛନ୍ତି, 'ବିଗତ ବର୍ଷଗୁଡିକରେ ଆମେ ଆମର ଗ୍ରାହକ ଏବଂ ଭାରତବ୍ୟାପୀ ଅଟୋଡେସ୍କର କ୍ରିଏଟର ସମୁଦାୟର ଅନଲାଇନ କ୍ରୟ ଆଚରଣ ଓ ପସନ୍ଦଗୁଡିକୁ ବିଶ୍ଳେଷଣ କରିଛୁ। ଏହାର ତଥ୍ୟ ଓ ମତାମତ ଅଟୋଡେସ୍କ ଷ୍ଟୋରର ବିକାଶକୁ ଏକ ଅଧିକ ସହଜ, ସମାବେଶୀ, ବାଧାମୁକ୍ତ ଓ ସ୍ଥାନୀୟ ରୂପେ ପ୍ରାସଙ୍ଗିକ ଅନୁଭୂତିରେ ପରିଣତ କରିଛି, ଯାହାକୁ ଆଧୁନିକ ଭାରତୀୟ ବ୍ୟବସାୟ ଓ ପେସାଦାର ବ୍ୟକ୍ତିଙ୍କ ଆବଶ୍ୟକତାକୁ ନେଇ ଡିଜାଇନ କରାଯାଇଛି। ଅଟୋଡେସ୍କର ପହଂଚ ଭାରତବ୍ୟାପୀ ସମ୍ପ୍ରସାରିତ ହେଉଥିବାରୁ, ଆମେ ସମସ୍ତଙ୍କ ପାଇଁ ପ୍ରଫେସନାଲ ଡିଜାଇନ ଟେକ୍ନୋଲୋଜିକୁ ହାସଲ କରିବା ଅଧିକ ସହଜ କରିଛୁ।

# ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ଗ୍ରାମୀଣ ସମ୍ପ୍ରଦାୟରେ ପୋଷଣକୁ ତ୍ୱରାନ୍ୱିତ କରିଛି

**ଝାରସୁଗୁଡା,୧୨।୬ (ନି.ପ୍ର):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ଏହାର କୃଷି-କେନ୍ଦ୍ରିକ ବିକାଶ ପଦକ୍ଷେପ ପ୍ରୋଜେକ୍ଟ ଭେଦଗ୍ରାମ ମାଧ୍ୟମରେ ଏହାର ମୂଳ କାର୍ଯ୍ୟଠାରୁ ଅଧିକ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଆଗେଇ ନେଉଛି। ଆଧୁନିକ କୃଷି ଇନପୁଟ୍, ଜଳ ସଂରକ୍ଷଣ, ପଶୁପାଳନ ସହାୟତା ଏବଂ ଜୀବିକା ବିବିଧତାର ମିଶ୍ରଣ ମାଧ୍ୟମରେ, ଏହି କାର୍ଯ୍ୟକ୍ରମ ପ୍ରଗତି ପାଇଁ ନୂତନ, ସ୍ଥାୟୀ ପଥ ସୃଷ୍ଟି କରି ଗ୍ରାମୀଣ ସମ୍ପ୍ରଦାୟକୁ ସ୍ଥିରତା ଗଠନ କରିବାରେ ସାହାଯ୍ୟ କରୁଛି। ଗତ ବର୍ଷ ମଧ୍ୟରେ, ପ୍ରୋଜେକ୍ଟ ଭେଦଗ୍ରାମ ୱାଡି ପ୍ରତିଷ୍ଠା, ଧାନ ଚାଷ, ପଶୁପାଳନ ବିକାଶ, କୁକୁଡ଼ା କ୍ଷୁଦ୍ର ଉଦ୍ୟୋଗ ଏବଂ ମାଛ ଚାଷ ସମେତ ବିଭିନ୍ନ ହସ୍ତକ୍ଷେପ ମାଧ୍ୟମରେ ୧୦୦୦ ରୁ ଅଧିକ ଚାଷୀ ଏବଂ ଗ୍ରାମୀଣ ପରିବାରକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି, ଯାହା ଚାଷୀଙ୍କ ବାର୍ଷିକ ଆୟରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଆଣିଛି। ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ, ବେଦାନ୍ତ ଆଲୁମିନିୟମ ସ୍ଥାନୀୟ ଚାଷୀଙ୍କ ପାଇଁ ଏକ ମୃତିକା ସଚେତନତା କାର୍ଯ୍ୟକ୍ରମ ଏବଂ ମୃତିକା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ସମ୍ପ୍ରତି ବିଶ୍ୱ କୃଷି ଦିବସ ପାଳନ କରିଛି। ଏହି ପ୍ରୟାସଟି ମୃତିକା ସଂରକ୍ଷଣକୁ ପ୍ରୋତ୍ସାହିତ କରିବା, ବୈଜ୍ଞାନିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଏବଂ କୃଷି ଉତ୍ପାଦକତା ଏବଂ ଦୀର୍ଘକାଳୀନ କୃଷି ସ୍ଥାୟୀତ୍ୱରେ ମୃତିକା ସ୍ୱାସ୍ଥ୍ୟର ଭୂମିକା ବିଷୟରେ ସଚେତନତା ବୃଦ୍ଧି କରିବା ଉପରେ ଧ୍ୟାନ ଦେଇଥିଲା। ଏହି ପଦକ୍ଷେପର ପ୍ରଭାବ ବିଷୟରେ ମତ ଦେଇ, ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, 'ନିରନ୍ତର ବିକାଶ ସମ୍ପ୍ରଦାୟଗୁଡ଼ିକୁ ଆତ୍ମନିର୍ଭରଶୀଳ କରିବା ସହିତ ଆରମ୍ଭ ହୁଏ। ପ୍ରୋଜେକ୍ଟ ଭେଦଗ୍ରାମ ମାଧ୍ୟମରେ, ଆମେ ଗ୍ରାମୀଣ ପରିବାର ସହିତ ଜୀବିକା ନିର୍ବାହକୁ ସୁଦୃଢ଼ କରିବା, କୃଷି ଉତ୍ପାଦକତା ବୃଦ୍ଧି କରିବା ଏବଂ ଦୀର୍ଘକାଳୀନ ସମୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛୁ। ଆମର ପ୍ରତିବଦ୍ଧତା ଅର୍ଥନୈତିକ ଅଭିବୃଦ୍ଧିଠାରୁ ବିସ୍ତାରିତ, ଆଗାମୀ ପିଢ଼ି ପାଇଁ ଉନ୍ନତି କରିପାରୁଥିବା ସ୍ଥିର ସମ୍ପ୍ରଦାୟ ଗଠନ ଉପରେ ଧ୍ୟାନ ଦେଉଛି।



ଏହି ପ୍ରୟାସ ବିଷୟରେ ସିରିଆପାଲିଗ୍ରାମର ଜଣେ ଚାଷୀ ରାଜେଶ ମାରେଇ କହିଛନ୍ତି, 'ଜଳସେଚନ ସହାୟତା ପାଇବା ପୂର୍ବରୁ, ମୋତେ ବର୍ଷା ଉପରେ ନିର୍ଭର କରିବାକୁ ପଡୁଥିଲା ଏବଂ ପ୍ରତିବର୍ଷ କେବଳ ଗୋଟିଏ ଫସଲ ଚାଷ କରିପାରୁଥିଲି। ଆଜି ବେଦାନ୍ତ ଏବଂ ପ୍ରୋଜେକ୍ଟ ଭେଦଗ୍ରାମ ସାହାଯ୍ୟରେ, ମୁଁ ବିଭିନ୍ନ ଋତୁରେ ଅନେକ ଫସଲ ଚାଷ କରିପାରୁଛି, ଯାହା ମୋର ଆୟକୁ ବୃଦ୍ଧି କରିଛି ଏବଂ ଚାଷ ବିପଦକୁ ହ୍ରାସ କରିଛି। ଏହି ସହାୟତା ମୋ ପରିବାରର ଜୀବିକା ଏବଂ ଭବିଷ୍ୟତରେ ପ୍ରକୃତ ପରିବର୍ତନ ଆଣିଛି।' ଆରମ୍ଭ ହେବା ପରଠାରୁ, ପ୍ରୋଜେକ୍ଟ ଭେଦଗ୍ରାମ ଝାରସୁଗୁଡାରେ ପ୍ରାୟ ୨୫ ଏକର ଜମିରେ ୫୦ ଟି ୱାଡି ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଛି, ଯାହା ପୂର୍ବରୁ ଅନୁପଯୁକ୍ତ ଜମିକୁ ଆୟକାରୀ ଉଦ୍ୟାନରେ ପରିଣତ କରିଛି। ଜଳ ସୁରକ୍ଷାକୁ ଉନ୍ନତ କରିବା ପାଇଁ, ଏହି ପଦକ୍ଷେପ ୩୫ ଟି ସମ୍ପ୍ରଦାୟ ପୋଖରୀ ଏବଂ ୧୦ ଟି କୃଷି ପୋଖରୀ ନିର୍ମାଣକୁ ମଧ୍ୟ ସମର୍ଥନ କରିଛି, ଯାହା ଜଳସେଚନ ଏବଂ ଜଳ ସଂରକ୍ଷଣ ପାଇଁ ସମ୍ପ୍ରଦାୟର ପ୍ରବେଶକୁ ବୃଦ୍ଧି କରିଛି। ଏହି ପ୍ରକଳ୍ପ ସିରିଆପାଲି ଏବଂ କାଟିକେଲା ଗାଁରେ ସୌରଚାଳିତ ପାନୀୟ ଜଳ ବ୍ୟବସ୍ଥା ସ୍ଥାପନ ମାଧ୍ୟମରେ ଅତ୍ୟାବଶ୍ୟକୀୟ ସେବାଗୁଡ଼ିକର ପ୍ରବେଶକୁ ମଧ ଉନ୍ନତ କରିଛି। ପଶୁପାଳନ ବିକାଶ ଦୃଷ୍ଟିରୁ, ଝାରସୁଗୁଡାର ୧୦୦ ରୁ ଅଧିକ ଚାଷୀ ୮୦୦ କିଲୋଗ୍ରାମରୁ ଅଧିକ ଖଣିଜ ମିଶ୍ରଣ ଏବଂ ୫,୩୦୦ କିଲୋଗ୍ରାମ ହରିତ୍ ଧାରା ବଂଟନରୁ ଉପକୃତ ହୋଇଛନ୍ତି, ଯାହା ପଶୁପାଳନ ପାଇଁ ଆବଶ୍ୟକ ମାଇକ୍ରୋ ଖଣିଜ ପଦାର୍ଥ ଯୋଗାଇଥାଏ। ଏହା ସହିତ, ଗୋରୁ ପ୍ରଜନନର ଗୁଣବତା ଏବଂ ଉତ୍ପାଦକତାକୁ ଉନ୍ନତ କରିବା ପାଇଁ ୨୫୦ ରୁ ଅଧିକ କୃତ୍ରିମ ଗର୍ଭଧାରଣ ପ୍ରକ୍ରିୟା କରାଯାଇଛି। ଏହା ବ୍ୟତୀତ, ଜୀବିକା ବିବିଧତା ପ୍ରୟାସକୁ ସମର୍ଥନ କରିବା ପାଇଁ ପ୍ରକଳ୍ପ ଅଧୀନରେ ୨୫ ଟି କୁକୁଡ଼ା ଘର ପ୍ରତିଷ୍ଠା କରାଯାଇଛି।

ପ୍ରୋଜେକ୍ଟ ଭେଦଗ୍ରାମ ମାଧ୍ୟମରେ, ଚାଷୀ ତାଲିମ କାର୍ଯ୍ୟକ୍ରମ ଏବଂ କ୍ଷେତ୍ର ବିଦ୍ୟାଳୟଗୁଡ଼ିକ ସ୍ଥାନୀୟ ଚାଷୀମାନଙ୍କୁ ଉନ୍ନତ କୃଷି ପଦ୍ଧତି ଏବଂ ସ୍ଥାୟୀ କୃଷି କୌଶଳ ବିଷୟରେ ଜ୍ଞାନ ପ୍ରଦାନ କରିବାରେ ସାହାଯ୍ୟ କରିଛି। ପରିବେଶ ଅନୁକୂଳ କୀଟପତଙ୍ଗ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ୨୦୦ ରୁ ଅଧିକ ସୌରଚାଳିତ କୀଟପତଙ୍ଗ ଫାଶ ବଂଟନ କରାଯାଇଛି। ଚାଷୀମାନେ ଟମାଟୋ ଏବଂ ବିଲାତି ଗଛ ବଂଟନ ସହିତ ବୈଷୟିକ ମାର୍ଗଦର୍ଶନ ମାଧ୍ୟମରେ ଉଦ୍ୟାନ କୃଷି ସହାୟତା ମଧ୍ୟ ପାଇଛନ୍ତି। ଏହା ସହିତ, ଆଳୁ ଚାଷକୁ ପ୍ରୋତ୍ସାହିତ କରୁଥିବା ଏକ ନଗଦ ଫସଲ ପଦକ୍ଷେପ ମାଧ୍ୟମରେ ୧୫୦ ଜଣ ଚାଷୀଙ୍କୁ ସହାୟତା କରାଯାଇଛି। ପ୍ରୋଜେକ୍ଟ ଭେଦଗ୍ରାମ ଏହାର ପହଂଚକୁ ବିସ୍ତାର କରିବା ଜାରି ରଖିଥିବାରୁ, ଏହା ଆୟ ବୃଦ୍ଧି, ସମ୍ବଳର ଉପଲବ୍ଧତାକୁ ଉନ୍ନତ କରିବା ଏବଂ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରି ଦୃଢ଼ କୃଷି ପରିସଂସ୍ଥା ସୃଷ୍ଟି କରିବାରେ ସାହାଯ୍ୟ କରୁଛି। ଏହିପରି ପଦକ୍ଷେପ ମାଧ୍ୟମରେ, ବେଦା' ଆଲୁମିନିୟମ ଅ'ର୍ଭୁକ୍ତ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଏହାର ଆଖପାଖରେ ଥିବା ସମ୍ପ୍ରଦାୟ ପାଇଁ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ।

ଆଞ୍ଚଳିକ ମନ୍ଥନ
ଶନିବାର, ୧୩ ଜୁନ୍ ୨୦୨୬, ଭୁବନେଶ୍ୱର Saturday, 13 June 2026, Bhubaneswar




## ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନର ସିଧା ପ୍ରସାରଣ ସହ ନେତାଜୀ ସଂସ୍କୃତି ଭବନଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ କାର୍ଡ ବଣ୍ଟନ ଏବଂ ପୋଷଣ ଅଭିଯାନରେ ସ୍ମାର୍ଟଫୋନ ବଣ୍ଟନ

**କଟକ,୧୨।୬ (ନି.ପ୍ର):** ଆଜି ଓଡିଆ ବଜାରସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ଆଭାସୀ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ' ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭ ଉଦଘାଟନ ସହ ପୋଷଣ ଅଭିଯାନ ଅଧୀନରେ ସ୍ମାର୍ଟ ଫୋନ ବଣ୍ଟନର ଶୁଭାରମ୍ଭ ଓ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଥିବା ଭିଡ଼ିଓ ଏବଂ ସଂଗୀତ ପରିବେଷଣ କରାଯାଇଥିଲା । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ସମ୍ଭାଷଣ ପ୍ରଦାନ ପୂର୍ବକ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଏବଂ ଲୋକାଭିମୁଖୀ



ଯୋଜନା ବିଷୟରେ ଆଲୋକପାତ କରିଥିଲେ । ବରେଣ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଯୋଜନା ବୋର୍ଡ କମିଟିର ଅଧ୍ୟକ୍ଷ ତଥା ମାନ୍ୟବର ବିଧାୟକ ନିଆଳି, ଶ୍ରୀ ଛବି ମଲ୍ଲିକ କହିଲେ ଯେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସରକାରଙ୍କ ମୂଳଲକ୍ଷ୍ୟ । ରାସନ କାର୍ଡ ଆବଣ୍ଟନ ରେ କଟକ ଜିଲ୍ଲା ବଡ ସଫଳତା ପାଇପାରିଛି । ମୁଖ୍ୟମନ୍ତ୍ରୀ ଅନ୍ତୋଦୟ ଗୃହ ଯୋଜନାରେ ବହୁତ ଲୋକମାନଙ୍କୁ ଘର ମିଳି ପାରିଛି ଏବଂ ଆଗକୁ ମଧ୍ୟ ସରକାରଙ୍କ ଦ୍ୱାରା କଟକ ଜିଲ୍ଲାପାଇଁ ବହୁତ ଉନ୍ନତି ମୂଳକ କାର୍ଯ୍ୟ ହେବ ବୋଲି କହିଥିଲେ । ଅନ୍ୟତମ ବରେଣ୍ୟ ଅତିଥି ମାନ୍ୟବର ବିଧାୟକ କଟକ ସଦର, ଇଂ.ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ସରକାରଙ୍କ ସମସ୍ତ ଯୋଜନାରେ 'ମା' ମାନେ କିଭଳି ଉପକୃତ ହୋଇ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସ୍ୱାସ୍ଥ୍ୟ ସେବା ପାଇଁ ଜନ ଔଷଧୀ ଯୋଜନା ଦ୍ୱାରା କିଭଳି ଭାବରେ ଜନସାଧାରଣ ଉପକୃତ ହେଉଛନ୍ତି ତାହା ଉପରେ ମଧ୍ୟ ଆଲୋକପାତ କରିଥିଲେ । ମହିଳା ଏବଂ ଶିଶୁ ବିକାଶ ବିଭାଗର 'ପୋଷଣ ଯୋଜନା' ଅଧୀନରେ ମହିଳାମାନଙ୍କୁ ସଶକ୍ତ ଓ ଡିଜିଟାଲ୍ ଦୁନିଆ ସହ ଯୋଡ଼ିବା ପାଇଁ ୧୦ ଟି ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଉପସ୍ଥିତ ୫ ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି । ଏହି ଅବସରରେ କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ଚୌଧୁରୀ ହେମନ୍ତ କୁମାର ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଚନ୍ଦ୍ରଶେଖର ପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ରଶ୍ମିତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଆଇନ ଜବର ଦଖଲ ପ୍ରଶାସନ ପାଇଁ ଚିନ୍ତାର କାରଣ

**କୋଣାର୍କ, ୧୨/୬ (ମନ୍ଥନ)** କୋଣାର୍କ ସୂର୍ଯ୍ୟମନ୍ଦିର ପଛ ପାର୍ଶ୍ୱ ତଥା ଆଖପାଖ ଅଞ୍ଚଳରେ ଦିନକୁ ଦିନ ବେଆଇନ ଜବରଦଖଲ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ରାଜସ୍ୱ ବିଭାଗ ସବୁ ଜାଣି ଅଜଣା ନୀତି ଅବଲମ୍ବନ କରିବା ବିଭାଗୀୟ କାର୍ଯ୍ୟଦକ୍ଷତା ପ୍ରତି ଅଂଗୁଳି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଖବରରୁ ପ୍ରକାଶ ଯେ କୋଣାର୍କ ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବା ବେଳେ ଦିନକୁ ଦିନ ସରକାରୀ ଜମି ଜବରଦଖଲ କରି ବେଆଇନ ଗୃହ ନିର୍ମାଣ ବୃଦ୍ଧି ପାଇବାରେ ଲାଗିଛି । ସୂର୍ଯ୍ୟ ମନ୍ଦିର ପଛପଟ ମଙ୍ଗଳେଶ୍ୱର ବସ୍ତି, ମହାବୀର ମଠ, କାନେରା ବ୍ୟାଙ୍କ ଗଳି, ଗାୟତ୍ରୀ ମଠ ଗଳି ସମେତ ବିଭିନ୍ନ ସ୍ଥାନରେ ବେଆଇନ ଜବରଦଖଲ ଓ ବେଆଇନ ଗୃହ ନିର୍ମାଣ ବଢି ଚାଲିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦିଶାହୀନ ମନୋମୁଖୀ ନୀତି ଏଥିରେ ବିଶେଷ ଭୂମିକା ନିର୍ବାହ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । କୋଣାର୍କରେ ବେଆଇନ ଜବରଦଖଲ ଓ ଅବାଧ ବେଆଇନ ଗୃହ ନିର୍ମାଣ ଉପରେ ରୋକ ନଲଗାଇଲେ



ଭବିଷ୍ୟତରେ ସରକାରୀ ଉନ୍ନୟନ କାର୍ଯ୍ୟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । କୋଣାର୍କ ସୂର୍ଯ୍ୟ ମନ୍ଦିର ପଛପଟ ମଙ୍ଗଳେଶ୍ୱର ମନ୍ଦିର ସଂଲଗ୍ନ ଆଖ ପାଖ ଅଂଚଳ ଓ ମହାବୀର ମଠ ପାଖ ସମେତ ବିଭିନ୍ନ ସରକାରୀ ଜାଗାରୁ ବେଆଇନ ଜବରଦଖଲ ଉଚ୍ଛେଦ କରିବା ପାଇଁ ପୁରୀ ଜିଲ୍ଲାପାଳ ଓ ଗୋପ ତହସିଲଦାର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ସଚେତନ ନାଗରିକ ଓ ବୁଦ୍ଧିଜୀବୀ ,ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି ।

# ୨୦ରୁ ବିଶ୍ୱପ୍ରସିଦ୍ଧ କଥାବାଚକ ଇନ୍ଦ୍ରେଶଜୀ ମହାରାଜଙ୍କ ଶ୍ରୀମଦ ଭାଗବତ କଥା ପ୍ରବଚନ

**କଟକ, ୧୨।୬ (ନି.ପ୍ର) :** କଟକ ସହରରେ ପ୍ରଥମ ଥର ପାଇଁ ବିଶ୍ୱପ୍ରସିଦ୍ଧ କଥାବାଚକ ଇନ୍ଦ୍ରେଶଜୀ ମହାରାଜ ଦ୍ୱାରା ୭ ଦିନିଆ ଶ୍ରୀମଦ ଭାଗବତ କଥା ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ଜୁନ ୨୦ ରୁ ୨୬ ତାରିଖ ପର୍ଯ୍ୟନ୍ତ କଟକର ସନସାଇନ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ମହାଧାର୍ମିକ ଆୟୋଜନକୁ ନେଇ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ ଦେଖାଦେଇଛି । ଶ୍ରୀମଦ ଭାଗବତ କଥା ହିନ୍ଦୁ ଧର୍ମର ଏକ ପବିତ୍ର ଗ୍ରନ୍ଥ ହୋଇଥିବା ବେଳେ, ଏହାର ପ୍ରବଚନ ମାଧ୍ୟମରେ ଭଗବାନ ଜଗନ୍ନାଥଙ୍କ ଲୀଳା, ଭକ୍ତି, ଧର୍ମ, ନୈତିକତା ଓ ମାନବୀୟ ମୂଲ୍ୟବୋଧ ସମ୍ପର୍କରେ ଶ୍ରଦ୍ଧାଳୁମାନଙ୍କୁ ଅବଗତ କରାଯିବ। ପୂଜ୍ୟଶ୍ରୀ ଇନ୍ଦ୍ରେଶଜୀ ମହାରାଜ ତାଙ୍କର ସରଳ, ସାବଲୀଳ ଏବଂ ଭକ୍ତିରସପୂର୍ଣ୍ଣ ବ୍ୟାଖ୍ୟା ଶୈଳୀ ପାଇଁ ସାରା ଦେଶରେ ପରିଚିତ। ତାଙ୍କ ପ୍ରବଚନ ଶୁଣିବା ପାଇଁ ପ୍ରତିବର୍ଷ ଲକ୍ଷାଧିକ ଭକ୍ତ ବିଭିନ୍ନ ସ୍ଥାନରେ ସମବେତ ହୋଇଥାନ୍ତି ।



ଏହି ସାତଦିନିଆ କାର୍ଯ୍ୟକ୍ରମରେ କଟକ ସମେତ ଅନ୍ୟାନ୍ୟ ଜିଲ୍ଲାରୁ ପ୍ରାୟ ୨୦ରୁ ୨୫ ହଜାର ଶ୍ରଦ୍ଧାଳୁ ଯୋଗଦେବାର ସମ୍ଭାବନା ରହିଛି । ବହୁ ସଂଖ୍ୟକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବସିବା ବ୍ୟବସ୍ଥା, ପାନୀୟ ଜଳ, ପାର୍କିଂ, ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ ସୁବିଧାର ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି ଆୟୋଜକ ଗୁପ୍ତା ପରିବାର ଏବଂ ଏସଜିବିଏଲ ଗ୍ରୁପ ପକ୍ଷରୁ ପ୍ରକାଶ କରାଯାଇଛି ଯେ, ଏହି କାର୍ଯ୍ୟକ୍ରମ କେବଳ ଏକ ଧାର୍ମିକ ସମାବେଶ ନୁହେଁ, ବରଂ ସମାଜରେ ଆଧାତ୍ମିକ ଚେତନା, ନୈତିକ ମୂଲ୍ୟବୋଧ ଓ ମାନବିକତାର ବାର୍ତ୍ତା ପହଞ୍ଚାଇବାର ଏକ ପ୍ରୟାସ। ଏହି ମହାଆୟୋଜନକୁ ସଫଳ କରିବା ପାଇଁ ସ୍ୱେଚ୍ଛାସେବୀ ଓ କର୍ମକର୍ତ୍ତାମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି ।

# ଧାନ କିଣାରେ ଅବ୍ୟବସ୍ଥା ନେଇ ଜ୍ୟୋତିଜଙ୍ଗମ ସେବା ସମବାୟ ସମିତି ପକ୍ଷରୁ ୧୮ରୁ ଧାରଣା

**ଜଳେଶ୍ୱର ,୧୨/୬ (ନିପ୍ର)-** ଜଳେଶ୍ୱର ବ୍ଲକ ଅଧିନସ୍ଥ ନାମ୍ପୋ ଠାରେ ଅବସ୍ଥିତ ଜ୍ୟୋତିଜଙ୍ଗମ ମଣ୍ଡିରେ ୩୮୧ ଜଣ ପଞ୍ଜିକୃତ ଚାଷୀଙ୍କର ୧୨୫୧୧ କ୍ୟୁ ଧାନ ଆବଶ୍ୟକ ଥିବା ସ୍ଥଳେ ଏସ ଏସ ଏଗ୍ରି ଏବଂ ରମାଦେବୀ ରାଇସ ମିଲକୁ ଯଥା କ୍ରମେ ୩୦୦୦ କ୍ୟୁଣ୍ଟାଲ ଏବଂ ୧୨୦୦ କ୍ୟୁଣ୍ଟାଲ ମୋଟ ୪୨୦୦ କ୍ୱିଣ୍ଟାଲର ଟାର୍ଗେଟ ମିଳିଛି ।ସେଥି ମଧ୍ୟରୁ ବିଗତ ୨୧ ଦିନରେ ୯୨ ଜଣ ଚାଷୀଙ୍କ ଠାରୁ ଦୁଇଟି ମିଲର ମିଶି ୧୧ ଖଣ୍ଡ ଟ୍ରକ ଯୋଗେ ୨୮୯୯ କ୍ୱିଣ୍ଟାଲ କିଣିଛନ୍ତି ।ରଜକୁ ବାଦ ଦେଇ ଅବଶିଷ୍ଟ ୧୬ ଦିନ ମଧ୍ୟରେ ୮୩୧୧ କ୍ୟୁଣ୍ଟାଲ ଟାର୍ଗେଟ ସହିତ ୪୩ ଖଣ୍ଡ ଗାଡି ର ଆବଶ୍ୟକ ରହିଛି ଓଅନୁରୂପ ଭାବେ ଖାଲିନା ମଣ୍ଡିରେ ୩୬୭ ଜଣ ପଞ୍ଜିକୃତ ଚାଷୀଙ୍କ ଠାରୁ ୧୨୩୯୬ କ୍ୱିଣ୍ଟାଲ ଧାନ ଆବଶ୍ୟକସ୍ଥଳେ ବାଲେଶ୍ୱର ସୋଲବେଷ୍ଟ ଓ ଏସ. ଏନ. ଏମ ରାଇସ ମିଲ ଉଭୟଙ୍କୁ ଯଥାକ୍ରମେ ୨୫୦୦ କ୍ୟୁଣ୍ଟାଲ ଏବଂ ୧୬୦୦ କ୍ୟୁଣ୍ଟାଲ ମୋଟ ୪୧୦୦ କ୍ୟୁଣ୍ଟାଲର ଟାର୍ଗେଟ ମିଳିଛି। ତନ୍ମଧ୍ୟରୁ ଉଭୟେ ୯ ଖଣ୍ଡ ଟ୍ରକ ଯୋଗେ ୫୧ ଜଣ ଚାଷୀଙ୍କ ଠାରୁ ୨୨୧୩ କ୍ୟୁଣ୍ଟାଲ ଧାନ କିଣିଛନ୍ତି ଓ ଅବଶିଷ୍ଟ ୩୧୬ ଜଣଙ୍କ ଠାରୁ ରଜକୁ ବାଦ ଦେଇ ୧୬ ଦିନ ମଧ୍ୟରେ ୪୪ ଖଣ୍ଡ ଟ୍ରକ ଯୋଗେ



୧୨୧୮୨ କ୍ୟୁଣ୍ଟାଲ ଧାନ କିଣା ସହିତ ୮୨୯୬ କ୍ୟୁଣ୍ଟାଲ ଧାନର ଟାର୍ଗେଟ ଆବଶ୍ୟକ ରହିଛି ।ସରକାର ଚାଷୀଙ୍କ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଥିବା ବେଳେ ପ୍ରସାଶନିକ ଉଦାସୀନତା ଯୋଗୁଁ ଚାଷୀ ରାଜରାସ୍ତାକୁ ଯିବା ପାଇଁ ବାଧ୍ୟ ହେଉଛି ।ଉକ୍ତ ସମସ୍ୟାର ଆସୁ ସମାଧାନ ନିମନ୍ତେ ପ୍ରସାଶନିକ ଜରୁରୀ ହସ୍ତକ୍ଷେପ ପାଇଁ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ସହ ତହସିଲଦାର ସତ୍ୟଜିତ ମହାନ୍ତି, ଖାଦ୍ୟ ଯୋଗାଣ ବିଭାଗ, ଓ ପୋଲିସ ପ୍ରଶାସନ ନିକଟରେ ଦରଖାସ୍ତ ପ୍ରଦାନ କରିଛନ୍ତି ଓ ଏକ ସପ୍ତାହେ ମଧ୍ୟରେ ପ୍ରଶାସନ ଯଦି କୌଣସି ଠୋସ ପଦକ୍ଷେପ ଗ୍ରହଣ ନ କରନ୍ତି ଜ୍ୟୋତିଜଙ୍ଗମ ସେବା ସମବାୟ ସମିତିର ସଭାପତି ସଞ୍ଜୟ କୁମାର କର, ଉପସଭାପତି ସ୍ୱର୍ଣ୍ଣମୟୀ ଦେ, ବାସୁଦେବ ଜେନା, ଜଗନ୍ନାଥ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ପାର୍ବତୀ ଦେ,କ୍ରୀଷ୍ଣା ମହାପାତ୍ର, ନଗେନ୍ଦ୍ର ନାଥ ଦେ, ଅଜିତ କୁମାର ସିଟ୍, ସୁଧାଂଶୁ ଶେଖର ପାତ୍ର,ଅଭୟ ଦେ,ଅଜୟ ଦେ,ଅଜୟ କୁମାର ପାଲ,କାମିନୀ କାନ୍ତ ସିଟ୍ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀବୃନ୍ଦ ଆସନ୍ତା ୧୮ତାରିଖରେ ଜ୍ୟୋତିଜଙ୍ଗମ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ସହିତ ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି ।

# ଅନ୍ତର୍ଜାତୀୟ ଟାଏକଣ୍ଡୋରେ ନିମଖଣ୍ଡିର କୁନି ଝିଅ ଲିୟନା ସାହୁଙ୍କୁ ରୌପ୍ୟ ପଦକ

**କୁକୁଡାଖଣ୍ଡି,୧୨/୬ (ନି.ପ୍ର) :** ଆନ୍ତର୍ଜାତୀୟ ଟାଏକଣ୍ଡୋ ଚାମ୍ପିଅନସିପରେ ରୌପ୍ୟ ପଦକ ଜିତି ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକ ନିମଖଣ୍ଡି ଅଞ୍ଚଳର କୁନି ଝିଅ ଲିୟାନା ସାହୁ ରୌପ୍ୟ ପଦକ ହାସଲ କରି ସାରା ଗଞ୍ଜାମ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି ।

ଲିୟାନା ୩୦ କେଜିରୁ ଉର୍ଦ୍ଧ୍ୱ ଶିଶୁ ବର୍ଗରେ ଏହି ସଫଳତା ପାଇଛନ୍ତି । ତାଙ୍କ ସଫଳତା ପରେ ନିମଖଣ୍ଡି ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି । ଲିୟାନା ସାହୁ ୮ ବର୍ଷ ବୟସ ରେ ଶ୍ରୀ ନଗର ସ୍ଥିତ ଶେର --କାଶ୍ମୀର ଇଣ୍ଡୋର ଷ୍ଟାଡିୟମରେ ଖେଳା ଯାଇଥିବା ଟାଏକଣ୍ଡୋ ଚାମ୍ପିୟନସିପ ରେ ଅଞ୍ଚଳ ପାଇଁ ଶୀର୍ଷକ ସ୍ଥାନଗ୍ରହଣ କରିଛନ୍ତି । ଲିୟାନାଙ୍କ କୋଚ୍ ଶିକ୍ଷକ ପିୟୁଷ ପ୍ରସାଦ ଷଡ଼ଙ୍ଗୀ କହିଛନ୍ତି, 'ଲିୟାନା ବହୁତ ପରିଶ୍ରମୀ । ଅଳ୍ପ ବୟସରୁ ସେ ଯେଉଁ ଅନୁଶାସନ ଦେଖାଇଛି,



ଆଗକୁ ସେ ନିଶ୍ଚୟ ସ୍ୱର୍ଣ୍ଣ ପଦକ ଆଣିବ। ନିମଖଣ୍ଡି ଭଳି ଗ୍ରାମାଞ୍ଚଳରୁ ଜଣେ କୁନି ଝିଅ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିବା ଅଞ୍ଚଳର ଅନ୍ୟ ପିଲାମାନଙ୍କ ପାଇଁ ପ୍ରେରଣା ପାଲଟିଛି । ସ୍ଥାନୀୟ ଲୋକେ ଲିୟାନାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ଲିୟାନାଙ୍କ ବୟସ ୮ ବର୍ଷ ବାପା ରାକେଶ କୁମାର ସାହୁ ମା ଗୀତାଶ୍ରୀ ସାହୁ ଉଭୟ ବି ଖେଳ ରେ ପଦକ ହାସଲ କରି ସମ୍ମାନିତ ହୋଇଛନ୍ତି। ଲିୟାନା ପୂର୍ବରୁ ଜାମସେଦପୁର ରେ ଶିକ୍ଷା ଅର୍ଜନ କରିଥିବା ବେଳେ ବର୍ତ୍ତମାନ ବ୍ରହ୍ମପୁର ଘରୋଇ ଅନ୍ତର୍ଜାତୀୟ ଆବାସିକ ବିଦ୍ୟାଳୟ ରେ ତୃତୀୟ ଶ୍ରେଣୀ ରେ ଶିକ୍ଷା ଅଧ୍ୟୟନ କରିଛନ୍ତି କ୍ଷ ଲିୟାନା ୧୧ ଟି ଦେଶ ର ଚମ୍ପିୟାନ ସିପ ରେ ଯୋଗଦେଇଥିବା ବେଳେ ସେଥି ମଧ୍ୟରୁ ମାଲେସିୟା, ନେପାଳ, ଥାଇଲାଣ୍ଡ ସହ ଖେଳି ଥିବା ତାଏକ୍ୱାଣ୍ଡୋ ଖେଳ ରେ ନେପାଳ ସହ ଗୋଲଡ ମେଡାଲ, ଥାଇଲାଣ୍ଡ ସହ ସିଲଭର ମେଡାଲ, ମାଲେସିଆ ନିମନ୍ତେ ବ୍ରଞ୍ଜ ମେଡାଲ ଭଳି ରୌପ୍ୟ ମେଡାଲ ହାସଲ କରି ବିଜୟୀ ହୋଇଛନ୍ତି। ଏଥି ଲାଗି ନିମଖଣ୍ଡି ଗ୍ରାମବାସି, ଜନପ୍ରତିନିଧି ମାନେ ଉତ୍ସବ ମାନେଇଥିଲେ। ଗ୍ରାମବାସୀ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ଲିୟନାଙ୍କୁ କାନ୍ଧରେ ବସାଇ ଗ୍ରାମ ପରିକ୍ରମା କରିବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଏଥିରେ ନିମଖଣ୍ଡି ସରପଞ୍ଚ ଶଶୀ ବେହେରା, ନିମଖଣ୍ଡି ସମିତି ସଭ୍ୟ ବିଷ୍ଣୁ ବେହେରା, ମନ୍ତ୍ରୀ ପ୍ରତିନିଧି ସୂର୍ଯ୍ୟମଣି ପାତ୍ର,ଚଣ୍ଡୀ ଚରଣ ସାହୁ,ଯୁବ ସମାଜ ସେବୀ ଗୋପାଳ ସାହୁ,ଗଣେଶ ବେହେରା, ରାମଚନ୍ଦ୍ର ସାହୁ, ଶଙ୍କର ସାହୁ, ସୁନୀଲ ପଟ୍ଟନାୟକ, ରାଜେଶ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଡାକୁଆ, ନାରାୟଣ ପଟ୍ଟନାୟକ, ସୁନୀଲ ଦାଶ,ଶ୍ରୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦଳୀୟ ଜନପ୍ରତିନିଧିଙ୍କୁ ପ୍ରଶାସନିକ ଅଣଦେଖା ନେଇ ବିଜେଡି ବୈଠକ

## ବିଜେଡିକୁ ଫେରିଲେ କେ.ନୀଳମାଧବ ଆଚାରୀ

**ବୁଗୁଡା, ୧୨।୬ (ନି.ପ୍ର) :** ବୁଗୁଡ଼ା ବ୍ଲକର ବି.ବ୍ରହ୍ମପୁର ଗ୍ରାମସ୍ଥ କଦମ୍ବମଠ ପରିସରରେ ବିଜୁ ଜନତା ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଦଳୀୟ ଜନପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଅଣଦେଖା କରାଯିବା ସହ ସେମାନଙ୍କ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରାଯାଉଥିବା ନେଇ ବ୍ୟାପକ ଆଲୋଚନା ସାଙ୍ଗକୁ ପ୍ରଶାସନିକ ମନମୁଖୀ କାର୍ଯ୍ୟକଳାପକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ଉକ୍ତ ବୈଠକରେ ପୂର୍ବତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ସମେତ ଦଳୀୟ ଜନପ୍ରତିନିଧିବୃନ୍ଦ ଏବଂ କର୍ମୀଗଣ ଉପସ୍ଥିତ ରହି ଆଲୋଚନାରେ ଅଂଶ



ଗ୍ରହଣ କରିଥିଲେ। ଏ ଅବସରରେ ରାଜନୈତିକ ଚାପର ଶିକାର ହୋଇ ବିଜେଡି ତ୍ୟାଗକରି ବିଜେପିରେ ଯୋଗ ଦେଇଥିବା ବୁଗୁଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କେ.ନୀଳମାଧବ ଆଚାରୀଙ୍କ ସମେତ କରସିଙ୍ଗି ପଞ୍ଚାୟତ ସମିତି ସଭ୍ୟ ଚିକୁ ବାରିକ, ଭାମଶ୍ୟାଳି ସମିତି ସଭ୍ୟାଙ୍କ ପ୍ରତିନିଧି ଗଣେଶ ପ୍ରଧାନ ପ୍ରମୁଖ ବିଜେପିରୁ ମୋହଭଙ୍ଗ କରି ବିଜେଡିରେ ଯୋଗ ଦେଇଥିଲେ। ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ବିଜେଡିକୁ ସ୍ୱାଗତ କରାଯାଇଥିଲା। ତେବେ ଆଗାମୀ ଦିନରେ ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ବଡ ଧରଣର ମିଶ୍ରଣ ପର୍ବର ଆୟୋଜନ କରାଯିବା ନେଇ ପ୍ରାକ୍ତନ ମନ୍ତ୍ରୀଙ୍କ ସୂଚନା ପ୍ରଦାନ ସାଙ୍ଗକୁ ବୁଗୁଡା ବ୍ଲକର ଅନେକ ପଞ୍ଚାୟତରେ ବିକାଶ ବାଟବଣା ହୋଇଥିବା ବେଳେ ଏହାର ପ୍ରତିବାଦ ପାଇଁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଗତ ଜୁନ୍ ୨ ତାରିଖ ଦିନ ବିରଞ୍ଚିପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନଥିବା ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଚେତାବନୀ ପ୍ରଦାନ ସାଙ୍ଗକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପ୍ରତି ଅସନ୍ତୋଷ ଜାହିର କରିବା ଘଟଣା ଅଞ୍ଚଳରେ ରାଜନୈତିକ ହଟଚମଟ ସୃଷ୍ଟି କରିଥିବା ବେଳେ ଆଜିର ଏହି ବିଜେଡିର ବୈଠକ ଏବଂ ଦଳୀୟ ଜନପ୍ରତିନିଧିଙ୍କ ଘରବାହୁଡ଼ା ପର୍ବକୁ ଆଗାମୀ ଦିନରେ ରାଜନୈତିକ ପାଣିପାଗର ସମ୍ଭାବ୍ୟ ପରିବର୍ତ୍ତନର ପ୍ରାକ ସୂଚନା ବୋଲି ସାଧାରଣରେ ଜୋରସୋରରେ ଚର୍ଚ୍ଚା ଚାଲିଥିବା ଦେଖିବାକୁ ମିଳିଛି ।

# ଜିଲ୍ଲା ସନ୍ତରଣ ପ୍ରତିଯୋଗିତା ଆୟୋଜିତ

**ଅନୁଗୋଳ, ୧୨।୬ (ନି.ପ୍ର) :** ଅନୁଗୋଳ ଜିଲ୍ଲା ସନ୍ତରଣ ପ୍ରତିଯୋଗିତା ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗର ୯୦ରୁ ଅଧିକ ସନ୍ତରଣକାରୀ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ଦକ୍ଷତା ଏବଂ ପ୍ରତିଯୋଗିତା ମୂଳକ (freestyle, back-stroke, breaststroke) ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ, ଓଡ଼ିଶା ଓଏଚ ଔଜଡ ସନ୍ତରଣ କାର୍ଯ୍ୟକ୍ରମର ହେଡ୍ ଅଫ୍ ଅପରେସନ୍ସ ଶ୍ରୀ ସଚିକାନ୍ତ କୁମାର ଏବଂ ଓଡ଼ିଶା ସ୍ୱିମିଂର ମ୍ୟାନେଜର ଶ୍ରୀ ପ୍ରକିତ ମହାନ୍ତି ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାକୁ ବରିଷ୍ଠ ପ୍ରଶିକ୍ଷକ ଅଞ୍ଜୁ ପରିଡ଼ା ଓ ରବି ନାରାୟଣ ବେହେରା, କନିଷ୍ଠ ପ୍ରଶିକ୍ଷକ ଶିବ ମହାର, ଜ୍ୟୋତ୍ସ୍ନା ବେହେରା ଏବଂ ସୁଭଦ୍ରା ମୁଖୀ,




ସହାୟକ ଫ୍ୟାସିଲିଟି ମ୍ୟାନେଜର ଓମ ପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା। ଏହି ପ୍ରତିଯୋଗିତା ଜିଲ୍ଲା ସନ୍ତରଣ କ୍ରୀଡ଼ା ଜଗତର ଅଭିବୃଦ୍ଧି ଓ ବିକାଶ ପଥରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇପାରିଛି।

# ପିପିଲି-ଡେଲାଙ୍ଗ ବିଜୁ ଜନତାଦଳ ପକ୍ଷରୁ ନାରୀ ଅଧିକାର ଅଭିଯାନ

**ପିପିଲି,୧୨।୬ (ନି.ପ୍ର):** ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ପକ୍ଷରୁ ନାରୀ ଅଧିକାର ଅଭିଯାନ ସଭା ବିଜୁ ଜନତାଦଳ କାର୍ଯ୍ୟାଳୟ ପିପିଲି ଠାରେ ଅନୁଷ୍ଠିତ ହୋଇଯାଇଛି। ପିପିଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମକୁ ମହିଳା ବିଜେଡି ସଭାନେତ୍ରୀ ଜୋସ୍ନାରାଣି ପୃଷ୍ଟି ସଭାପରିଚଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ରାଜ୍ୟ ବିଜୁ ଜନତାଦଳ ମହିଳା ସଭାପତି ସ୍ନେହାଙ୍ଗିନି ଛୁରିଆ , ସମ୍ମାନିତ ଅତିଥୀ ରାଜ୍ୟସଭା ସାଂସଦ ସୁଲତା ଦେଓ,ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧାପିକା ଡ ପ୍ରତିଭା ମହାରଥୀ ପ୍ରମୁଖ ଯୋଗଦେଇ କେନ୍ଦ୍ର ବିଜେପି ସରକାର ମହିଳାଙ୍କ ମାନଙ୍କ ପ୍ରତି ବୈମାତୃକ ମନୋଭାବ ଅଭିଯୋଗ ଆଣି ନାରାବାଜି ଓ ସ୍ଲୋଗାନ ଦେଇଥିଲେ। ପୂର୍ବରୁ ସଂସଦରେ ୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ୍ ପାସ ହୋଇଥିବା ବେଳେ



କେନ୍ଦ୍ର ସରକାର ତାକୁ ଲାଗୁ ନ କରି ପୁଣି ଥରେ ବିଲ୍ ? ଆଣି ଭେଳିକି କରୁଥିବା ଅଭିଯୋଗ କରିଥିଲେ। ନାରୀ ମାନଙ୍କୁ ଆଗକୁ ଆସିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଉଦ୍ୟମ ସର୍ବାଗ୍ରେ ରହିବ। ଏହି ବାର୍ତ୍ତା ପ୍ରତି ଘରେ ଘରେ ପହଞ୍ଚାଇବା ପାଇଁ ବିଜେଡି ପକ୍ଷରୁ ଏଭଳି ନାରୀ ଅଧିକାର ଯାତ୍ରା କରାଯାଉଛି ଏବଂ ଡବଲ ଇଞ୍ଜିନ ସରକାରଙ୍କ ଡବଲ ଧୋକ୍କା ବିଷୟରେ ଘରେ ଘରେ ବାର୍ତ୍ତା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୨୩ ମସିହାରେ ପାର୍ଲାମେଣ୍ଟରେ ଗୃହୀତ ହୋଇ ଆଇନରେ ପରିଣତ ହୋଇଥିବା ମହିଳା ସଂରକ୍ଷଣ ବିଲ୍ ?କୁ ତୁରନ୍ତ ଲାଗୁ କରାଯାଇ ୩୩ପ୍ରତିଶତ ଲୋକସଭାରେ ଓ ବିଧାନସଭାରେ ମହିଳା ସଂରକ୍ଷଣ ଲାଗୁ କରାଯାଉ । ଓଡିଶାରେ ଗତ ଦୁଇବର୍ଷ ଭିତରେ କ୍ରମାଗତ ଭାବରେ ବଢି ଚାଲିଥିବା ମାଟି ,ବାଲି ,ମୋରମ ,ମାଙ୍କଡାପଥର ଚୋରାଚାଲଣ ଦିନକୁ ଦିନ ବୃଦ୍ଧି ପାଇଥିବା ବେଳେ ୩ମାସ ହେବ ଭତ୍ତା ନଦେବାଠାରୁ ଆରମ୍ଭ କରି ଉନ୍ନତୀ ମୂଳକ କାର୍ଯ୍ୟ ରାଜ୍ୟରେ ପୁରୀ ଠପ । ରାଜ୍ୟରେ ଆଇନି ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ମହିଳା ହିଂସା ନାରୀ ନିର୍ଯାତନା ଉପରେ ରୋକ ଲଗାଇବାକୁ ଦୃଢ ଓ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବା ନେଇ ଦେଶର ମହାମହିମ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଙ୍କ ଉଦ୍ଦେଶ୍ୟରେ ମହିଳା ବିଜୁ ଜନତାଦଳ ପକ୍ଷରୁ ପିପିଲି ତହସିଲଦାର ଙ୍କୁ ଏକ ସ୍ମାରକପତ୍ର ଦିଆଯିବ ବୋଲି ନିଷ୍ପତି ଗ୍ରହଣ ଖରାଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ନାରୀ ଅଧିକାର ଅଭିଯାନ ସଂଯୋଜିକା କସ୍ତୁରୀ ମହାପାତ୍ର, ସାଧାରଣ ସମ୍ପାଦିକା ମିନତୀ ବେହେରା, ଗୀତାଞ୍ଜଳି ବସ୍ତିଆ , ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ କସ୍ତୁରୀ ସ୍ୱାଇଁ , ସ୍ନେହାଞ୍ଜଳି ମହାନ୍ତି, ତିଳତମା ଚୌଧୁରୀ, ଇଲୁ ସ୍ୱାଇଁ ,ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନ ନନ୍ଦ, ପିପିଲି ଏନଏସିର ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ମମତା ମଲ୍ଲିକ ଙ୍କ ସମେତ ପିପିଲି-ଡେଲାଙ୍ଗ ଓ ପିପିଲି ଏନଏସି ପକ୍ଷରୁ ହଜାର ହଜାର ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଡବଲ ଇଞ୍ଜିନ ସରକାର ଦୁଇବର୍ଷ ପୂର୍ତ୍ତି ଓଡ଼ିଶାବାସୀଙ୍କ ପାଇଁ ପ୍ରତିଶ୍ରୁତି କମ ପ୍ରତାରଣା ଅଧିକ : ଯୁବ କଂଗ୍ରେସ

**ଭୁବନେଶ୍ୱର, ୧୨।୬ (ନି.ପ୍ର):** ଓଡ଼ିଶାରେ ଦୁଇବର୍ଷ ପୂର୍ତ୍ତି ପାଳନ କରୁଛନ୍ତି ବିଜେପି ସରକାର। ଓଡ଼ିଶାବାସୀଙ୍କୁ ତାଙ୍କ ସରକାରର ସଫଳତା ବଖାଣିବେ ଏବଂ ଏହାର ପ୍ରଚାର ପ୍ରସାର କରିବେ ଡବଲ ଇନ ସରକାର। କିନ୍ତୁ ଏହି ଦୁଇବର୍ଷ ମଧ୍ୟରେ ଓଡ଼ିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛି ଡବଲ ଇନ ସରକାର ବୋଲି ଏକ ପ୍ରେସବିବୃତ୍ତି ଜରିଆରେ ଜଣାଇଛନ୍ତି ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ। ଶ୍ରୀ ସାମଲ ତାଙ୍କ ବିବୃତି ମାଧ୍ୟମରେ ଜଣାଇଛନ୍ତି ଯେ ଏ ସରକାର ଆସିବା ଦିନଠାରୁ ଓଡ଼ିଶାବାସୀ ତ୍ରାହି ତ୍ରାହି ଡାକ ଦେଲେଣି। ଓଡ଼ିଶାବାସୀ ଉପଲବ୍ଧି ନୁହେଁ ଅପଲବ୍ଧି ବୋଲି ବିଚାର କରୁଛନ୍ତି। ରାଜ୍ୟର ଅନ୍ନଦାତା ମାନଙ୍କୁ ଧାନକିଣା, ଧାନକିଣିବା ପାଇଁ ପିକରଣ, ଟୋକନ ବ୍ୟବସ୍ଥା, ମଣ୍ଡିରେ ଅବ୍ୟବସ୍ଥା, କଟନୀ ଛଟଣୀ ସହ ଚାଷୀର ଅଭାବ ବିକ୍ରୀର ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଛି। ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କାର ପ୍ରତିଶ୍ରୁତି ଦେଇ ମାତ୍ର ୫ ହଜାର ଟଙ୍କା ଲେଖାଏଁ କିଛି ମହିଳାଙ୍କୁ ଦେଇ ଭୁଆଁ ବୁଲାଇଛନ୍ତି। ରାଜ୍ୟରେ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ଅଧିକ ଭତ୍ତା ଦେବାର ଆଶା ଦେଇ ଦୀର୍ଘଦିନ ହେବ ଭତ୍ତା ଟଙ୍କା ଦେଇପାରୁ ନାହାନ୍ତି। ମାଗଣା ୩୦୦ ୟୁନିଟ ବିଜୁଳି ଦେବା ତ ଦୁରରକଥା ବିଜୁଳି ବିଲରେ ୟୁନିଟ ପିଛା ଅଧିକ ଟଙ୍କା, ବିଦ୍ୟୁତ କାଟ ଏବଂ ଘରୋଇ ସଂସ୍ଥା ବିଦ୍ୟୁତ ବିଲ ଆଦାୟ ବାହାନାରେ ଉପଭୋକ୍ତାଙ୍କ ଉପରେ ଯେଉଁ ଜୁଲୁମ ଚଲାଇଛି ଏଥିରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି। ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତିର ଆଶା ଦେଇ ସେମାନଙ୍କ ଭବିଷ୍ୟତ ସହ ଖେଳଖେଳି ପାଖାପାଖି ୨୩ଟି ନିଯୁକ୍ତି ପରୀକ୍ଷା ବାତିଲ କରିଛନ୍ତି ଏ ସରକାର।

### କେନ୍ଦ୍ରମନ୍ତ୍ରୀଙ୍କ କରକମଳରେ 'ଭାରତ ଇନୋଭେଟ୍ସ' ର ରଣନୀତିକ ଦସ୍ତାବିଜ୍ ଉନ୍ମୋଚିତ

# ବିଶ୍ୱରେ ପ୍ରଦର୍ଶିତ ହେବ ଭାରତର ଇନୋଭେସନ ଶକ୍ତି : ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୧୨।୬(ନି.ପ୍ର.: ଭାରତରେ ବଢୁଥିବା ଇନୋଭେସନ ଓ ଟେକ୍ନୋଲୋଜିର କ୍ଷମତାକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଫ୍ରାନ୍ସର ନିସ୍ ସହରରେ ଆୟୋଜିତ ହେବାକୁ ଥିବା ଏହି ପ୍ରମୁଖ ଆନ୍ତର୍ଜାତୀୟ ପ୍ରଦର୍ଶନୀ ପୂର୍ବରୁ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଭାରତ ଇନୋଭେଟ୍ସ' ର ରଣନୀତିକ ଦସ୍ତାବିଜ୍ ?ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି ।



ଉନ୍ମୋଚନ ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଆସନ୍ତା ଜୁନ୍ ୧୪ ତାରିଖରେ ଫ୍ରାନ୍ସର ନିସ୍ ସହରରେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ଶ୍ରୀ ଏମାନୁଏଲ ମାକ୍ରୋନଙ୍କ ଉପସ୍ଥିତିରେ 'ଭାରତ ଇନୋଭେଟ୍ସ' କାର୍ଯ୍ୟକ୍ରମର ଶୁଭ ଉଦ୍ ?ଘାଟନ ହେବାକୁ ଯାଉଛି । ଏହି ଗରିମାମୟ କାର୍ଯ୍ୟକ୍ରମରେ ଭାରତର ନୂଆପିଢ଼ିର ଅଭିନବ ଚିନ୍ତାଧାରା, ବ୍ୟବସାୟିକ ପ୍ରସ୍ତାବ ଏବଂ ବିଶ୍ୱର ଆବଶ୍ୟକତାକୁ ପୂରଣ କଲାଭଳି ନୂତନ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରାଯିବ। ଏହା ଭାରତର ଯୁବ ପିଢ଼ିର ପ୍ରତିଭା ପ୍ରତି ଏକ ବଡ଼ ଆନ୍ତର୍ଜାତୀୟ ସ୍ୱୀକୃତି ।

ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପରାମର୍ଶ କ୍ରମେ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆସିଥିବା ହଜାର ହଜାର ପ୍ରସ୍ତାବ ମଧ୍ୟରୁ ଯାଞ୍ଚ କରାଯାଇ ୧୨୦ଟି ପ୍ରତିଭାବାନ ନୂତନ ଷ୍ଟାର୍ଟଅପକୁ ଚୟନ କରାଯାଇଛି । ଏହି ଷ୍ଟାର୍ଟଅପଗୁଡ଼ିକ ୧୩ଟି ପ୍ରାଥମିକତା କ୍ଷେତ୍ର ଉପରେ କାର୍ଯ୍ୟ କରୁଛନ୍ତି ଏବଂ ଦେଶର ୨୦ରୁ ଅଧିକ ପ୍ରମୁଖ ଶିକ୍ଷାନୁଷ୍ଠାନ ସହିତ ଭାଗିଦାର ହୋଇଛନ୍ତି । ଜୁନ୍ ୧୪ ରୁ ୧୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବିଶ୍ୱର ଅନେକ ଆର୍ଥିକ ପ୍ରତିଷ୍ଠାନ, ଆନ୍ତର୍ଜାତୀୟ କମ୍ପାନୀ ଏବଂ ବୁଦ୍ଧିଜୀବୀମାନଙ୍କୁ ଆମନ୍ତ୍ରଣ କରାଯାଇଛି । ଏଠାରେ ଆଲୋଚନା ସହ ବ୍ୟବସାୟିକ ବୈଠକ ମଧ୍ୟ ଅନୁଷ୍ଠିତ ହେବ ।

ଏହି ମଞ୍ଚରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ଯୁବପିଢ଼ିଙ୍କ ଦ୍ୱାରା ପ୍ରସ୍ତୁତ ଏହି ଅଭିନବ ଉଦ୍ଭାବନଗୁଡ଼ିକୁ ସମଗ୍ର ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବେ । ଭାରତ ତଥା ବିଶ୍ୱର ସାଧାରଣ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସ୍ୱଳ୍ପ ବ୍ୟୟସାପେକ୍ଷ, ଉଚ୍ଚ ଗୁଣବତ୍ତାସମ୍ପନ୍ନ ଏବଂ ସହଜରେ ଉପଲବ୍ଧ ହୋଇପାରୁଥିବା ସମାଧାନ ପ୍ରସ୍ତୁତ କରିବା ପାଇଁ ସରକାର ସଂକଳ୍ପବଦ୍ଧ । ବିଶ୍ୱର କଲ୍ୟାଣ ପାଇଁ ଇନୋଭେସନ ଓ ଟେକ୍ନୋଲୋଜି କ୍ଷେତ୍ରରେ ସମ୍ପର୍କକୁ ଅଧିକ ମଜବୁତ କରିବା ଦିଗରେ ସହଯୋଗ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଫ୍ରାନ୍ସର ରାଷ୍ଟ୍ରପତି ଏବଂ ତାଙ୍କ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି ।କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଦୃଢ଼ତାର ସହ ପ୍ରକାଶ କରିଛନ୍ତି ଯେ ଏହି କାର୍ଯ୍ୟକ୍ରମର ସଫଳତା ପଛରେ ପ୍ରଧାନମନ୍ତ୍ରୀଙ୍କ ଭିଜନ ରହିଛି ଏବଂ ଏହା ଭାରତର ସଫଳତା ସହିତ ଓତପ୍ରୋତଃ ଭାବେ ଜଡ଼ିତ । ସମଗ୍ର ବିଶ୍ୱର ଆଜି ଭାରତର ଯୁବ ପିଢ଼ି ଉପରେ ସମ୍ପୂର୍ଣ୍ଣ ଭରସା ରହିଛି ଏବଂ ସେମାନେ ମାନବ ସମାଜର ବିଭିନ୍ନ ଆହ୍ୱାନର ସଫଳ ସମାଧାନ କରି ବିଶ୍ୱର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବେ ।ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ପ୍ରଫେସର ଅଜୟ କୁମାର ସୁଦ, ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀବୃନ୍ଦ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

### ଷ୍ଟାଫ୍ ନର୍ସ ନିଯୁକ୍ତିରେ ଦୁର୍ନୀତି ଅଭିଯୋଗ

# କଡ଼ା କାର୍ଯ୍ୟାନୁଷ୍ଠାନ ଦାବି

ତାଳଚେର : ତାଳଚେର ପବିତ୍ର ମୋହନ ପ୍ରଧାନ ସରକାରୀ ଚିକିତ୍ସାଳୟରେ ଷ୍ଟାଫ୍ ନର୍ସ ନିଯୁକ୍ତିରେ ହୋଇଥିବା କଥିତ ବ୍ୟାପକ ଦୁର୍ନୀତି ଓ ଅନିୟମିତତାର ପର୍ଦ୍ଦାଫାଶ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଅନୁଗୋଳ



ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବତନ ବିଧାୟକ ମୁକେଶ ପାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ବବିତା ପ୍ରଧାନ, ରାଜ୍ୟ ସମ୍ପାଦକ ବିପ୍ଳବ ଜେନା, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଅନୁଗୋଳ ପୌରପରିଷଦ ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତଙ୍କ ସମେତ ବହୁ ଜନପ୍ରତିନିଧି, ଦଳୀୟ ପଦାଧିକାରୀ ଓ କର୍ମୀମାନେ ଯୋଗଦେଇଥିଲେ। ବିକ୍ଷୋଭ ଶୋଭାଯାତ୍ରା ପରେ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଘଟଣାର ନିରପେକ୍ଷ ତଦନ୍ତ, ଦୁର୍ନୀତିର ପର୍ଦ୍ଦାଫାଶ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

# ଡାଲମିଆ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ, ରାଜଗାଙ୍ଗପୁରକୁ ଦେଶର ଏକ ନମ୍ବର ବେସରକାରୀ ଆଇଟିଆଇର ମାନ୍ୟତା

### ଭାରତର ମୋଟ ୧୪୬୧୭ଟି ସରକାରୀ ଓ ବେସରକାରୀ ଆଇଟିଆଇ ମଧ୍ୟରେ ୨ୟ ସ୍ଥାନ ହାସଲ କରିଛି।

ଭୁବନେଶ୍ୱର, ୧୨।୬: ଭାରତର ଅନ୍ୟତମ ପ୍ରମୁଖ ସିମେଂଟ କମ୍ପାନୀ ଡାଲମିଆ ସିମେଂଟ (ଭାରତ) ଲିମିଟେଡ ଏହା ଘୋଷଣା କରି ଗର୍ବିତ ଯେ, ଏହାର ଓଡିଶାର ରାଜଗାଙ୍ଗପୁରସ୍ଥିତ ଡାଲମିଆ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନ୍ ?ଷ୍ଟିଚ୍ୟୁଟ (ଆଇଟିଆଇ)କୁ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟୋଗିକତା ମନ୍ତ୍ରଣାଳୟ (ଏମଏସଡିଇ) ଦ୍ୱାରା ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ପରିଚାଳିତ ଅଲ୍ ଇଣ୍ଡିଆ ଆଇଟିଆଇ ଗ୍ରେଡିଂରେ ଭାରତର ଏକ ନମ୍ବର ବେସରକାରୀ ଆଇଟିଆଇର ମାନ୍ୟତା ଦିଆଯାଇଛି । ଏହି ଶିକ୍ଷାନୁଷ୍ଠାନ ଦେଶର ମୋଟ ୧୪୬୧୭ଟି ସରକାରୀ ଓ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିବା ସହ ୧୦ରୁ ୯.୭ର ଏକ ଉଲ୍ଲେଖନୀୟ ସ୍କ ?ର ହାସଲ କରିଛି। ଏହି ନୂତନ ସ୍ୱୀକୃତି ଶିକ୍ଷାନୁଷ୍ଠାନର ଉତ୍କର୍ଷତାର ମଜବୁତ ଟ୍ରାକ ରେକର୍ଡ ଯୋଗୁଁ ସମ୍ଭବ ହୋଇଛି, ଯାହା ପୂର୍ବରୁ ୨୦୨୪-୨୫ଆର୍ଥିକ ବର୍ଷରେ ଭାରତରେ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିଥିଲା। ଚଳିତ ବର୍ଷ ଶୀର୍ଷ ସ୍ଥାନକୁ ଏହାର ଉତ୍ ?ଥାନ ଗୁଣାତ୍ମକ ତାଲିମ, ଶିଳ୍ପ ପ୍ରାସଙ୍ଗିକତା ଓ ଶିକ୍ଷାର୍ଥୀଙ୍କ ସଫଳତା ଉପରେ ଏକ ସ୍ଥାୟୀ ଗୁରୁତ୍ୱକୁ ପ୍ରତିଫଳନ କରୁଛି। ଏହି ଶିକ୍ଷାନୁଷ୍ଠାନ ଫିଟର, ଇଲେକ୍ ?ଟ୍ରିସିଆନ, ମେକାନିଷ୍ଟ, ୱେଲ୍ଡର, କମ୍ପ୍ୟୁଟର ଅପରେଟର ଓ ପ୍ରୋଗ୍ରାମିଂ ଆସିଷ୍ଟାଂଟ (ସିଓପିଏ)ଏବଂ ସୋଲାର ଟେକ୍ନିସିଆନ ସମେତ ବିଭିନ୍ନ



ଟ୍ରେଡରେ ବୈଷୟିକ ତାଲିମ ପ୍ରଦାନ କରୁଛି। ଏକ ଉଲ୍ଲେଖନୀୟ ସଫଳତାରେ ଗତ ଦୁଇ ବର୍ଷରେ ନାମ ଲେଖାଇଥିବା ୧୩% ପ୍ରାର୍ଥୀ ମହିଳା ଥିବା ବେଳେ ୮୪% ପ୍ରାର୍ଥୀ ଅନୁସୂଚିତ ଜନଜାତି (ଏସଟି) ସମୁଦାୟର ଥିଲେ। ଏହି ସଫଳତାକୁ ପାଳନ କରିବା ପାଇଁ କମ୍ପାନୀ ଅଧିକାରୀଙ୍କ ଉପସ୍ଥିତିରେ ଡିସିବିଏଲ ପକ୍ଷରୁ ଶିକ୍ଷାନୁଷ୍ଠାନର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା, ଯାହା ଏହି ଜାତୀୟ ସ୍ୱୀକୃତି ହାସଲ କରିବାରେ ସେମାନଙ୍କର ସାମୂହିକ ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରିଛି। ଏହି ସଫଳତା ସମ୍ପର୍କରେ ଡିସିବିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରାଜଗାଙ୍ଗପୁର, ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ଚେତନ ଶ୍ରୀବାସ୍ତବ କହିଛନ୍ତି, "ଏହି ସ୍ୱୀକୃତି ଡାଲମିଆ ଭାରତ ପାଇଁ ଏକ ଗୌରବମୟ ସଫଳତା ଏବଂ ଆମର ଛାତ୍ରଛାତ୍ରୀ, ପ୍ରଶିକ୍ଷକ ଓ ଶିଳ୍ପ ସହଯୋଗୀଙ୍କ ଉତ୍ସର୍ଗୀକୃତତାର ଏକ ପ୍ରମାଣ। ଭାରତର ଶୀର୍ଷ ବେସରକାରି ଆଇଟିଆଇ ଭାବେ ସ୍ଥାନିତ ହେବା, ଯୁବପିଢ଼ି, ବିଶେଷ କରି ମହିଳା ଓ ଅଣସଂରକ୍ଷିତ ସମୁଦାୟଗୁଡିକ ପାଇଁ ନିରନ୍ତର ସୁଯୋଗ ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି, ଏଥିସହିତ ଭାରତର ଦକ୍ଷତା ଇକୋସିଷ୍ଟମକୁ ମଜବୁତ କରୁଛି ଓ ଦେଶ ପାଇଁ ଏକ ଭବିଷ୍ୟତ-ପ୍ରସ୍ତୁତ କର୍ମବଳ ସୃଷ୍ଟି କରୁଛି।" ଭାରତ ଏହାର ଦକ୍ଷତା ଓ ଉତ୍ପାଦନ ଲକ୍ଷ୍ୟଗୁଡିକୁ ଆଗକୁ ବଢାଇବା ଜାରି ରଖିଥିବାରୁ, ଡାଲମିଆ ଭାରତ ଶିଳ୍ପ-ସମନ୍ୱିତ ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଯୁବପିଢିଙ୍କୁ ସଶକ୍ତ କରିବା ଏବଂ ଆସନ୍ତାକାଲିର ସୁଯୋଗଗୁଡିକ ପାଇଁ ସୁସଜ୍ଜିତ ଏକ କର୍ମବଳ ଗଠନ କରିବା ପାଇଁ ପ୍ରତିବଦ୍ଧ ରହିଛି।

## ଭାଗବତ ପାଠ

ରାଜଗାଙ୍ଗପୁର,୧୨।୬: ଶ୍ରୀ ମଦ୍ ଭଗବତ୍ କଥାବାଚକ ୫ ଦିବସରେ। ରାଜଗାଙ୍ଗପୁର ପୈରପରିଷଦ ଅନ୍ତର୍ଗତ ମାରୱାଡ଼ି ଧର୍ମଶାଳା ଠାରେ ବିଶିଷ୍ଟ ସମାଜସେବୀ କମଳ ଅଗ୍ରୱାଲ ତାଙ୍କ ସହ ଧର୍ମୀଣି ଅନିତା ଅଗ୍ରୱାଲ ଙ୍କ ତତ୍ୱାବଧାନରେ କଥାବାଚକ ପୂଜ୍ୟ ଶ୍ରୀ ଅଚ୍ୟୁତ୍ୟ ପ୍ରଶନ୍ନଚାର୍ଯ୍ୟ ଜୀ ମହାରାଜ ଶ୍ରୀ ଧାମ ଅଯୋଧ୍ୟା ଜୀ ଏବଂ ମଞ୍ଚ ପରିଚାଳନା ସନାତନ ଧର୍ମ ପ୍ରଚାରକ



ରାମ ବାଳକ ଦାସ୍ ଅଯୋଧ୍ୟା ଜୀ ଙ୍କ ଦ୍ୱାରା ସଂଗୀତ ମୟ ଶ୍ରୀ ମଦ ଭାଗବତ କଥା ଗ୍ୟାନ ଯସ୍ କାର୍ଯ୍ୟକ୍ରମ ପଞ୍ଚମ ଦିବସ ରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତମାନେ ଉପସ୍ଥିତିରେ ଶ୍ରୀ ମଦ୍ ଭଗବତ୍ କଥାବାଚକ ଶାନ୍ତି ଶୃଙ୍ଖଳା ସହ ପାଳିତ ହେଉଛି। ସ୍ଥାନୀୟ ଛୋଟ ଛୋଟ ପିଲାଙ୍କ ଦ୍ୱାରା ଶ୍ରୀ କୃଷ୍ଣ ଗୋପାଳ ଙ୍କ ଛୋଟ ବେଳର କଥାକୁ ନେଇ ନୃତ୍ୟ ଗୀତ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପରିଶେଷରେ ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ର ଆୟୋଜନ କରାଯାଇଥିଲା।



ପବିତ୍ର ଏକାଦଶୀ ତିଥି ଅବସରରେ ବ୍ରହ୍ମପୁରର ବରିଷ୍ଠ ବିଜେଡି ନେତା ତଥା ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ପୂର୍ବତନ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଆଙ୍କୁଲି ଶେଷ ଜଗନ୍ନାଥ ମନ୍ଦିର ନିକଟସ୍ଥ ବଡ଼ ବନ୍ଧ ହୁଡାରେ ୫୦ଟି ବଟ ଗଛ ଓ ଅଶ୍ୱତ୍ଥ ଗଛ ର ? ?ପଣ କରାଯିବା ସହ ଗଛକୁ କିପରି ଯତ୍ନ ନେଇ ବଞ୍ଚାଇବା ସେନେଇ ସମସ୍ତଙ୍କୁ ଉପଦେଶ ଦିଆଯାଇଥିଲା । ତେବେ ପ୍ରକାଶ ଥାଉ କି, ପୂର୍ବରୁ ୧୦୮ ବଟ ଚାରା ରୋପଣ କରାଯାଇଛି ।

# ରାଜଗାଙ୍ଗପୁର/କଚ୍ଛପ ଗତିରେ ନୂତନ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ

ରରାଜଗାଙ୍ଗପୁର : ରାଜଗାଙ୍ଗପୁର ପୌରପରିଷଦ ଅନ୍ତର୍ଗତ ଟ୍ରାକସନ କଲୋନୀ ରୁ ବ୍ଲକ ଅଫିସ ମୁଖ୍ୟ ରାସ୍ତା ଓ ସାପ୍ତାହିକ ହାଟ ବଜାର କୁ ସଂଯୋଗ କରୁଥିବା ନୂତନ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ପ୍ରାୟ ତିନି ବର୍ଷ ଧରି କଚ୍ଛପ ଗତିରେ ନିର୍ମାଣ କୁ ନେଇ ଜନ୍ ଅସନ୍ତୋଷ ଦେଖାଦେଇଛି। ପ୍ରତିଦିନ ବାଜପାୟୀ ଛକ ରେଳ ଫାଟକ ବନ୍ଧ ଯୋଗୁଁ ସାଧାରଣ ଲୋକେ ଅତିଷ୍ଠ ହୋଇ ରାଜ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ନୂତନ ଓଭର ବ୍ରିଜ ନିର୍ମାଣ ପାଇଁ ଧାରଣା ପ୍ରତିବାଦ ସଭା ସମିତି କରି ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଉକ୍ତ ଟ୍ରାକସନ କଲୋନୀ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ତିନି ବର୍ଷ ବିତିଗଲା ପରେ ମଧ୍ୟ ବିଭିନ୍ନ ସମସ୍ୟା କୁ ନେଇ ତଥା ଜମି ଅଧିଗ୍ରହଣ ଗଛ କଟା ସମ୍ପୂର୍ଣ୍ଣ ହୋଇନଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଯଥାଶୀଘ୍ର ଉକ୍ତ



ସମସ୍ୟାର ସମାଧାନ କରି ଓଭର ବ୍ରିଜ ନିର୍ମାଣ ପାଇଁ ଜନସାଧାରଣ ରାଜ୍ୟ କେନ୍ଦ୍ର ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଓଡ଼ିଶାର ବିଜେପି ସରକାର ଜନତାଙ୍କ ବିଶ୍ୱାସ ହରାଇଛି : କଂଗ୍ରେସ

ଭୁବନେଶ୍ୱର ୧୧/୦୬ ରିଖ : ଓଡ଼ିଶାର ଡବଲ ଇଞ୍ଜିନ ସରକାରକୁ ୨ ବର୍ଷ ପୁରିବାକୁ ମାତ୍ର ଗୋଟିଏ ଦିନ ବାକି ଅଛି। ଜୁନ୍ ମାସ ୧୨ ତାରିଖ ଏ ସରକାର ପରମାୟୁ ୨ବର୍ଷ ଶେଷ ହେବ। କିନ୍ତୁ ଏ ଦୁଇବର୍ଷ ଭିତରେ ଓଡ଼ିଶାର କୌଣସି ପ୍ରାନ୍ତରେ ବିକାଶର ଚିହ୍ନବର୍ଣ୍ଣ ଦେଖିବାକୁ ମିଳିଲା ନାହିଁ। ନିର୍ବାଚନ ପୂର୍ବରୁ ଯେଉଁ ସଂକଳ୍ପ ପତ୍ର ୨୧ଟି ବିନ୍ଦୁ ଉପରେ ବିଜେପି ଦଳ ରାଜ୍ୟବାସୀଙ୍କ ନିକଟରେ ସଂକଳ୍ପ କରିଥିଲେ ସେ ସବୁ ସଂକଳ୍ପ କେବଳ ମିଛି ସଂକଳ୍ପ ଥିଲା ବୋଲି ଜଣାପଡିଗଲାଣି ।ଆଜି ପ୍ରଦେଶ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ଶ୍ରୀ ଦେବାଶିଷ ନାୟକ ଓଡ଼ିଶାର ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି ବୋଲି ସାମ୍ବାଦିକମାନଙ୍କୁ କହିଛନ୍ତି। ଶ୍ରୀ ନାୟକ କହିଛନ୍ତି ରାଜ୍ୟରେ ଏବେ ଅରାଜକତା ବିଚରଣ କରୁଛି। ଘରୁ ବାହାରିବାକୁ ଭୟ ଲାଗୁଛି। ରାଜ୍ୟରେ ଭିଡ ହିଂସା ଓ ଘୃଣା ହିଂସା ବହୁ ପରିମାଣରେ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି। ସରକାର କେବଳ ଆତ୍ମ ପ୍ରଚାରରେ ମାତିଛନ୍ତି। ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ, ଆସନ୍ତା ୧୨ ତାରିଖ ଏ ଡବଲ ଇଞ୍ଜି ସରକାରକୁ ୨ବର୍ଷ ପୁରିବ। ଏ ସରକାର ପାଖରେ ଦୁଇବର୍ଷର ପୂର୍ତ୍ତି ପାଳନ କରିବା ପାଇଁ କୌଣସି ଉପଲବ୍ଧି ନାହିଁ। ସରକାର ସବୁ କ୍ଷେତ୍ରରେ ବିଫଳତା ଅର୍ଜନ କରିଛନ୍ତି। ନିର୍ବାଚନ ପୂର୍ବରୁ ଖୋଦ ପ୍ରଧାନମନ୍ତ୍ରୀ ଏ ରାଜ୍ୟର ଦାୟିତ୍ୱ ନିଜେ ନେବେ ଏବଂ




ଓଡ଼ିଶାକୁ ଦେଶରେ ଏକ ନମ୍ବର ରାଜ୍ୟ କରିବେ ବୋଲି ଭରସା ଦେଇଥିଲେ। କିନ୍ତୁ ଦୁଇ ବର୍ଷ ଭିତରେ ଭାରତ ବର୍ଷରେ ଓଡ଼ିଶା ମହିଳା ମାନଙ୍କ ପ୍ରତି ହେଉଥିବା ସଂଗୀନଅତ୍ୟାଚାରରେ ପ୍ରଥମ ରାଜ୍ୟରେ ମାନ୍ୟତା ପାଇଛି। ଏ ଦୁଇ ବର୍ଷ ଭିତରେ ପ୍ରତିଦିନ ୧୫ ଜଣରୁ ଅଧିକ ମହିଳାମାନଙ୍କ ପ୍ରତି ସଂଗୀନ ଅପରାଧ ଘଟୁଛି। ଏପରିକି ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ପ୍ରତିଦିନ କେଉଁଠି ନା କେଉଁଠି ଘଟିଚାଲିଛି। ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତି ନିମ୍ନ ସ୍ତରକୁ ଚାଲିଯାଇଛି।

ଓଡ଼ିଶା ଆଜି ସାରା ବିଶ୍ୱରେ ଏଥିପାଇଁ ଘୋର ଅପମାନିତ ଓ ନିନ୍ଦିତ ହୋଇଛି ଏହା କ'ଣ ଡବଲ ଇଞ୍ଜିନ ସରକାର ଉପଲବ୍ଧି କି ବୋଲି ସେ ପ୍ରଶ୍ନ କରିଛନ୍ତି ? ଖାଲି ସେତିକି ନୁହେଁ ଏହି ଦୁଇ ବର୍ଷର ଶାସନ ସମୟରେ ରାଜ୍ୟରେ ୨୦ ହଜାର ୬୩ ଜଣ ମହିଳା ନିଖୋଜ ଅଛନ୍ତି ଏବଂ ୬ ହଜାର ୨୨୩ ଜଣ ଅପ୍ରାପ୍ତ ବୟସ୍କ ପିଲାମାନେ ନିଖୋଜ ଅଛନ୍ତି, ତନମଧ୍ୟରୁ ୮୭ପ୍ରତିଶତ କେବଳ ଅପ୍ରାପ୍ତ ବୟସ୍କା ଝିଅମାନେ ଅଛନ୍ତି। ରାଜ୍ୟରେ

ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ବହୁ ପରିମାଣରେ ବୃଦ୍ଧ ପାଇଛି। ପୁଲିସ ରକ୍ଷକ ସାଜିବା ପରିବର୍ତ୍ତେ ଆଜି ଭକ୍ଷକ ସାଜିଛି। ପ୍ରତିଦିନ ରାଜ୍ୟରେ କୌଣସି ନା କୌଣସି ଥାନାରେ ଥାର୍ଡ ଡିଗ୍ରୀ ଯୋଗୁ ଅଭିଯୁକ୍ତମାନେ ମୃତ୍ୟୁବରଣ କରୁଛନ୍ତି। ରାଜ୍ୟରେ ବିନାକାରଣରେ ସରକାରୀ ଦଳର ପ୍ରାୟୋଜିତ ଭିଡ ଓ ଘୃଣା ହିଂସା ସୃଷ୍ଟି କରି ସମାଜକୁ ବାôକ୍ଷର୍ପ; ଦିଆଯାଉଛି। ମିଛ ଗୋଚାଲାଣ ମାମଲାରେ ନିର୍ଦ୍ଦିଷ୍ଟ ଏକ ଜାତିର ନିରୀହ ଲୋକମାନଙ୍କୁ ପିଟି ପିଟି ମାରିଦେବା କ'ଣ ଆଇନର ଶାସନ ଚାଲିଛି ବୋଲି କହିବା କି ? ବିଜେପି ଦଳ କ୍ଷମତାକୁ ଆସିବାର ୭ଦିନ ମଧ୍ୟରେ ଚିଟ୍‌ଫଣ୍ଡ ଦ୍ୱାରା କ୍ଷତିଗ୍ରସ୍ତ ଜମାକାରିଙ୍କୁ ଟଙ୍କା ଫେରାଯିବାର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା। ୨୪ ମାସ ଭିତରେ ଚିଟ୍ ଫଣ୍ଡ ଜମାକାରୀଙ୍କୁ ତାଙ୍କ ଟଙ୍କା ଫେରସ୍ତ ମିଳୁନାହିଁ କାହିଁକି ? ରାଜ୍ୟର ଚାଷୀମାନଙ୍କର ସମସ୍ତ ଉତ୍ପାଦିତ ଧାନ କିଣାଯିବ ଓ କଟନୀ ଛଟନୀକୁ ସଂପୂର୍ଣ୍ଣ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ୨ ବର୍ଷ ଭିତରେ କଟନୀ ଛଟନୀ ୬ କିଲୋରୁ ୧୦କିଲୋକୁ ବୃଦ୍ଧି ପାଇଛି। ଚାଷୀମାନଙ୍କ ଧାନ କିଣାଗଲା ନାହିଁ। ଧାନ ବିକ୍ରି କରିବାର ୧୫ ଦିନ ମଧ୍ୟରେ ମଧ୍ୟ ତାଙ୍କୁ ଟଙ୍କା ମିଳିଲା ନାହିଁ। କ୍ଷମତାକୁ ଆସିବାର ୨ ବର୍ଷ ଭିତରେ ୬୫ ହଜାର ଯୁବକ ଓ ଯୁବତୀଙ୍କୁ ସରକାରୀ ନିଯୁକ୍ତି ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୨ବର୍ଷ ଶେଷ ହେଲା ।ଅନ୍ୟତମ ମୁଖପାତ୍ର ଶ୍ରୀମତୀ ଜୟଶ୍ରୀ ପାତ୍ର କହିଥିଲେ ଯେ ରତ୍ନଭଣ୍ଡାରର ଚାବି ହଜିବା ଠାରୁ ଆରମ୍ଭ କରି ଗଣତି ମଣତି ଏବଂ ମହାପ୍ରଭୁ ବଳଦେବ ଜିଉଙ୍କର ରଥାଯାତ୍ରା ସମୟରେ ପଡିଯିବା ଏପରିକି ରଥାଯାତ୍ରା ସମୟରେ ଯେଉଁ ନାହିଁ ନଥିବା ବିଭ୍ରାଟ ହେଲା ଏହା ଏ ସରକାରର ଏ ଅପାରଗତା ଯୋଗୁଁ ଘଟିଛି। ରାଜ୍ୟପାଳଙ୍କ ପୁଅ ଜଣେ ଓଡ଼ିଆ ଅଫିସରଙ୍କୁ ମାରିଲେ କିନ୍ତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଶୁନ। ଏହା କଣ ଓଡ଼ିଆ ଅସ୍ମିତା। ଆଜି ଡିଜି ପୁଲିସ, ଚିଫ୍ ସେକ୍ରେଟାରୀ ଠାରୁ ଆରମ୍ଭ କରି ବଡ ବଡ ପଦବୀରେ ସମସ୍ତ ଅଣଓଡ଼ିଆ ରାଜ କରୁଛନ୍ତି। ଏହା କଣ ଓଡ଼ିଆ ଅସ୍ମିତା ?

# ଏସ୍‌ଆଇଆର ୨୦୨୬ ଅବସରରେ ଭୋଟର ସଚେତନତା

ଭୁବନେଶ୍ୱର,୧୨।୬: ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶାଙ୍କ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ "No Eligible Elector to be Left Behind" ଶୀର୍ଷକରେ ଏକ ଭୋଟର ସଚେତନତା ପ୍ରତିଯୋଗିତା ଆୟୋଜନ କରାଯାଉଛି।

ଏହି ପ୍ରତିଯୋଗିତା ୩୦ ମେ ୨୦୨୬ ଠାରୁ ୦୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏଥରେ ନିମ୍ନଲିଖିତ ତିନୋଟି ବିଭାଗ ରହିଛି –

୧. ସ୍ଲୋଗାନ ପ୍ରତିଯୋଗିତା
୨. ସ୍କେଟ୍ ପ୍ରତିଯୋଗିତା
୩. ରିଲ୍ ମେକିଂ ପ୍ରତିଯୋଗିତା

ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ଇଲେକ୍ଟ୍ରୋରାଲ ଲିଟରେସି କ୍ଲବ୍ , ଏନ୍‌ଏସ୍‌ଏସ୍, ଏନସିସି ଯୁବକ ଯୁବତୀମାନଙ୍କୁ ଏହି ପ୍ରତିଯୋଗିତାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଉଛି। ପ୍ରତିଯୋଗିତା ସମ୍ବନ୍ଧୀୟ ବିସ୍ତୃତ ନିର୍ଦ୍ଦେଶାବଳୀ ଏବଂ ନିୟମାବଳୀ ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧିକାରୀଙ୍କ ଅଧିକାରିକ ୱେବସାଇଟରେ ଉପଲବ୍ଧ ଅଛି । Website- https://angul.odisha.gov.in.

ପ୍ରତିଯୋଗିତାରେ ପ୍ରସ୍ତୁତ ସମସ୍ତ ଏଣ୍ଟ୍ରି ୦୪ ଅଗଷ୍ଟ ୨୦୨୬ ସୁଦ୍ଧା election.angul@od.gov.in ଇ-ମେଲ୍ ମାଧ୍ୟମରେ କିମ୍ବା ସମ୍ପୃକ୍ତ ଶିକ୍ଷାନୁଷ୍ଠାନ/ରଜଙ ମାଧ୍ୟମରେ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଅନୁଗୋଳକୁ ପ୍ରେରଣ କରାଯିବ। ଜିଲ୍ଲାର ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀ ଏବଂ ଯୁବବର୍ଗଙ୍କୁ ଏହି ସୁଯୋଗର ସଦୁପଯୋଗ କରି ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଉଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ